ଧରିତ୍ରୀ 52 Years
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 14/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 52 | ମୂଲ୍ୟ ₹୭/-






ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା -୪.୯ ଡିଗ୍ରୀ ସେଲ୍‌ସିୟସକୁ ଖସିଯାଇଥିବାବେଳେ ଜଣେ ମହିଳା ଡାଲ୍ ହ୍ରଦ ଭିତରେ ଥିବା ଏକ କାଠପୋଲ ଦେଇ ଯାଉଛନ୍ତି।

# ୧୮ ସୁଦ୍ଧା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୩।୧ (ସୁସ୍ମିତା ସାହୁ)**

ଆସନ୍ତା ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାଙ୍କୁ ମଧ୍ୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବରରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆ କରି ୧ ଲକ୍ଷ ୭୮ ହଜାର ୩୧୮ ଜଣ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୋର୍ସ କୋଡ୍ 




# ଇରାନ୍ ଯୋଗୁ ଆଉ ୨୫% ଟାରିଫ୍

## ଭାରତ ବିରୋଧରେ ଅତିରିକ୍ତ ଦଣ୍ଡାତ୍ମକ ଶୁଳ୍କ ଘୋଷଣାକଲେ ଟ୍ରମ୍ପ

ପଶ୍ଚିମ ଏସୀୟ ଇସ୍‌ଲାମିକ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଯୋଗୁ ୨୦୨୫ ଡିସେମ୍ବର ଦ୍ୱିତୀୟାର୍ଦ୍ଧରୁ ମୁଣ୍ଡ ଟେକିଥିବା ଗଣଆନ୍ଦୋଳନରେ ଅଦ୍ୟାବଧି ୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ରକ୍ଷଣଶୀଳ ଇରାନ୍‌ରେ ଗୃହଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଏଥିରେ ହସ୍ତକ୍ଷେପ କରି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ୍ ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି, ଯାହାକି ତତ୍କାଳ ଲାଗୁ ହୋଇଛି। ଏଥିଯୋଗୁ ଭାରତ, ଚାଇନା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ତୁର୍କୀ, ପାକିସ୍ତାନ ଓ ଆର୍ମେନିଆ ଭଳି ତେହରାନ୍‌ର ବାଣିଜ୍ୟିକ ସହଯୋଗୀ ପ୍ରଭାବିତ ହେବେ ବୋଲି କୁହାଯାଉଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିବାବେଳେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଆଉ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ୫୦% ଟିକସର ସମ୍ମୁଖୀନ ହେବାରୁ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନି ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଟ୍ରମ୍ପଙ୍କ ସଦ୍ୟ ଘୋଷଣା ଆମେରିକୀୟ ବଜାରକୁ ପ୍ରବେଶ କରିବାକୁ ଥିବା ଭାରତର ସାମଗ୍ରୀଗୁଡ଼ିକ ପାଇଁ ୭୫% ଟିକସ ବୋଝ ପାଲଟିଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ୍/ତେହରାନ୍, ୧୩।୧ (ପି.ଟି./ରଏଟର୍ସ)**

ଇରାନ ସହ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହ ବାଣିଜ୍ୟ ଉପରେ ୨୫ ପ୍ରତିଶତ ଟାରିଫ୍ ଦେବାକୁ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ଇରାନର ବୃହତ ବାଣିଜ୍ୟ ସହଯୋଗୀ ଭାରତ, ଚାଇନା ଏବଂ ୟୁଏଇକୁ ପ୍ରଭାବିତ କରିପାରେ। ଏହା ଚୂଡ଼ାନ୍ତ ନିର୍ଦ୍ଦେଶନାମା ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଇରାନର ପ୍ରମୁଖ ବାଣିଜ୍ୟ ସହଯୋଗୀ ମଧ୍ୟରେ ☞ପୃଷ୍ଠା-୪

### ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

ଇରାନରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବ୍ୟାପୀ ଆନ୍ଦୋଳନ ଲାଗି ରହିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକୁ ବନ୍ଦ କରିବା ଲାଗି ଇରାନ ସରକାର ବଳ ପ୍ରୟୋଗ କରୁଥିବାରୁ ଅନେକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ନାଗରିକ ଅଶାନ୍ତି ଯୋଗୁ ଉକ୍ତ ଦେଶକୁ ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ ହୋଇଛି। କାରଣ ରପ୍ତାନିକାରୀମାନଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ହେବା ସହ ☞ପୃଷ୍ଠା-୪




# ଋଣ ଶୁଝିବା ପାଇଁ ମାସକର ଝିଅକୁ ବିକିଦେଲେ

**ଭଣ୍ଡାରିପୋଖରୀ, ୧୩।୧ (ରାଜେନ୍ଦ୍ର ଶତପଥୀ)**

ଋଣ ଶୁଝିବା ପାଇଁ ନିଜ ମାସକର ଝିଅକୁ ଅନ୍ୟକୁ ବିକ୍ରି କରିଦେଲେ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଗ୍ରାମରେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଜେଜେମା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ୩୫ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ନେଇ ଦମ୍ପତି ମଧ୍ୟ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଶିଶୁକନ୍ୟାର ଜେଜେମା' ସାବିତ୍ରୀ ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ସକାଳ ସାଢ଼େ ୯ଟା ବେଳେ ତାଙ୍କ ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ନେଇ ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିବା ବେଳେ ତାଙ୍କ ନାତୁଣୀ ସାଙ୍ଗରେ ନ ଥିଲା। ସେ ନାତୁଣୀ ☞ପୃଷ୍ଠା-୪





ନିମ୍ନ ଆୟ ଏବଂ ଦକ୍ଷିଣ ଆମେରିକା ସହ ୟୁରୋପୀୟ ୟୁନିୟନର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ମଙ୍ଗଳବାର ଫ୍ରାନ୍ସର କୃଷକମାନେ ୩୫୦ଟି ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

# ବିକ୍ଷୋଭକାରୀଙ୍କୁ ଗୁଳି କର: ଖାମେନେଇ

**ତେହରାନ,୧୩।୧**

ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିବାବେଳେ ଏହାକୁ ଦମନ କରିବାକୁ ବଳ ପ୍ରୟୋଗ କରାଯାଉଥିବାରୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ କେତେଜଣ ସୁରକ୍ଷା କର୍ମୀ ଥିବା ଏହାର ଜଣେ ଅଫିସର କହିଛନ୍ତି। ବିକ୍ଷୋଭକୁ ଦମନ କରିବାକୁ ବଳପ୍ରୟୋଗ କରାଯାଉଥିବା ନେଇ ଇରାନ କର୍ତ୍ତୃପକ୍ଷ ପ୍ରଥମ ଥର ସ୍ୱୀକାର କରିଛନ୍ତି। ଉଭୟ ବିକ୍ଷୋଭକାରୀ ଏବଂ ସୈନ୍ୟଙ୍କ ମୃତ୍ୟୁ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ଇରାନ ଅଧିକାରୀମାନେ କହିଛନ୍ତି। ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ ଆଧାରରେ ଇରାନ ଇଣ୍ଟରନ୍ୟାଶନାଲ ଏହି ରିପୋର୍ଟ କରିଛି।

**ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୨,୦୦୦**



ଆୟାତୋଲା ଅଲି ଖାମେନେଇ



ସରକାରଙ୍କ ସମସ୍ତ ୩ ବିଭାଗ ମୁଖ୍ୟଙ୍କ ସ୍ୱୀକୃତି ଏବଂ ଅନୁମୋଦନ କ୍ରମେ ସୁପ୍ରିମ ଲିଡର ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଜୀବନ୍ତ ଗୁଳିଚାଳନା କରିବାକୁ ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ ଏବଂ ବାସିଜ ମିଲିସିଆ ପ୍ରାଇମେରିକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି।

ଇରାନ ସରକାର ଅନ୍ୟୂନ ୩ ବର୍ଷ ହେଲା ସର୍ବବୃହତ୍ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଗତବର୍ଷ ଇସ୍ରାଏଲ ଓ ଆମେରିକା ମଧ୍ୟରେ ସଂଘର୍ଷ ପରେ ଅନ୍ତର୍ଜାତୀୟ ଚାପ ବଢ଼ିଛି। ଫଳରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନରେ ନାଗରିକ ଅଶାନ୍ତି ବୃଦ୍ଧି ପାଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବଠାରୁ ଦେଶକୁ ଶାସନ କରିଆସୁଥିବା ଇରାନର ଧର୍ମୀୟ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତି ଦ୍ୱୈତ ଆଭିମୁଖ୍ୟ ଆପଣାଇବାକୁ ଉଦ୍ୟମ କରୁଛନ୍ତି। ଆର୍ଥିକ ସମସ୍ୟାକୁ ନେଇ ହେଉଥିବା ଆନ୍ଦୋଳନକୁ ସରକାର ବୈଧ କହୁଥିବାବେଳେ ବିକ୍ଷୋଭକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରୁଛନ୍ତି। ଅପରପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଅଶାନ୍ତି ସୃଷ୍ଟି କରାଉଥିବା ସରକାର ଅଭିଯୋଗ କରିଛନ୍ତି। ଅଜଣା ଆତଙ୍କବାଦୀମାନେ ବିକ୍ଷୋଭକୁ ହାଇଜାକ୍ କରୁଥିବା ସରକାର କହିଛନ୍ତି। ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହଜାରଙ୍କୁ ଗିରଫ କରାଗଲାଣି ବୋଲି ପୂର୍ବରୁ ଏକ ଅଧିକାର ସଂଗଠନ କହିଥିଲା। କିଛିଦିନ ହେଲା ଇଣ୍ଟରନେଟ୍ ସଂଯୋଗ ବନ୍ଦ ରହିବା ସହ ଯୋଗାଯୋଗ କଟକଣା ଯୋଗୁ ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାହାରକୁ ଖବର ଆସିପାରୁନାହିଁ। ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସପ୍ତାହେ ହେଲା ରାତିବେଳା ହେଉଥିବା ସଂଘର୍ଷ ଭିଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ ସହ ହିଂସାତ୍ମକ ସଂଘର୍ଷ ସହ ଗାଡ଼ି ଏବଂ ଘର ପୋଡ଼ିଦିଆଯାଉଥିବା ଦେଖାଯାଇଛି।

## ୧୦ ମିନିଟ୍ ସମୟସୀମା ହଟାଇବେ ଡେଲିଭରି କମ୍ପାନୀ

**ନୂଆଦିଲ୍ଲୀ,୧୩।୧**

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ କୁଇକ୍ କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ୧୦ ମିନିଟ୍ ଡେଲିଭରି ସେବା ହଟାଇବାକୁ ମଙ୍ଗଳବାର ରାଜି ହୋଇଛନ୍ତି। ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋ କମ୍ପାନୀର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବ୍ଲିଙ୍କିଟ୍ ଏହାର ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ତୁରନ୍ତ ୧୦ ମିନିଟ୍ ଡେଲିଭରି ଟ୍ୟାଗ୍ ହଟାଇ ଦେଇଥିବାବେଳେ ଅନ୍ୟ ଡେଲିଭରି କମ୍ପାନୀଗୁଡ଼ିକ ଏହା କାର୍ଯ୍ୟକାରୀ କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ୧୦ ମିନିଟ୍ ଡେଲିଭରି ବ୍ୟବସ୍ଥା ହଟାଇବା ସହ ପୂର୍ବ ପେଆଉଟ୍ ଢାଞ୍ଚା ପୁନର୍ବାର କାର୍ଯ୍ୟକାରୀ କରିବା ଦାବିରେ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ କରାଯାଇଥିଲା। ଇଣ୍ଡିଆନ୍ ଫେଡେରେଶନ ଅଫ୍ ଆପ୍-ବେସ୍‌ଡ ଟ୍ରାନ୍ସପୋର୍ଟ ୱାର୍କର୍ସ (ଆଇଏଫ୍‌ଏଟି) ବ୍ୟାନରରେ ଏହି ଧର୍ମଘଟ ହୋଇଥିଲା, ଯେଉଁଥିରେ ଡେଲିଭରି କର୍ମଚାରୀ ଏବଂ କୁଇକ୍ କମର୍ସ କମ୍ପାନୀ ସହ ସମ୍ପୃକ୍ତ ଡ୍ରାଇଭରମାନେ ସାମିଲ ହୋଇଥିଲେ।

## ଦୁଃସାହସର ଦୃଢ଼ ଜବାବ ଦିଆଯିବ: ସେନାମୁଖ୍ୟ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

**ଅପରେଶନ ସିନ୍ଦୂର ଜାରି ରହିଛି**



ଉପେନ୍ଦ୍ର ଦ୍ୱିବେଦୀ

ଅପରେଶନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି ଦୁଃସାହସର ଠିକଣା ଜବାବ ଦିଆଯିବ ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିବା ସହ ପାକିସ୍ତାନକୁ ଦୃଢ଼ ବାର୍ତ୍ତା ପଠାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ କହିଛନ୍ତି, ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସତର୍କ ରହିବାକୁ ହେବ। ଅପରେଶନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବା ସହ ଇସଲାମାବାଦର ପରମାଣୁ ଦମ୍ଭକୁ ଭାଙ୍ଗିଥିଲା। ରଣନୈତିକ ମାନ୍ୟତା ପୁନଃସ୍ଥାପନରେ ଏହା ସହାୟକ ହୋଇଥିଲା। ସେତେବେଳେ ପାକିସ୍ତାନ କୌଣସି ଦୁଃସାହସ ଉଦ୍ୟମ କରିଥିଲେ ସଶସ୍ତ୍ର ବଳ ସ୍ଥଳଯୁଦ୍ଧ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିଲା ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

## ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍ ଉପରେ ରୁଷିଆର ଆକ୍ରମଣ: ୪ ମୃତ

**କିଭ୍,୧୩।୧**

ରୁଷିଆ ଗତ ୪ ଦିନ ମଧ୍ୟରେ ୟୁକ୍ରେନ୍ ଉପରେ ଦ୍ୱିତୀୟ ଥର ପାଇଁ ବଡ଼ ଧରଣର ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣ କରିଛି। ୟୁକ୍ରେନ୍ ବିଦ୍ୟୁତ୍ ଗ୍ରୀଡ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ୪ ଜଣଙ୍କ ଜୀବନ ଯାଇଛି। ୪ ବର୍ଷ ହେଲା ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ଆମେରିକା ନେତୃତ୍ୱରେ ଶାନ୍ତି ଉଦ୍ୟମ ଚାଲିଥିବାବେଳେ ଏହାର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ସୋମବାର ରାତିରେ ରୁଷିଆ ୩୦୦ ଡ୍ରୋନ୍, ୧୮ ବାଲିଷ୍ଟିକ୍ ମିଶାଇଲ ଏବଂ ୭ କ୍ରୁଜ୍ ମିଶାଇଲ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ ମିଡିଆରେ କହିଛନ୍ତି। ଉତ୍ତରପୂର୍ବ ଖର୍‌କିଭ୍ ଅଞ୍ଚଳର ଏକ ମେଲ୍ ଡିପୋରେ ହୋଇଥିବା ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କିଭ୍ ଅଞ୍ଚଳର ଅନେକ ଲକ୍ଷ ଘରକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ରାଜଧାନୀର ତାପମାତ୍ରା ବିୟୁକ୍ତ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ରାସ୍ତାଘାଟ ବରଫରେ ଘୋଡ଼ାଇହୋଇ ରହିଛି। ୪ ଦିନ ପୂର୍ବରୁ ରୁଷିଆ ୟୁକ୍ରେନ୍ ଉପରେ ଅନେକ ଶହ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ କରିଥିଲା।

## ୧ ଡଲାର= ୯୦.୨୩ ଟଙ୍କା

**ମୁମ୍ବାଇ,୧୩।୧(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ମଙ୍ଗଳବାର ୬ ପଇସା ହ୍ରାସ ପାଇ ୯୦.୨୩ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ଦର ପୁଣି ବଢ଼ିବା ଏବଂ ଧାତୁ ମୂଲ୍ୟ ବୃଦ୍ଧି ସାଙ୍ଗକୁ ପୁଞ୍ଜି ବଜାର ସ୍ଥିତିକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଭୂରାଜନୈତିକ ଉତ୍ତେଜନା ଏବଂ ଦୁର୍ବଳ ପୁଞ୍ଜିବଜାରକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଫଳରେ ଭାରତୀୟ ମୁଦ୍ରା ଉପରେ ଚାପ ବୃଦ୍ଧି ପାଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୨୪ରୁ ଆରମ୍ଭ ହୋଇ ଇଣ୍ଟ୍ରା-ଡେ'ରେ ସର୍ବନିମ୍ନ ୯୦.୩୦ରେ ପହଞ୍ଚିଥିବାବେଳେ ଶେଷରେ ୯୦.୨୩ ରହିଥିଲା। ସୋମବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୦.୧୭ ଥିଲା।

## ଭାରତରେ ସଂଖ୍ୟାଲଘୁ ବିରୋଧୀ ଘୃଣିତ ମନ୍ତବ୍ୟ ୧୩% ବଢ଼ିଛି

**ୱାଶିଂଟନ,୧୩।୧**

ଭାରତରେ ୨୦୨୫ରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଘୃଣିତ ବକ୍ତବ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଘୃଣିତ ମନ୍ତବ୍ୟ ଦେବା ବୃଦ୍ଧି ପାଇଥିବା ୱାଶିଂଟନର ଏକ ଗବେଷଣା ସଂସ୍ଥା ମଙ୍ଗଳବାର କହିଛି। ଇଣ୍ଡିଆ ହେଟ୍ ଲାବ୍ ନାମକ ଉକ୍ତ ସଂସ୍ଥା ୨୦୨୫ରେ ୧,୩୧୮ଟି ଉଦାହରଣର ଦସ୍ତାବିଜ ପ୍ରସ୍ତୁତ କରିଛି, ଯାହାକୁ ଉକ୍ତ ସଂସ୍ଥା ଘୃଣିତ ବକ୍ତବ୍ୟ କହିଛି। ୨୦୨୪ରେ ଏଭଳି ବକ୍ତବ୍ୟ ସଂଖ୍ୟା ୧,୧୬୫ ଏବଂ ୨୦୨୩ରେ ୬୬୮ ଥିଲା। ରାଜନୈତିକ ରାଲି, ଧର୍ମୀୟ ଶୋଭାଯାତ୍ରା ଓ ସାଂସ୍କୃତିକ ସମାବେଶରେ ଏଭଳି ବକ୍ତବ୍ୟ ଦିଆଯାଇଥାଏ। ସେଥିରୁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୧୬୪ଟି ଘଟଣା ଘଟିଥିବାବେଳେ ଏଥିସହିତ ଉକ୍ତ ଦଳ କିମ୍ବା ଏହାର ସହଯୋଗୀ ସିଧାସଳଖ ସମ୍ପୃକ୍ତ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଉପରେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ମତାମତ ଲୋଡ଼ାଯାଇଥିବାବେଳେ ଏହା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ମୋଦି ଓ ତାଙ୍କ ଦଳ ଏହାକୁ ପକ୍ଷପାତ କହି ଅସ୍ୱୀକାର କରିଛି। ସରକାରଙ୍କ ଖାଦ୍ୟ ସବ୍‌ସିଡି କାର୍ଯ୍ୟକ୍ରମ ଏବଂ ବିଦ୍ୟୁତୀକରଣ ପଦକ୍ଷେପ ସବୁ ସମ୍ପ୍ରଦାୟକୁ ସୁବିଧା ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଏପ୍ରିଲରେ ସର୍ବାଧିକ ୧୫୮ଟି ଘୃଣିତ ବକ୍ତବ୍ୟ ମଧ୍ୟରୁ ପ୍ରଥମ ୧୨ ଦିନରେ ପ୍ରାୟ ୧୦୦ ବକ୍ତବ୍ୟ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବକ୍ତୃତା ସଂଖ୍ୟା ବଢ଼ିଥିଲା।

**୨୦୨୫ରେ ୧,୩୧୮ ଘୃଣିତ ମନ୍ତବ୍ୟ**

୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଥିବା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଆଦି ଅଧିକାର ସଂଗଠନ କହିଛନ୍ତି। ଧର୍ମଭିତ୍ତିକ ନାଗରିକତ୍ୱ ଆଇନ ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହାକୁ ଜାତିସଂଘ ମୂଳତଃ ଭେଦଭାବପୂର୍ଣ୍ଣ ଏବଂ ଧର୍ମାନ୍ତରୀକରଣ ବିରୋଧୀ ଆଇନ ବୋଲି କହିଛି। ୨୦୧୯ରେ ମୁସଲମାନବହୁଳ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇଥିଲା ଏବଂ ମୁସଲମାନଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିଦିଆଯାଇଥିଲା ବୋଲି ଏଥିରେ କୁହାଯାଇଛି। ଆମେରିକାରେ ରହୁଥିବା କଶ୍ମୀରୀ ଖବରଦାତା ରକିବ୍ ହମିଦ ନାଏକ ଇଣ୍ଡିଆ ହେଟ୍ ଲାବ୍ ପ୍ରତିଷ୍ଠା କରିଛନ୍ତି। ୱାଶିଂଟନର ଅଣଲାଭକାରୀ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଅର୍ଗାନାଇଜ୍‌ଡ ହେଟ୍‌ର ଏହା ଏକ ପ୍ରୋଜେକ୍ଟ।

## ଶକ୍ସଗାମ୍ ଉପତ୍ୟକାକୁ ନିଜର ଦାବିକଲା ଚାଇନା

**ବେଜିଂ,୧୩।୧(ପି.ଟି.)**

ଶକ୍ସଗାମ୍ ଉପତ୍ୟକାକୁ ଚାଇନା ପୁନର୍ବାର ନିଜର ଦାବି କରିବା ପରେ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଅଞ୍ଚଳରେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର ଭିତ୍ତିଭୂମି ପ୍ରକଳ୍ପକୁ ଭାରତ ବିରୋଧ କରିଥିବାବେଳେ ଚାଇନା ଏହାକୁ ଖୋଲା ପ୍ରତ୍ୟାଖ୍ୟାନ କରିଛି। ଚାଇନାର ନିର୍ମାଣ କାର୍ଯ୍ୟ ନିଜ ଅଞ୍ଚଳରେ ହେଉଥିବାରୁ ସମାଲୋଚନାର ବାହାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ନୂଆଦିଲ୍ଲୀ ଚାଇନାର ଉକ୍ତ ଆଭିମୁଖ୍ୟକୁ ଜୋର୍‌ଦାର ବିରୋଧ କରିଛି। ଶକ୍ସଗାମ୍ ଉପତ୍ୟକା ଭାରତୀୟ ଅଞ୍ଚଳ ହୋଇଥିବାରୁ ନୂଆଦିଲ୍ଲୀ ଏହାର ସ୍ୱାର୍ଥର ସୁରକ୍ଷା କରିବ ବୋଲି କହିଛି।


## ପ୍ରେମରେ ପଡ଼ିଛନ୍ତି ଦିଶା



ଦିଶା ପଟାନି

**ମୁମ୍ବାଇ:** ପୁଣି ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ଦିଶା ପଟାନି। ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଦିଶାଙ୍କୁ ମିଳିଯାଇଛି ନୂଆ ଜୀବନ ସାଥୀ। ଉଦୟପୁରରେ କ୍ରିତି ସାନନଙ୍କ ଭଉଣୀ ନୁପୁର ସେନ୍ ଏବଂ ଷ୍ଟେବିନ ବେନ୍‌ଙ୍କ ବିବାହରେ ଦିଶା ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ସହ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। କୁହାଯାଉଛି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ ଦୁହେଁ ଏନେଇ କିଛି କହିନାହାନ୍ତି। ତଲବିନ୍ଦର ସିଂହ ସିଦ୍ଧୁ ଜଣେ ପଞ୍ଜାବୀ ଗାୟକ, ସଙ୍ଗୀତ ପ୍ରଯୋଜକ ଏବଂ ଗୀତିକାର। ସେ ପଞ୍ଜାବୀ ସଙ୍ଗୀତ ଶିଳ୍ପର ସବୁଠାରୁ ଲୋକପ୍ରିୟ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ଜଣେ। ତଲବିନ୍ଦର ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଏକ ରହସ୍ୟମୟ ଭାବନା ବଜାୟ ରଖନ୍ତି, ଏକ ସ୍ୱତନ୍ତ୍ର ମୁହଁ ରଙ୍ଗ ସହିତ ସଙ୍ଗୀତ ପ୍ରଦର୍ଶନ କରନ୍ତି। ସେ ଏହାକୁ ବାରମ୍ବାର ଏକ କଳାତ୍ମକ ପସନ୍ଦ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନକୁ ତାଙ୍କର ସାର୍ବଜନୀନ ପରିଚୟରୁ ପୃଥକ ରଖିବାରେ ସାହାଯ୍ୟ କରେ।

ନିକଟରେ ଦିଶା ରାଜସ୍ଥାନର ଉଦୟପୁରରେ ସାନନଙ୍କ ଭଉଣୀ ନୁପୁର ସାନନଙ୍କ ବିବାହରେ ଯୋଗ ଦେଇଥିଲେ। ବିବାହର ଅନେକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦିଶା ଏବଂ ତଲବିନ୍ଦରଙ୍କ ଏକ କ୍ଲିପ୍ ମଧ୍ୟ ରହିଛି। ଏଥିରେ ଉଭୟଙ୍କ ଅନ୍ତରଙ୍ଗ ଭାବେ ଦେଖିବାକୁ ମିଳିଛି।



# ଲୋକଦେଖାଣିଆ ଆଲୋଚନା



ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଶାସନକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଯେପରି ବିରୋଧୀ ଶୂନ୍ୟ ହୋଇଯାଇଛି। ଶାସକ ଦଳର ଅନେକ ବିଫଳତା ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ସେଗୁଡିକ ବିରୋଧରେ ମୁହଁ ଖୋଲିବାକୁ କେହି ଆଗକୁ ଆସିପାରୁନାହାନ୍ତି। ଭବିଷ୍ୟତରେ ମଧ ଏହା ସମ୍ଭବ ହୋଇପାରିବ ସେକଥା ଏଯାଏଁ ମନେହେଉନାହିଁ। ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସଲାସୁତୁରା ହୋଇ ଏବଂ ଭାଜପାକୁ ସମର୍ଥନକରି କିପରି ଶାସକ ଦଳ ସହ ମେଣ୍ଟ କରାଯାଇପାରିବ ସେଥିପାଇଁ ସୁଚିନ୍ତିତ ଭାବେ ବିଜେଡି କାର୍ଯ୍ୟକ୍ରମ ଆଗକୁ ନିଆଯାଉଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବିଧାୟକମାନଙ୍କ ହେଉଥିବା ଆଲୋଚନା ଏହାର ଏକ ବଡ଼ ଉଦାହରଣ। ସୂଚନାଯୋଗ୍ୟ, ନବୀନ ୧୦ ଜଣ ଲେଖା ବିଧାୟକଙ୍କୁ ଡାକି ସିଧାସଳଖ ଆଲୋଚନା କରୁଛନ୍ତି। ବୈଠକରେ ସେ ଯାହାସବୁ ଆଲୋଚନା କରୁଛନ୍ତି ସମାନ କଥା ଗଣମାଧ୍ୟମକୁ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଖବର ପ୍ରସାରଣ ପାଇଁ ଦେଇ ଦିଆଯାଉଛି। ଫଳରେ ନବୀନ କରୁଥିବା ବୈଠକ ଅନ୍ତସାର ଶୂନ୍ୟ କେବଳ ଫଟୋ ଛାଡ଼ି ରାଜନୀତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ବୈଠକରେ ଯୋଗଦେଉଥିବା ବିଧାୟକମାନେ କହୁଛନ୍ତି, ନବୀନଙ୍କ ସହିତ ଏଭଳି 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ବୈଠକ ପଛରେ ଲୋକଦେଖାଣିଆ ଉଦ୍ଦେଶ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ କହିବା କଥା, ଆଗକୁ ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏସବୁ ବିଜେଡି ହାତରେ ରହିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ରାଜ୍ୟ ସଭା ଆସନରେ ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ଗୋଟିଏ ଆସନ ପାଇଁ ମୂଳତଃ ରାଜନୀତି ହେବ। ହେଲେ ୪ର୍ଥ ଆସନ ଭାଜପାକୁ ଟେକିଦେବା ଲାଗି ବିଜେଡି ଏବେଠାରୁ ଅଙ୍କ କଷିବା ଆରମ୍ଭ କରିଦେଲାଣି। ସମଦୂରତା କଥା କହି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ ନୀରବ ରହିବାକୁ କହିଦେଲେ ସରଳ ବାଟରେ ସେହି ଆସନ ଖଣ୍ଡକ ଭାଜପା ନେଇଯାଇପାରିବ। ସେଥିପାଇଁ ନବୀନ ଏବେଠାରୁ ବିଧାୟକମାନଙ୍କ ସହ ଆଲୋଚନାକରି ଗୋଟିଏ ବାର୍ତ୍ତା ଆଗ ଦେବାକୁ ଚାହୁଁଛନ୍ତି, ସେ ସିଧାସଳଖ ଦଳର ନେତାମାନଙ୍କୁ ଭେଟି କଥା ହେଉଛନ୍ତି ଏବଂ ସମସ୍ୟା ବୁଝୁଛନ୍ତି। ଫଳରେ ଭାଜପାକୁ ପରୋକ୍ଷରେ ରାଜ୍ୟ ସଭା ଆସନ ଖଣ୍ଡକ ଟେକିଦେଲା ପରେ ନବୀନ କାହା ସହିତ ଭେଟୁନାହାନ୍ତି ବୋଲି ଯେମିତି ପ୍ରଶ୍ନ ନ ଉଠିବ। ଏଥିରୁ ଗୋଟିଏ କଥା ଦିନକୁ ଦିନ ସ୍ପଷ୍ଟହେବାରେ ଲାଗିଛି ଯେତିଦିନ ବିଜେଡି ରହିବ ସେତେଦିନ ରାଜ୍ୟରେ ଭାଜପା ଏକ ପ୍ରକାର ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ନିଜର ରାଜନୈତିକ ସଫଳ ଯାତ୍ରା ଆଗକୁ ନେଇପାରିବ। କାରଣ ବିଧାନସଭାରେ ବିଜେଡିର ବର୍ତ୍ତମାନ ୫୦ ଜଣ ବିଧାୟକ ରହିଛନ୍ତି। ଦୁର୍ବଳ କାର୍ଯ୍ୟକ୍ରମ ଜରିଆରେ ଯଦି ଏତେବଡ଼ ବିରୋଧୀ ଦଳର ବିଧାୟକମାନଙ୍କୁ ଏକ ପ୍ରକାର ପଙ୍ଗୁକରି ରଖିଦିଆଯାଉଛି ତେବେ ଭାଜପା ପାଇଁ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ। ଯଦି କେହି ବିଜେଡି ଛାଡୁଛନ୍ତି ସେମାନେ ଏମିତିରେ ଭାଜପାରେ ହିଁ ସାମିଲ ହେଉଛନ୍ତି। ରାଜ୍ୟରେ ଗୋଷ୍ଠୀକନ୍ଦଳ କାରଣରୁ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଜାତୀୟସ୍ତରରେ ମଧ କଂଗ୍ରେସର ନେତୃତ୍ୱ ପ୍ରତି ତାଙ୍କ ଦଳର ନେତାମାନଙ୍କ ଆସ୍ଥା ରହୁନାହିଁ; ଯେଉଁଥିଲାଗି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ଏଯାଏଁ କେହି ଅନୁଭବ କରିପାରୁନାହାନ୍ତି। ବିଜେଡି ଯେପର୍ଯ୍ୟନ୍ତ ଏମିତି ଚାଲିବ ସେପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ଦଳ ବା ରାଜନୈତିକ ସମୀକରଣ ସମ୍ଭବପର ହେବ ନାହିଁ ବୋଲି ଭାଜପାର ଚିନ୍ତନ ଟିମ୍ ଭଲଭାବେ ବୁଝିସାରିଛନ୍ତି। ତେଣୁ କାହିଁକି ବିଜେଡି ନ ଭାଙ୍ଗିବା ଦରକାର ବୋଲି ବହୁ ନେତା ଏବେଠାରୁ ପ୍ରଶ୍ନ ଉଠାଇ ନୂଆ ଆଞ୍ଚଳିକ ଦଳଟିଏ ଗଠନ ହେଉ ବୋଲି ଭାବୁଛନ୍ତି। ଅନ୍ୟପଟେ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ଥିବା ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇ ଭାଜପାର ଲୁକ୍କାୟିତ ସହଯୋଗୀ ସାଜିଛନ୍ତି ବୋଲି ଶାସକ ଦଳର କେତେଜଣ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି।

ସୂଚନାଯୋଗ୍ୟ, ଯଦି ୨୦୨୪ ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ଦେଶର ୩ଟି ଆଞ୍ଚଳିକ ଦଳ ଆନ୍ଧ୍ର ପ୍ରଦେଶର ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍ଆର୍ କଂଗ୍ରେସ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍ଏସ୍ ଏବଂ ଓଡ଼ିଶାର ବିଜେଡି ଅନେକ ସମୟରେ କେନ୍ଦ୍ର ସରକାରଙ୍କୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସମର୍ଥନ ଦେଇ ଆସିଲେ। ଏହି ଦଳଗୁଡିକ ଭାଜପା ସହ ମେଣ୍ଟ କରିବାକୁ ମଧ ବାରମ୍ବାର ଆଗ୍ରହ ଦେଖାଇଲେ। କିନ୍ତୁ ଭାଜପାକୁ ସମର୍ଥନ କରି ଆସୁଥିବା ଏହି ୩ ଆଞ୍ଚଳିକ ଦଳ ଶେଷରେ ନିପାତ ହୋଇଯାଇଛନ୍ତି। ମାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିସବୁ ଦଳ ପାଇଁ ଶିକ୍ଷଣୀୟ ହେବା ଦରକାର ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ମମତାଙ୍କ ଦଳ ଟିଏମ୍ସି(ତୃଣମୂଳ କଂଗ୍ରେସ)ର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ଆଇ-ପାକ୍ ସଂସ୍ଥା ଉପରେ ଭୋର୍ ସମୟରେ ଇଡି ପକ୍ଷରୁ ରେଡ୍ କରାଗଲା। ମମତା ସ୍ୱୟଂ ରେଡ୍ ଚାଲିଥିବା ସ୍ଥାନରେ ପହଞ୍ଚି ଇଡି ଚଢ଼ାଉ ନାଁରେ ତାଙ୍କ ବ୍ୟକ୍ତିଗତ ରଣନୈତିକ ଫାଇଲ୍ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗକରି ସେଗୁଡିକ ସେଠାରୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରକାର ରାଜନୈତିକ ମଞ୍ଚ ଜରିଆରେ ସିଧାସଳଖ ଟାର୍ଗେଟ କରୁଛନ୍ତି। ଏପରିକି ମମତାଙ୍କ ଦଳର ଏମ୍ପିମାନେ ନିକଟରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରେ ଯାଇ ଭାରତୀୟ ନିର୍ବାଚନ କମିଶନଙ୍କୁ କିପରି ପ୍ରଶ୍ନକଲେ ଏବଂ ଇଡି ଚଢ଼ାଉ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାସଭବନ ଘେରିଲେ ସେକଥା ଦେଶବାସୀ ଦେଖିଲେ। ଭବିଷ୍ୟତରେ ଟିଏମ୍ସିର ପରିସ୍ଥିତି କେଉଁଭଳି ହେବ ସେକଥା କହିବା ଏବେଠାରୁ କଷ୍ଟକର, ହେଲେ ଗୋଟିଏ ଅଞ୍ଚଳିକ ଦଳ କିପରି ନିଜର କାର୍ଯ୍ୟକ୍ରମ କରିବା ଦରକାର ଏହା ମମତାଙ୍କ ଦଳର ଏମ୍ପିମାନେ ମଧ ଦେଖାଇଦେଲେ। ବିଗତ ଦିନରେ ଲୋକ ସଭାରେ ୨୧ରୁ ୨୦ ଏମ୍ପି ବିଜେଡିର ଜିତିଥିଲେ। ହେଲେ ସେମାନେ ସବୁ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ଆଣୁଥିବା ସବୁ ବିଲ୍କୁ ସମର୍ଥନ କରିଚାଲିଲେ। ଶେଷରେ ୨୦୨୪ରେ ଓଡ଼ିଶା ଲୋକମାନେ ଲୋକ ସଭାରେ ବିଜେଡିକୁ ଶୂନରେ ପହଞ୍ଚାଇବା ସହ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଂଖ୍ୟା ୨୦ କରିଦେଲେ।

କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନବୀନଙ୍କ ଏକାନ୍ତ ଅନୁଗତ ଥିବା ପାଣ୍ଡିଆନ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ସହ ଦଳର ଅନେକ ନେତା ଯୋଗାଯୋଗରେ ଅଛନ୍ତି। ବହୁ ନେତା ତାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ମଧ ଯାଉଛନ୍ତି। ଯେଉଁମାନେ ତାଙ୍କୁ ଭେଟୁଛନ୍ତି ସେ ସମସ୍ତଙ୍କୁ ପାଣ୍ଡିଆନ୍ ଯେଉଁ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ରାଜନୀତି ହେବାକୁ ଅଛି ସେ କ୍ଷେତ୍ରରେ ଦଳ ସମଦୂରତା ନୀତି ଆପଣାଇବ ବୋଲି କହୁଛନ୍ତି। ଅନ୍ୟପଟେ ୨୦୨୯ରେ ଭାଜପା ସହ ମେଣ୍ଟ ହେବ ଏବଂ ଯେଉଁମାନେ ତାଙ୍କ ସହିତ ରହିବେ ସେମାନଙ୍କୁ କିପରି ଟିକେଟ ମିଳିବ ସେ ଦାୟିତ୍ୱ ତାଙ୍କର ବୋଲି କହୁଛନ୍ତି। ତାଙ୍କ ଉପରେ ଭରସା କରିବାକୁ ହେଲେ ଯେଉଁ ଅଫିସରମାନେ ବିଜେଡି ଶାସନ ସମୟରେ ପାୱାରଫୁଲ୍ ଥିଲେ ସେମାନେ ଏବେ ସୁବିଧାରେ ନା ଅସୁବିଧାରେ ଅଛନ୍ତି ସେକଥାକୁ ଲକ୍ଷ୍ୟ କରି ସବୁକିଛି ବୁଝିଯାଆନ୍ତୁ ବୋଲି ପାଣ୍ଡିଆନ୍ କହୁଛନ୍ତି। ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ସେକଥା ମଧ ପାଣ୍ଡିଆନ୍ କୁଆଡ଼େ କହି ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ ପରୋକ୍ଷରେ ପ୍ରଚାର ଆରମ୍ଭ କରିଦେଲେଣି।




## ଶିମିଳିପାଳରେ ପାରଦ ପୁଣି ୧ ଡିଗ୍ରୀକୁ ଖସିଲା

ବାରିପଦା, ୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ୩ ଦିନ ପରେ ପୁଣି ପାରଦ ନିମ୍ନଗାମୀ ରହିଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୮ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥୀ, ସାତକୋଶିଆରେ ଏବଂ କିଆଝରୀରେ ୧୧ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଶୀତର ପ୍ରକୋପ ପୁନଶ୍ଚ ବୃଦ୍ଧିପାଇଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
Dreaming of restarting your career? It's time to shine, again!
ନୂଆ ଆରମ୍ଭ A New Beginning
Applications are invited for
NUA AARAMBHA: A New Beginning!
Second Career for Women Candidates
JOB OPPORTUNITIES in The Tata Power Company for its Distribution Business in Odisha
(TPCODL, TPNODL, TPSODL, TPWODL)
Tata Power, in joint venture with the Government of Odisha, manages power distribution through four DISCOMs (TPCODL, TPNODL, TPSODL, TPWODL) with a focus on reliability, customer service, and innovation across the state. Applications are invited from eligible women candidates currently on career break to apply for roles across four Odisha DISCOMs.
DEPARTMENTS
1. Operation & Maintenance 2. Commercial Function and Customer Services 3. Information Technology 4. Engineering & Quality 5. Contract & Procurement 6. HR & Administration 7. Finance & Accounts 8. Legal & Secretarial
ELIGIBILITY
- **Career Break:** Women candidates who are **currently on a career break** are encouraged to apply for the position in the departments listed above. **Note: Career break must have started on or before 1 January 2025.**
- **Professional Qualifications:** Applicants should have completed a regular full-time course in **B. Tech/ B.E/ Diploma in Electrical Engineering, MBA, LLB, MCA, CA, CS, ICWA** or any other equivalent professional qualification.
- **Academic Performance:** Candidates are required to have minimum 60% marks or above in all academic qualifications.
- **Work Experience: Minimum 2-year full time relevant work experience, post highest qualification** will be considered.
- **Age Limit:** Candidates must be **up to 40 years of age as on 1 January 2026.**
(Preference will be given to candidates who are domiciled in Odisha)
HOW TO APPLY
Last date for application: 23rd January 2026 at 11:59 PM. Scan the QR code to fill up the Application Form. You may reach out to **sandesh.centralhr@tpcentralodisha.com** for issues faced, if any. Please mention the subject as –
**"TP Odisha DISCOMs - Nua Aarambha: Second Career for Women Candidates".**
*Your Purpose.Full journey begins here!*
Scan this QR code to apply now!

# ଆଞ୍ଚଳିକ ବୈଷମ୍ୟ ଦୂରହେବ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝରରେ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'କଫି ଟେବୁଲ ବୁକ୍'କୁ ଉନ୍ମୋଚନ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡା. ଫକୀର ଚରଣ ନାୟକ, ଡିଏଫ୍ଓ ଏଚ୍ଡି ଧନରାଜ, ଏସ୍ପି ନୀତିନ୍ କୁଶଲକର ଉପସ୍ଥିତ ଅଛନ୍ତି।

କେନ୍ଦୁଝର, ୧୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବର୍ତ୍ତମାନ ସମୟ କେନ୍ଦୁଝର ଜିଲାର ବିକାଶ ପାଇଁ ଠିକ୍ ସମୟ। ଯେବେଠୁ ମା' ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ ଇଞ୍ଜିନ ଲାଗିଛି। କେନ୍ଦୁଝର କେବଳ ଏକ ଜିଲା ନୁହେଁ ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ତଥା ୭୧ଟି ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲା ଭାବରେ ପ୍ରତିଷ୍ଠା ହାସଲ କରିବ। ଭାଜପା ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଆଞ୍ଚଳିକ ବୈଷମ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାଜପା ସରକାର ଆସିବା ମାତ୍ରେ ଲୋକଙ୍କ ଅଭିଯୋଗକୁ ସମାଧାନ ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ୨ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଚଢ଼େଇ ନାମକ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍ଏଚ୍ଜି ଗ୍ରୁପ୍ର ମହିଳା ହିତାଧିକାରୀଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ।

ସୂଚନା ଅନୁଯାୟୀ, ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେଶନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତୀକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରି, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି। ପୂର୍ବରୁ ଘୋଷଣା ଅନୁଯାୟୀ ୫୦ କୋଟି ଟଙ୍କା ବିନିଯୋଗରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର, ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଗଲା। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର୍, ଆଇସିଟି ଲାବ୍ ଓ ବାଉଣ୍ଡରି ୱାଲର ଉଦ୍ଘାଟନ କରାଯାଇଛି। ଏଥିସହ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ପ୍ରତିଷ୍ଠା, ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ସ୍କିଲ ଟ୍ରେନିଂ ଦେବା ପାଇଁ ଡିଏମ୍ଏଫ୍ ଖଣି ଶକ୍ତିର ଉଦ୍ଘାଟନ ଆଦି କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍ପି ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସ୍ପି ନୀତିନ୍ କୁଶଲକୁର, ଡିଏଫ୍ଓ ଏଚ୍ଡି ଧନ୍ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୭,୧୯୦ ନୂଆ ବୁଥ୍କୁ ଇସିଙ୍କ ଅନୁମୋଦନ

ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକାର ସଂଶୋଧନ(ଏସ୍ଆଇଆର୍) ପୂର୍ବରୁ ୭,୧୯୦ଟି ନୂତନ ବୁଥ୍କୁ ଭାରତର ନିର୍ବାଚନ ଆୟୋଗ(ଇସି) ଅନୁମୋଦନ କରିଛନ୍ତି। ଏହି ନୂତନ ବୁଥ୍ ସହ ରାଜ୍ୟରେ ବୁଥ୍ସଂଖ୍ୟା ୪୫ ହଜାର ୨୫୭ରେ ପହଞ୍ଚିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩୮,୦୬୭ଟି ବୁଥ୍ ଥିଲା। ଏସ୍ଆଇଆର୍ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସିଇଓଙ୍କ ତରଫରୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଆୟୋଗଙ୍କ ଅନୁମୋଦନକ୍ରମେ ବୁଥ୍ସଂଖ୍ୟା ଏବେ ୪୫ ହଜାର ୨୫୭ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିପାରିବ ବୋଲି ମିଶ୍ର କହିଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶାରେ ଏସ୍ଆଇଆର୍ ଲାଗୁହେବା ଲାଗି ଦୀର୍ଘ ୫ ମାସ ଧରି ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ନୂଆପଡ଼ା ଉପନିର୍ବାଚନ ଯୋଗୁ ଏସ୍ଆଇଆର୍ ଘୋଷଣା ତାଲିକାରୁ ଓଡ଼ିଶା ରହିଯାଇଥିଲା। ତେବେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ବୁଥ୍ରେ ୧୨୦୦ରୁ ଅଧିକ ଭୋଟର ରହିପାରିବେ ନାହିଁ। ତା'ଠାରୁ କମ୍ ରହିଲେ ଚଳିବ, ମାତ୍ର ଅଧିକ ହେବନାହିଁ। ଏନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାକୁ ତାଲିମ୍ ପ୍ରଦାନ କରାଯାଇଥିଲା।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ଉତ୍ସବ ପାଳନ, ସ୍ଥାନ:ଗୋଖିବାବା ଆଶ୍ରମ, ସୁନ୍ଦରପଦା, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଜନମଙ୍ଗଳ ପରିଷଦ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳନ, ସ୍ଥାନ: ଜନ ମଙ୍ଗଳ ପରିଷଦ ଧାରଣାସ୍ଥଳ, ସମୟ: ମଧ୍ୟାହ୍ନ ୧୨ଟା।
- କିଟ୍ ପକ୍ଷରୁ ଚେସ୍ ମହାକୁମ୍ଭ– ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ମେ ଫେୟାର, ଅର୍କିଡ୍ ହଲ୍, ସମୟ: ଅପରାହ୍ନ ୧ଟା।
- ଜନ ନେତ୍ରୀ ବୀଣାପାଣି ଦାସଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦସଭା ଗୃହ, ସମୟ: ଅପରାହ୍ନ ୪ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।

**କଟକ**

- ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ବୈଭବ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି ପ୍ରେକ୍ଷାଳୟ, ବାରପଥର, ସମୟ: ସକାଳ ୯ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର–୭ ମର୍କତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଂହନାଥ ଦେବଙ୍କ ପ୍ରସିଦ୍ଧ ମକରମେଳା ଉତ୍ସବ, ସ୍ଥାନ: ସିଂଘନାଥ ଦେବଙ୍କ ମନ୍ଦିର ପରିସର, ଗୋପୀନାଥପୁର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସିଡିଏ ସେକ୍ଟର–୬, ସମୟ: ସନ୍ଧ୍ୟା ୫ଟା ୩୦।

**ଖୋର୍ଦ୍ଧା**

- ମା' ବୁଢ଼ୀ ଭୂୟାଁଣୀ ଦେବୀଙ୍କ ମକର ଉତ୍ସବ, ସ୍ଥାନ: ବୋଲଗଡ଼, ସମୟ: ସକାଳ ୮ଟା।
- ନନ୍ଦିଘୋଷର ମକର ମିଳନ ଅବସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମକର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅତ୍ରି ଉଷ୍ମ ପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**

- ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଆନ୍ତଃଜିଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଭା, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ଜିଲା କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଜହତା ଚଉଦମାଦଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- କ୍ରିକେଟ୍ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**

- ମା' ଦପନାୟକାଣୀଙ୍କ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ବଉଳାଶୁଣୀ ପୀଠରେ ମକର ମେଳା, ସ୍ଥାନ: ନିଳୋକ ବଉଳାଶୁଣୀ ପଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ମକର ମେଳା, ସ୍ଥାନ: ବିଦେଇପୁର, ସୁଗୋ, କଇଥା, କୁସୁନିବିନ୍ଧା, ଦଧିବାମନପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।

**ବ୍ରହ୍ମପୁର**

- ଆନ୍ଧ୍ର ମହିଳା ସମାଜର ମକର ସଂକ୍ରାନ୍ତି, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୭ଟା।

**ଗଞ୍ଜାମ**

- ହରିହର ଭେଟ ଏବଂ ମୁଆଁ ଫିଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବାଲିପଦର ମକର ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**

- ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ମିଳନ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ଅଉଖମା, ଭାପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ମହୋତ୍ସବ, ସ୍ଥାନ: ଅଉଖମା ସଦର ବ୍ଲକ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**

- ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ସାହାଡ଼ା ସୁନ୍ଦରୀ ପୀଠରେ ମକରଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ପୋଙ୍ଗଲ କାର୍ଯ୍ୟକ୍ରମ, ସ୍ଥାନ: ନୋଳିଆସାହି, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା, ଶ୍ରୀଚନ୍ଦ୍ର ମୌଳେଶ୍ୱରୀ ମନ୍ଦିର, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, ସମୟ: ପ୍ରାତଃ ୫ଟା।
- ସାର୍ବଜନୀନ ଗଙ୍ଗାପୂଜା ଓ ମକର ମେଳା, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଓଳାଶୁଣୀ ପୀଠ ପରିସର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଛତ୍ରପତି ଶିବାଜୀ ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ : ଯାଜପୁର ରୋଡ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା୩୦।
- ମକର ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ପଳାଇସ୍ଥିତ ଗଙ୍ଗୀ ପାହାଡ଼, ସକାଳ: ୮ଟା।
- ମହାପୁରୁଷ ହାଡ଼ିଦାସଙ୍କ ୨୫୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚମ୍ପାପୁର, ଛତିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁନ୍ଦରିଆ ପ୍ରିମିୟମ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ସୁନ୍ଦରିଆ ମିନି ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୧ଟା।
- ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଆଲୋଚନାଚକ୍ର, ସ୍ଥାନ: ବୌଦ୍ଧ ପୀଠ ଉଦୟଗିରି, ସମୟ: ଅପରାହ୍ନ ୨ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଅଖିଳଚନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**

- ରାମ ଚରିତ ମାନସ ପାରାୟଣର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ମକର ସକ୍ରାନ୍ତି ଅବସରରେ ଉତ୍ତରାୟଣୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ଅୟମାରମ୍ଭ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ଭୂୟାଁଣୀ ମକରଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ମକରଯାତ୍ରା ଉଦ୍‌ଘାଟନ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳା ଅୟାମ୍ବରମ୍ଭ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସରେ ମ୍ୟାଚ ଏସଟିଏଫସି କାଶ୍ମୀର ବନାମ ସାନ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ମକର ଯାତ୍ରା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା ୩୦।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସନ୍ଧ୍ୟା ୭ରୁ ରାତି ୧୦ଟା।

**ରାୟଗଡ଼ା**

- ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପୋଙ୍ଗଲ ଉପଲକ୍ଷେ ଫ୍ୟାନ୍‌ସି ଡ୍ରେସ ଓ ପାରମ୍ପରିକ ପୋଷାକ ପ୍ରତିଯୋଗିତା, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର ନିକଟ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**

- ଫକୀର ମୋହନ ପାଠଶାଳର ୧୮ତମ ସ୍ୱନକ୍ଷତ୍ର ଦିବସ, ମକର ମିଳନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶହୀଦ ମିନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାପଡ଼ାହାଣ୍ଡି ଆଦିବାସୀ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**

- ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗି ପୋଡା, ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପୋଲିସ ପଡିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋରା ସୁବୁଲାର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୋଡ଼ାଗଡ଼, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।

**ସମ୍ବଲପୁର**

- ସଙ୍କଟମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଢ଼ାହିଲ ଶ୍ରୀଶ୍ରୀ ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତିନି ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ– ୨୦୨୬ ମଥୁରା ନଗରୀ ଓ ଗୋପପୁର କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୯ଟା।
- ଦଲେଇପଡା ହନୁମାନ ମନ୍ଦିର କମିଟି ଆୟୋଜନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା, ସ୍ଥାନ: ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସିଦ୍ଧ ଠେମରା ମେଳା–୨୦୨୬ ଶୁଭାରମ୍ଭ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**

- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍.ଏନ୍. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**

- ଦିବ୍ୟକଲ୍ୟାଣମ୍, ସ୍ଥାନ: ଛେଣ୍ଡ ଶ୍ରୀ ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣରେଖା ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମକରପର୍ବ ପାଳନ, ସ୍ଥାନ: ଝିରପାଣି, ସମୟ ପୂର୍ବାହ୍ନ ୧୧ଟା।
- ଧାମରା ସଂଘ ପରିସରରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସବ୍‌ଜୁନିୟର କ୍ରିକେଟ୍ ମ୍ୟାଚ ଉଦ୍‌ଯାପନୀ, ସ୍ଥାନ: ଡିଏଭି ଖେଳପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାନସ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।

**ବରଗଡ଼**

- ବିରାଟ ମକର ମହୋତ୍ସବ, ସ୍ଥାନ: ପୁଡାପାଲି, ବରଗଡ଼,ସମୟ:ଅପରାହ୍ନ ୨ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଲିପାଲି, ବରଗଡ଼, ସମୟ:ଅପରାହ୍ନ ୩ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ,ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**

- ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ଡୁକୁଲୁଣ୍ଡା ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବ ଓ କଳସ ଶୋଭାଯାତ୍ରା, ସ୍ଥାନ: ଡୁକୁଲୁଣ୍ଡା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପ୍ରାତଃ ୫ଟା।
- ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**

- ମକର ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ମକରସଂକ୍ରାନ୍ତି ଅବସରରେ ୨୪ପ୍ରହାର ନାମଯଜ୍ଞ ଆରମ୍ଭ, ସ୍ଥାନ: ପୁଲେଶର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୩ୟ ଦଧିବାମନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସାଗଜୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମକର ମିଳନ ମହୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**

- ବାନରସେନା ପକ୍ଷରୁ ମକର ସଂକ୍ରାନ୍ତି ପାଳନ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଊଣା ହେବନାହିଁ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖି ପାରି ନ ଥିବା ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସୀ ହେବେ। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ସହଯୋଗୀର ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ** – ବନ୍ଧୁଙ୍କ ସାହାଯ୍ୟ,ସହଯୋଗ ଓ ସହାନୁଭୂତି ଆପଣଙ୍କ ଆଶା ଓ କାମନା ପୂରଣ ଦିଗରେ ସହାୟକ ହେବ। ଯେତେ ଭଲ କାମ କଲେ ମଧ୍ୟ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ।

**ମିଥୁନ** – ଆଜି ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଆପଣଙ୍କୁ ନିରୁତ୍ସାହିତ କରିବ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣାଜନିତ ପାରସ୍ପରିକ ବିତର୍କଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** – ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ କାର୍ଯ୍ୟହାସଲ ଦିଗରେ ଅନ୍ତରାୟ ସୃଷ୍ଟି କରିବାର ସୂଚନା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ ସାହାଯ୍ୟ କରିବା ପାଇଁ ମନସ୍ଥ କରିବେ। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ** – କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଆଜି ଯେକୌଣସି ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ,କଚେରି ମାମଲାରେ ଆଶାଜନକ ଫଳ ପାଇବେ।

**ତୁଳା** – ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଅଭିଯୋଗ ସକାଶେ ଚିନ୍ତିତ ରହିପାରନ୍ତି।

**ବିଛା** – ଅନୁକୂଳଗ୍ରହ ପ୍ରଭାବରେ ଆଜି ଆପଣ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** – କର୍ମକ୍ଷେତ୍ରରେ ସାମ୍ୟତା ଅପରିବର୍ତ୍ତିତ ରହିବା କାରଣରୁ ମାନସିକ ଶାନ୍ତି ଅକ୍ଷୁଣ୍ଣ ରହିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମୂହିକ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** – ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷ ପର୍ଯ୍ୟାୟକୁ ନେବାପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଆପଣଙ୍କୁ କାମରେ ନିୟୋଜିତ କରିବେ।

**କୁମ୍ଭ** – ପାରିବାରିକ ଅସ୍ଥିରତା ଦୂର କରିବାରେ ଶୁଭଚିନ୍ତକ ମାର୍ଗଦର୍ଶକ ସାଜିପାରନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ହଠାତ୍ ବଦଳିଯିବା କାରଣରୁ ଅନେକ ଆଶା ଓ କଳ୍ପନା ମନରେ ଜାଗି ଉଠିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି। ରଚନାତ୍ମକ କାର୍ଯ୍ୟ, ସଙ୍ଗୀତ ସମାରୋହ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହୋଇପାରନ୍ତି।

**ମୀନ** – ଆଜି ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତରଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ। ମକର ସଂକ୍ରାନ୍ତି, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ଶୁଦ୍ଧକାଳ ଆରମ୍ଭ, ମକରବ୍ରତ, ଗଙ୍ଗାସାଗର ସ୍ନାନ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ପୋଙ୍ଗଲ, ଓଳାଶୁଣି ଯାତ୍ରା, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର। ରାଶିନକ୍ଷତ୍ର–ଅନୁରାଧା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁ କାଳ।

# ୪ ଦିନରେ କେନ୍ଦ୍ର ଦେଲାଣି ୪,୬୦୦ କୋଟିର ଅନୁଦାନ

**ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)**

ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏଥିପାଇଁ କେନ୍ଦ୍ରୀୟ ଅନୁଦାନର ବଡ଼ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୬ ଜାନୁଆରୀରେ ମାତ୍ର ୪ ଦିନରେ ଯୋଜନାର ଅଂଶଧନ ବାବଦକୁ ୪ ହଜାର ୬୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଏହାକୁ ନେଇ ସରକାରୀସ୍ତରରେ ଚର୍ଚ୍ଚା ଏବେ ଜୋର୍ ଧରିଛି। ପୋଲିସକୁ ଅଧିକ ଗତିଶୀଳ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ଇଂଲିଶ ନୂଆବର୍ଷରେ କେନ୍ଦ୍ର ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାରେ କେନ୍ଦ୍ରୀୟ ଅଂଶଧନ ବାବଦକୁ ଓଡ଼ିଶାକୁ ୪,୬୦୦ କୋଟି ଟଙ୍କାର ଅନୁଦାନ ଆସିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଜାନୁଆରୀ ୯ରେ ୭ଟି ପର୍ଯ୍ୟାୟରେ ପ୍ରାୟ ୪,୫୭୦ କୋଟି ମିଳିଥିବାବେଳେ ଅବଶିଷ୍ଟ ୩୦ କୋଟି ଟଙ୍କା ୧୨ ତାରିଖରେ ମିଳିଛି। ସେଥିମଧ୍ୟରେ ଗୃହବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଅସ୍ତ୍ରଶସ୍ତ୍ରର ଅତ୍ୟାଧୁନିକୀକରଣ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଲାଗି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରଭୃତି ରହିଛି।

ଓଡ଼ିଶାକୁ ଆସିଥିବା କେନ୍ଦ୍ରୀୟ ଅନୁଦାନ ତଥ୍ୟ ଅନୁଯାୟୀ, ଜାନୁଆରୀ ୯ରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପର୍ଯ୍ୟାୟ ଯଥାକ୍ରମେ ୧୭୧୪.୦୯ କୋଟି, ୧୨୮୪.୬୪ କୋଟି, ୧୩୩୯.୩୫ କୋଟି, ୨୧୧.୭୬ କୋଟି, ୪୩.୯୯ କୋଟି, ୬.୬୩କୋଟି ଏବଂ ୧୩ ଲକ୍ଷ ଟଙ୍କା ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୨ରେ ଅବଶିଷ୍ଟ ଅର୍ଥ ଆସିଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ରାଜ୍ୟ ସରକାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍‌ବାଟରେ ଖର୍ଚ୍ଚ କରିବାରେ ସକ୍ଷମ ହେବେ ତେବେ କେନ୍ଦ୍ରୀୟ ଅନୁଦାନ ସେହି ହାରରେ ଅଧିକ ଆସିପାରିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଜନା(ସ୍ୱର୍ଣ୍ଣ) ମାଧ୍ୟମରେ ଟଙ୍କାର ଚିକିନିଖି ହିସାବ ରଖାଯାଉଛି। ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କେନ୍ଦ୍ରୀୟ ଅନୁଦାନକୁ କେତେପରିମାଣରେ ଖର୍ଚ୍ଚ କରୁଛି ତାହା 'ସ୍ୱର୍ଣ୍ଣ' ମାଧ୍ୟମରେ ସେମାନେ ଅନ୍‌ଲାଇନ ଜରିଆରେ ସେଠାରେ ରହି ଜାଣିପାରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। ଯଦି ଟଙ୍କା ଖର୍ଚ୍ଚରେ ରାଜ୍ୟ ବିଳମ୍ବ କରିବ ତେବେ ଅନୁଦାନ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏହାବାଦ୍ ଯଦି କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ ନ କରି ଏକକ କ୍ଷେତ୍ରୀୟ ଆକାଉଣ୍ଟରେ ଗଚ୍ଛିତ ରଖିବ, ତେବେ ରାଜ୍ୟ ସରକାରଙ୍କୁ ଏହାର ପେନାଲ୍‌ଟି ବାବଦରେ ଦେୟ ଦେବାକୁ ହେବ, ଯାହା ଯୋଜନାର କେନ୍ଦ୍ରୀୟ ଅଂଶଧନରୁ ଆପଣାଛାଏଁ କଟିଯିବ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର ଅନୁଦାନକୁ ନିୟମ ଅନୁଯାୟୀ ଖର୍ଚ୍ଚ କରାଗଲେ ରାଜ୍ୟର ବିକାଶ ଅଗ୍ରଗତି ହୋଇପାରିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଇରାନ୍ ଯୋଗୁ...

ଚାଇନା, ତୁର୍କୀ, ଭାରତ, ୟୁଏଇ, ପାକିସ୍ତାନ ଏବଂ ଆର୍ମେନିଆ ରହିଛି। ତେଣୁ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେଲେ ଭାରତ ପ୍ରଭାବିତ ହେବ। ଆମେରିକା ଭାରତ ଉପରେ ପୂର୍ବରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଛି, ଯାହାକି ବିଶ୍ୱରେ ଅନ୍ୟତମ ସର୍ବାଧିକ। ସେଥିରୁ ୨୫ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ହୋଇଥିବାବେଳେ ରୁଷିଆରୁ ତୈଳ କିଣାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲାଗୁ ହୋଇଛି।

ତେହରାନରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଇରାନକୁ ଭାରତ ଚାଉଳ, ଚା', ଚିନି, ଔଷଧ, କୃତ୍ରିମ ଷ୍ଟାପଲ୍ ଫାଇବର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଓ କୃତ୍ରିମ ଅଳଙ୍କାର ରପ୍ତାନି କରିଥାଏ। ଏହା ବଦଳରେ ସେଠାରୁ ନୂଆଦିଲ୍ଲୀ ଶୁଷ୍କ ଫଳ, ଅଜୈବିକ/ଜୈବିକ ରସାୟନ ଏବଂ ଗ୍ଲାସ୍‌ୱେର ଆମଦାନି କରିଥାଏ। ଅନ୍‌ଲାଇନ ଡାଟା ଭିଜୁଆଲାଇଜେଶନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ପ୍ଲାଟ୍‌ଫର୍ମ ଅବ୍‌ଜରଭେଟୋରି ଅଫ୍ ଇକୋନୋମିକ୍ କମ୍ପ୍ଲେକ୍ସିଟି (ଓଇସି) ଅନୁଯାୟୀ, ୨୦୨୩ରେ ଭାରତ ଇରାନକୁ ୧.୧୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୧.୦୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ସେହିବର୍ଷ ଇରାନକୁ ଭାରତ ୭୩୪ ନିୟୁତ ଡଲାରର ଚାଉଳ, ୯୬.୮ ନିୟୁତ ଡଲାର ମୂଲ୍ୟର ସୋୟାବିନ୍ ମିଲ୍, ୫୨ ନିୟୁତ ଡଲାର ମୂଲ୍ୟର କଦଳୀ ରପ୍ତାନି କରିଥିଲା। ଭାରତ ଏବଂ ଇରାନ ମଧ୍ୟରେ ଅନେକ ହଜାର ବର୍ଷର ପାରସ୍ପରିକ ସମ୍ପର୍କ ରହିଆସିଛି। ଐତିହାସିକ ଏବଂ ସଭ୍ୟତା ସଂଯୋଗର ଶକ୍ତି ସମ୍ପର୍କକୁ ମଜଭୁତ କରିଛି ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ବ୍ୟବସାୟିକ ଏବଂ ଯୋଗାଯୋଗ ସହଯୋଗ, ସଂସ୍କୃତି ଯୋଗୁ ଏହା ବଢ଼ିଚାଲିଛି। ଭାରତ-ଇରାନ ସମ୍ପର୍କର ମୁଖ୍ୟ ବିଶେଷତ୍ୱ ହେଲା ଚାବାହର ବନ୍ଦରର ମିଳିତ ବିକାଶ। ଯୋଗାଯୋଗ ଏବଂ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଇରାନ ଏହି ବନ୍ଦରର ବିକାଶ କରିଛନ୍ତି।

## ଭାରତର ବାସମତି...

ଅନିଶ୍ଚିତତା ବଢ଼ିଚାଲିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ଇରାନକୁ ୪୬୮.୧୦ ନିୟୁତ ଡଲାର ମୂଲ୍ୟର ୫.୯୯ ଲକ୍ଷ ଟନ୍ ବାସମତି ଚାଉଳ ରପ୍ତାନି କରିଥିବା ବାଣିଜ୍ୟ ତଥ୍ୟରୁ ଜଣାପଡ଼ିଛି। ଇରାନକୁ ଭାରତ ସର୍ବାଧିକ ବାସମତି ଚାଉଳ ରପ୍ତାନି କରିଥାଏ। ତେବେ ଚଳିତ ଆର୍ଥିକ ବର୍ଷ ଅସ୍ଥିରତା କାରଣରୁ ଅର୍ଡର ପଠାଇବା ଏବଂ ପେମେଣ୍ଟ ଏବଂ ଶିପ୍‌ମେଣ୍ଟ କାର୍ଯ୍ୟସୂଚୀରେ ଚାପ ବଢ଼ୁଥିବା ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ମଣ୍ଡିଗୁଡ଼ିକରେ ସ୍ପଷ୍ଟ ଦେଖିବାକୁ ମିଳିଛି। ସପ୍ତାହେ ହେଲା ଦେଶରେ ବିଭିନ୍ନ ପ୍ରକାର ବାସମତି ଚାଉଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି।

## ୧୮ ସୁଦ୍ଧା ସୁଭଦ୍ରା...

ନୂଆ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

## ଋଣ ଶୁଝିବା ପାଇଁ...

ସମ୍ପର୍କରେ ପୁଅବୋହୂଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତାଙ୍କ ଘରେ ବୋହୂ ରୀନାଙ୍କ ମା'(ସମୁଦୁଣୀ) ରହୁଛନ୍ତି। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କରିଛନ୍ତି କିମ୍ବା ମାରି ଦେଇଛନ୍ତି ବୋଲି ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିବା ସାବିତ୍ରୀ କହିଛନ୍ତି। ଏନେଇ ଏକ ମାମଲା(ନଂ.୧୭/୨୬) ରୁଜୁ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଆ ଚାଉଳର ମୁଣ୍ଡି
ସମସ୍ତେ ହେଲେ ଶୁକିଲା ଶୁକିଲି
ରାନ୍ଧୁଣୀ କରିଚି ଗଣ୍ଡି।**

ରାନ୍ଧୁଣୀ ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର
ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝିଅ ନେବେ ନିଜ ବିବାହ ନିଷ୍ପତ୍ତି | ସୁସ୍ଥ ବାତାବରଣରେ ସହାୟକ ହେବ

ଝିଅ ବିବାହ ଯୋଗ୍ୟା ହେଲେ, ମା'ବାପାଙ୍କ ମୁଣ୍ଡରେ ଚିନ୍ତା ପଶେ। କିପରି ଭଲ ପାତ୍ର ଦେଖି ଝିଅକୁ ବିବାହ ଦେଇଦେବେ। ଏଇ ଚିନ୍ତାଧାରା କେଉଁ କାଳୁ ଚାଲି ଆସିଛି। କିନ୍ତୁ ଏବେ ସମୟ ପରିବର୍ତ୍ତନ ହେଲାଣି। ଯୁବତୀମାନେ ନିଜେ ଉଚ୍ଚଶିକ୍ଷିତା ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ମା'ବାପାଙ୍କ ପୁରୁଣାକାଳିଆ ମାନସିକତା ଆଉ ଚଳିବ ନାହିଁ। ଝିଅଙ୍କ ଇଚ୍ଛା ବିରୋଧରେ ମା'ବାପା ଚାପ ପକାଇ ବିବାହ ସ୍ଥିର କରିପାରିବେ ନାହିଁ। ଝିଅଙ୍କ ବିବାହ କରିବାକୁ ହେଲେ ତାଙ୍କ ସମ୍ମତି ନିତାନ୍ତ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ମାମଲାର ଶୁଣାଣିରେ ରାୟ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ଇଚ୍ଛା ବିରୋଧରେ ତାଙ୍କ ମା'ବାପା ବିବାହ କରାଇ ଦେଇଥିଲେ। ଝିଅ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ। ତେଣୁ ବିବାହ ପରେ ସେ ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି କହି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ମତକୁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଝିଅମାନେ ନିଜ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭବିଷ୍ୟତ ସୁରକ୍ଷିତ କରିପାରିବେ, ଯାହାକି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



## ସେମାନଙ୍କ ମତରେ...

### ଝିଅମାନେ ସୁରକ୍ଷିତ ଭବିଷ୍ୟତ ସହ ଆତ୍ମନିର୍ଭର ଚାହୁଁଛନ୍ତି



ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ନେଇ ଅଧିକାଂଶ ଝିଅ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ସୁରକ୍ଷିତ ଭବିଷ୍ୟତ ସହିତ ସ୍ୱାଭିମାନ ଓ ଆତ୍ମସମ୍ମାନର ସହ ବଞ୍ଚିବା ଦିଗରେ ଆଜିର ଝିଅମାନେ ସଚେତନ ହେଲେଣି। ବିବାହ ପାଇଁ ସେମାନଙ୍କ ମାନସିକ ପ୍ରସ୍ତୁତି ଓ ମତ ଆବଶ୍ୟକ ମନେହୁଏ। ମାତାପିତା ଏ ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

**– ମୀରା ବେଉରା, ସଙ୍ଗଠନ ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଝିଅର ମତ ନେଇ ଦୁରୁପଯୋଗ କରା ନ ଯାଉ

ଭାରତୀୟ ସଂସ୍କୃତିରେ ବିବାହରେ ଝିଅର ମତ ରହିବା ଜରୁରୀ। ଝିଅର ମତ ବିରୋଧରେ ବିବାହ ହେବା ଦ୍ୱାରା ଉଭୟ ସାଂସାରିକ ଓ ସାମାଜିକ କ୍ଷେତ୍ରରେ ବିଭ୍ରାଟ ଦେଖାଦେଉଛି। ତେବେ ବିବାହ ପାଇଁ କାଗଜକଲମରେ ଝିଅର ମତ ନେଇ ଦୁରୁପଯୋଗ ନ ହେବା ଆବଶ୍ୟକ। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।



**–ସରୋଜିନୀ ମିଶ୍ର, ସମ୍ପାଦିକା, ଅନନ୍ତ ନିର୍ଝର, ମଧୁପାଟଣା, କଟକ**

### ବିବାହ ପୂର୍ବରୁ ମତ ନେବା ଜରୁରୀ

ମା'ବାପା ଝିଅର ବିବାହ ପୂର୍ବରୁ ମତ ନେବା ଉଚିତ। ଆଜିର ସମୟରେ ଝିଅଟିଏ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି। ଏବେକାର ଝିଅ ଅନ୍ୟ ଉପରେ ବୋଝ ହେବାକୁ ଚାହାନ୍ତି ନାହିଁ। ତେଣୁ ଝିଅଟିଏ ବାହାହେବ ବା ନ ହେବ ସେ ଉପରେ ନିଜେ ମତ ରଖିବାର ଅଧିକାର ଝିଅର ରହିଛି। ନଚେତ୍ ସେ ସାରା ଜୀବନ କଷ୍ଟ ପାଇବ।



**– ରତ୍ନମୟୀ ବେହେରା, କର୍ମଜୀବୀ, ନେତାଜୀ ନଗର**

### ଝିଅର ଇଚ୍ଛାକୁ ସମ୍ମାନ ଦେଲେ ଅଦାଲତ



ମା'ବାପା ଝିଅର ଇଚ୍ଛା ବିରୋଧରେ ବିବାହ କରାଇ ଦେବା ପରେ ଝିଅଟି ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ହାଇକୋର୍ଟରେ କହିଲେ। ଏହାକୁ ହାଇକୋର୍ଟ ସମ୍ବେଦନଶୀଳତାରେ ହୃଦୟଙ୍ଗମ କରି ଝିଅର ଇଚ୍ଛାକୁ ସମ୍ମାନ ଦେଲେ। ଏହି ମାମଲାଟିର ପରିଚାଳନାବେଳେ ମୋତେ ଖୁସି ଲାଗିଲା। ଏହା ନିଶ୍ଚିତ ଭାବେ ମା'ବାପାଙ୍କୁ ଝିଅର ବିବାହ ପ୍ରସଙ୍ଗରେ ଅଧିକ ସଚେତନ କରାଇବ ବୋଲି ଆଶା ରଖୁଛି।

**– ସଞ୍ଜୟ ରଥ, ଅତିରିକ୍ତ ସରକାରୀ ଓକିଲ, ଓଡ଼ିଶା ହାଇକୋର୍ଟ**

### ସହମତି ବିନା ବିବାହ ଅଶାନ୍ତି ଆଣିବ

ସବୁ ମା'ବାପା ନିଜ ସନ୍ତାନର ଖୁସି ଚାହାନ୍ତି। ମା'ବାପା ପ୍ରତ୍ୟେକ ପ୍ରସଙ୍ଗରେ ପିଲାମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ବିଶେଷ କରି ବୈବାହିକ ପ୍ରସଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝିଅର ସମ୍ମତିରେ ବିବାହ ନ ହେଲେ ତାହା ସମସ୍ତଙ୍କ ପାଇଁ ପାରିବାରିକ ଅଶାନ୍ତି, ସାମାଜିକ ନିନ୍ଦା ଆଣିବାର ଆଶଙ୍କା ରହିଛି।



**– ଅଳକା ମହାନ୍ତି, ଗୃହିଣୀ, ରାଜାବଗିଚା**

### ଝିଅମାନେ ଦୁନିଆକୁ ଜାଣିଲେଣି



ମା'ବାପାମାନେ ଆମକୁ ପାଠ ପଢ଼ାଇ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଉଛନ୍ତି। ସେମାନେ ଆମ ଭବିଷ୍ୟତ ପାଇଁ ସବୁପ୍ରକାର ଚିନ୍ତା କରୁଛନ୍ତି। ଏବେକାର ଝିଅମାନେ ଦୁନିଆକୁ ଜାଣିଲେଣି। ତେଣୁ ବିବାହ କ୍ଷେତ୍ରରେ ବି ମା'ବାପା ଝିଅର ମତ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ସମସ୍ତେ ଦୁଃଖ ପାଇବେ।

**– ଅଙ୍କିତା ରାଉତ, ଛାତ୍ରୀ, ଦେଉଳସାହି, କଟକ**

### ବିବାହ ସଫଳ ପାଇଁ ଝିଅଙ୍କ ମତାମତ ଜରୁରୀ



ଗୋଟିଏ ବାହାଘରକୁ ସଫଳ କରିବା ପାଇଁ ହେଲେ ଅଭିଭାବକମାନେ ନିଜ ଝିଅର ମତାମତ ନେବାର ନିଶ୍ଚିତ ଆବଶ୍ୟକତା ରହିଛି। ଝିଅମାନେ ୧୮ବର୍ଷରେ ଭୋଟ୍ ଦେଇ ଦେଶର ନେତା ବାଛି ପାରୁଛନ୍ତି, ତେଣୁ ନିଜ ପସନ୍ଦରେ ଜୀବନସାଥୀ ବାଛିବା କିମ୍ବା କେବେ ବିବାହ କରିବେ ତାହାର ନିଷ୍ପତ୍ତି ସେମାନେ ନେଇ ପାରିବେ। ଅଭିଭାବକ ହିସାବରେ ସେମାନଙ୍କ ଉପରେ ଚାପ ପକାଇବା ଠିକ୍ ନୁହେଁ। ଯେଉଁ ଝିଅ ପାଠ ପଢ଼ି ନିଜ କ୍ୟାରିୟର ଗଢିବାକୁ ଚାହୁଁଥିବ କିମ୍ବା କେହି କେହି ନିଜ ପସନ୍ଦର ଜୀବନସାଥୀ ବାଛି ସାରିଥିବେ ଏଭଳି ସ୍ଥିତିରେ ମା' ବାପା ତାଙ୍କ ଇଚ୍ଛା ବିରୋଧରେ ବାହା କରିଦେଲେ, ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି ହେବ।

**-ଶୁଭଶ୍ରୀ ଦାସ, ସାମାଜିକକର୍ମୀ, ଭୁବନେଶ୍ୱର**

### ବିବାହ ସମ୍ପର୍କରେ ନିଷ୍ପତ୍ତି ନେବାର ସୁଯୋଗ ମିଳିବା ଉଚିତ୍

ବିବାହ ଏକ ସାମାଜିକ ବ୍ୟବସ୍ଥା, ଜୀବନର ଲକ୍ଷ୍ୟ ନୁହେଁ। ତେଣୁ ଝିଅମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ବିବାହ ନେଇ ନିଷ୍ପତ୍ତି ନେବାକୁ ସୁଯୋଗ ଦେବା ଆବଶ୍ୟକ। ସେହିପରି ସଫଳ ଦାମ୍ପତ୍ୟ ପାଇଁ ଝିଅ ପୁଅ ଏବଂ ଉଭୟ ପରିବାରର ସହମତି ଆବଶ୍ୟକ। ସାଧାରଣତଃ ବିବାହ ବେଳେ ପୁଅର ମତାମତ ନିଆଯାଉଥିବାବେଳେ ଝିଅର ମତ ପଚରାଯାଏନି। ଅନେକ ସମୟରେ ଝିଅଟିଏ କେବଳ ମା' ବାପାଙ୍କ ଚାପରେ ବିବାହ କରିଥାଏ। ଆଜିକାଲିର ଝିଅମାନେ ଉଚ୍ଚଶିକ୍ଷିତା ହେବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ତେଣୁ ନିଜକୁ ସେତିକି ସାମର୍ଥ୍ୟ କରିବା ପାଇଁ ତାଙ୍କୁ ଯେତିକି ସମୟ ଆବଶ୍ୟକ, ମାତାପିତା ହିସାବରେ ତାଙ୍କୁ ସେତିକି ସମୟ ଦେବା ଦରକାର।



**–ନବ କିଶୋର ବେହେରା, ବୁଦ୍ଧିଜୀବୀ, ଭୁବନେଶ୍ୱର**

### ଆମକୁ ଗ୍ରହଣ କରିବାକୁ ହେବ

ବିବାହ ବେଳେ ଝିଅଙ୍କ ସମ୍ମତି ଜରୁରୀ ବୋଲି ଉଚ୍ଚ ଅଦାଲତ ଦେଇଥିବା ରାୟ ପ୍ରଶଂସନୀୟ। ଏହାକୁ ସବୁ ବର୍ଗରେ ସ୍ୱାଗତ କରିବା ଜରୁରୀ। ଏହି ରାୟ ଦ୍ୱାରା ମହିଳାମାନେ ନିଜର ଇଚ୍ଛା ଏବଂ ଅଭିବ୍ୟକ୍ତିକୁ ପରିବାର ନିକଟରେ ଜାହିର କରିପାରିବେ। ବିଶେଷ କରି ଏହାଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନା କମିବ। ତେଣୁ ଏହି ରାୟକୁ ଗ୍ରହଣ କରିବା ସହ ଆମମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ।



**–ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**

# ମ୍ୟୁଜିୟମ ଭଳି ରହିବ ବିଧାନସଭା

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଲୋକସେବା ଭବନ ଓ ବିଧାନସଭା ଗୋଟିଏ କ୍ୟାମ୍ପସ୍‌ରେ ରଖିବେ। ୭୧.୧୩ ଏକର ଜମିରେ ପ୍ରାୟ ୩୬୨୩ କୋଟି ଟଙ୍କା ଖର୍ଚ୍ଚରେ ଏହା ନିର୍ମାଣ କରାଯିବ। ତେବେ ଏତେ ଜମି କେଉଁଠାରୁ ଆସିବ ଏବଂ ଅନେକ ନୂତନ ଅଫିସ୍ ଥିବାବେଳେ ସେଗୁଡିକ ଭାଙ୍ଗିବ ନା ନାହିଁ ତାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଇତିମଧ୍ୟରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନ ମୁଖ୍ୟ ଅଫିସ୍। ଏହିପରି ୩ଟି ପର୍ଯ୍ୟାୟରେ କାର୍ଯ୍ୟ ହେବ। ଲୋକସେବା ଭବନର ମୁଖ୍ୟ ବିଲ୍ଡିଂ କଲେକ୍ଟରମାନଙ୍କ ଯେଉଁ କ୍ୟାମ୍ପ ଅଫିସ୍ ରହିଛି ସେଠାରେ ନିର୍ମାଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବିଲ୍ଡିଂ ପାଇଁ ଯେତିକି ଜାଗା ଆବଶ୍ୟକତା ଅଛି ସେଠାରେ ତାହା ରହିଛି। ଲୋକସେବା ଭବନର ନୂତନ ବିଲ୍ଡିଂ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତା'ପରେ ଧୀରେ ଧୀରେ ଅଫିସ୍‌ଗୁଡିକ ଶିଫ୍ଟିଂ ହେବ। ସେହିପରି ଲୋକସେବା ଭବନ ଏବଂ ବିଧାନସଭା ଭିତରେ ଯେଉଁ ଜାଗା ରହିଛି ତା' ମଧ୍ୟରେ ନୂତନ ବିଧାନସଭା ନିର୍ମାଣ କରାଯିବ। ଏହା ୩୦୦ ଆସନ ବିଶିଷ୍ଟ ହେବ। ହେଲେ ପୁରୁଣା ବିଧାନସଭା ବିଲ୍ଡିଂ ନ ଭାଙ୍ଗି ସେମିତି ରଖାଯିବ। ବିଧାନସଭା ମ୍ୟୁଜିୟମ ଭଳି ରହିବ। ଯଦି ଭବିଷ୍ୟତରେ କେବେ ବିଧାନ ପରିଷଦ ହୁଏ ତେବେ ସେଠାରେ ତାହା ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ପର୍ଯ୍ୟାୟକ୍ରମେ ଯେଉଁ ବିଲ୍ଡିଂଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ବା ଅନ୍‌ସେଫ୍ ହୋଇଯାଇଛି ସେଗୁଡିକ ଭଙ୍ଗାଯିବ। ୯ ତାଲା ବିଲ୍ଡିଂ, ରାଜୀବ ଭବନ ଏବଂ ସେଚ ସଦନକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂଆ କରାଯିବ। ଲୋକସେବା ଭବନର କନ୍‌ଭେନସନ ସେଣ୍ଟର, ଇଆଇସି ଅଫିସ୍ ଏବଂ ଖାରବେଳ ଭବନ ସେମିତି ରହିବ। କୃଷି ଭବନକୁ ମଧ ନ ଭାଙ୍ଗି ସେମିତି ରଖାଯିବ। ପରବର୍ତ୍ତୀ ସମୟରେ ଏଗୁଡିକ ଉପରେ ନିଷ୍ପତ୍ତି ହେବ। ଏହିସବୁ ଅଫିସ୍ ଯେଉଁସବୁ ଅଞ୍ଚଳରେ ରହିଛି ସେଗୁଡିକ ଗୋଟିଏ କ୍ୟାମ୍ପସ୍ ଭିତରେ ରହିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ୧୭ ଯାଏ ଶୀତ ପ୍ରଭାବ

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଜାନୁଆରୀ ୧୭ ପର୍ଯ୍ୟନ୍ତ ଶୀତ ପ୍ରଭାବ ରହିବ ଏବଂ ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭, ରାଉରକେଲାରୁ ୭, ଝାରସୁଗୁଡାରେ ୭.୨, ଦାରିଙ୍ଗିବାଡ଼ିରେ ୮, ସେମିଳିଗୁଡାରେ ୮.୧, ଅନୁଗୋଳରେ ୮.୮, କିରେଇରେ ୮.୯, କେନ୍ଦୁଝରରେ ୯.୪, ଚିପିଲିମାରେ ୯.୫ ଏବଂ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।

DADLS-77
ଓଡ଼ିଶା ସରକାର

ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୪.୦୧.୨୦୨୬ (ମକର ସଂକ୍ରାନ୍ତି)
ସକାଳ-ଘ.୮.୩୦ ମିନିଟ୍
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଛକ ଭୁବନେଶ୍ୱରସ୍ଥିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ଣ ୪ ଘଟିକା– ବ୍ୟାସକବିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ–ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସନ୍ଧ୍ୟା – ୬ ଘଟିକା ସାଧାରଣ ସଭା
ସଦୟ ଉପସ୍ଥିତି
ବାଲେଶ୍ୱର ଜିଲ୍ଲାର ବିଧାୟକ ବୃନ୍ଦ
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର-ଭୁବନେଶ୍ୱର
ବିଶିଷ୍ଟ ଅତିଥି
ଡଃ ଅମିୟ ପଟ୍ଟନାୟକ
ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର
ମୁଖ୍ୟବକ୍ତା
ଡଃ ଲଲାଟେନ୍ଦୁ ଦାସ ମହାପାତ୍ର
ପ୍ରାକ୍ତନ ନିର୍ଦ୍ଦେଶକ, ସେଣ୍ଟର ଫର୍ ଜୁଡ଼ିସିଆଲ ଆର୍କାଇଭସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ଉପସଂହାର ବକ୍ତବ୍ୟ
ଶ୍ରୀଯୁକ୍ତ ଜୀବନ କୁମାର ମହାପାତ୍ର
ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR_

DSPL-476

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ
ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ
ସୂଚନା ଦାତାଙ୍କୁ ପ୍ରୋତ୍ସାହନ
ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ୨୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ୩ଟି କିସ୍ତିରେ ପ୍ରଦାନ କରାଯିବ
ସର୍ତ୍ତାବଳୀ
• ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନା ଦାତାଙ୍କୁ ପ୍ରଥମ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
• ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ ମାମଲା ରୁଜୁ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ୧୦,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
• କୋର୍ଟ ମାମଲାର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିରେ ୫,୦୦୦ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ
ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନୁହେଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ
ଏହି ଆଇନ ଅନୁଯାୟୀ ସୂଚନା ଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା

-ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଷଟ୍‌ତିଳା ଏକାଦଶୀ, ଓଲାଶୁଣୀ ମେଳା ଓ ହଳ ନିଷେଧ



# ସୋର୍ସ କୋଡ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି। ବର୍ତ୍ତମାନ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍‌ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହଜନକ ଫୋନ୍‌କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡୁ ଘୋର ବିରୋଧ ହେବାରୁ ସରକାର ତୁଣ୍ଡାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍‌ରେ ଇନ୍‌ଷ୍ଟଲ ବା ଅନ୍‌ଇନ୍‌ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି।

ଏଠାରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳଲେଖା'କୁ ବୁଝାଏ। ଏହାକୁ ପ୍ରାଞ୍ଜଳ କରି ବୁଝାଇଲେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେରକୁ ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍‌କୁ ଏକ 'କମ୍ପାଇଲର୍' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେସିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍‌କୁ ଗୁପ୍ତ ରଖିଥାଆନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ କୋଡ୍‌କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ପାଇଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍‌ରୁ ସବୁ ତଥ୍ୟ ଉଠାଇ ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ଚାଟ୍ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପକ୍ଷେ ସରକାର ସବୁ ନାଗରିକଙ୍କ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବେ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବା ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖ ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | | 2 | 9 |
| | | | | 1 | | | | |
| 9 | | | | 3 | | 6 | | |
| 2 | | | 5 | 9 | | | | 4 |
| | 5 | | | | 2 | | | |
| | 6 | | | | | | 7 | |
| | | 2 | | | 3 | | | |
| | | | | | 7 | | 6 | 1 |
| 1 | | | | | | 4 | 3 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 3 | 5 | 2 | 1 | 4 |
| 3 | 7 | 4 | 2 | 9 | 1 | 8 | 5 | 6 |
| 2 | 1 | 5 | 6 | 8 | 4 | 7 | 9 | 3 |
| 7 | 6 | 1 | 5 | 4 | 2 | 9 | 3 | 8 |
| 5 | 8 | 2 | 9 | 6 | 3 | 1 | 4 | 7 |
| 4 | 3 | 9 | 1 | 7 | 8 | 5 | 6 | 2 |
| 9 | 4 | 3 | 8 | 5 | 7 | 6 | 2 | 1 |
| 6 | 2 | 7 | 4 | 1 | 9 | 3 | 8 | 5 |
| 1 | 5 | 8 | 3 | 2 | 6 | 4 | 7 | 9 |

ଗତକାଲିର ଉତ୍ତର



# ତଦନ୍ତ କମିଶନର ପରିଣାମ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅନେକ ସମୟରେ ତଦନ୍ତ କମିଶନ ନିଯୁକ୍ତ କରାଯାଇଥାଏ ଅଧିକୃତ ସଂସ୍ଥା ଦ୍ୱାରା। ଏହି ଯାଞ୍ଚ ଆୟୋଗ ବିଶେଷ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥାଏ। ଯାନବାହନରେ ଦୁର୍ଘଟଣା, ଦୁର୍ନୀତି, ମାନବ ଅଧିକାର ଉଲ୍ଲଂଘନ, ଅର୍ଥନୈତିକ ଅପରାଧ, ଆଇନ ଶୃଙ୍ଖଳା ରକ୍ଷକଙ୍କ ମାତ୍ରାଧିକ ବଳ ପ୍ରୟୋଗ, ବିଭ୍ରାନ୍ତିକର ଗୁଜବ ଇତ୍ୟାଦି ସମସ୍ୟା ଯୋଗୁ ଯେତେବେଳେ ଜନସାଧାରଣ ବିକ୍ଷୁବ୍ଧ, ଆନ୍ଦୋଳନରତ ହୋଇଥାନ୍ତି, ସେମିତି ଅସ୍ୱାଭାବିକ ପରିସ୍ଥିତିରେ ଯାଞ୍ଚ ଆୟୋଗ ଆବଶ୍ୟକ ହୋଇଥାଏ।

ଆୟୋଗ ପାରଦର୍ଶିତା ସହ ନିରପେକ୍ଷ ଭାବେ ପ୍ରସଙ୍ଗର ସତ୍ୟାସତ୍ୟ ନିରୂପଣ କରିବା ଆବଶ୍ୟକ। ତାହାହେଲେ ଏହାର ଅନୁସନ୍ଧାନରୁ ପ୍ରାପ୍ତ ସିଦ୍ଧାନ୍ତ ବିଶ୍ୱାସଯୋଗ୍ୟ ହେବ। ଏହା ଦୋଷୀକୁ ଚିହ୍ନଟ କରିବା ସହ ପୀଡ଼ିତ ପାଇଁ ନ୍ୟାୟ ପ୍ରଦାନ ସକାଶେ ମତ ଦେଇଥାଏ। ଭବିଷ୍ୟତରେ ଏହି ପ୍ରକାର ଅଘଟଣ ଯେମିତି ନ ଘଟିବ, ସେଥି ସକାଶେ ସୁପାରିସ କରିଥାଏ। ଆବଶ୍ୟକ ସ୍ଥଳେ ଆଇନରେ ପରିବର୍ତ୍ତନ, ନୀତିଗତ ସଂଶୋଧନ ଏବଂ ଅନ୍ୟ ପନ୍ଥାମାନ ଉଲ୍ଲେଖ କରିବା ଏହାର ପରିସରଭୁକ୍ତ।

ଆୟୋଗ ଏକ ବା ଏକାଧିକ ସଦସ୍ୟ ବିଶିଷ୍ଟ ହୋଇଥାଏ। ସଦସ୍ୟମାନଙ୍କ ଯୋଗ୍ୟତା ବିଷୟରେ ଧରାବନ୍ଧା ନିୟମ ନ ଥିଲେ ସୁଦ୍ଧା ଦେଖାଯାଏ ଯେ, ନିଯୁକ୍ତିଦାତା ଉପଯୁକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିଥାଏ। ଅଧିକାଂଶ ସ୍ଥଳରେ ସେବାନିବୃତ୍ତ ବା ସେବାରତ ବିଚାରପତି ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ 'ଉପଯୁକ୍ତ' ବୋଲି ବିବେଚନା କରାଯାଇଥାଏ। ତେବେ ଏମିତି କେତେକ ସମସ୍ୟା ପାଇଁ ଆୟୋଗ ଗଠନ କରାଯାଏ, ଯାହା ବିଶେଷଜ୍ଞଙ୍କ ସହାୟତା ଆବଶ୍ୟକ କରେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ଆଇନ, ଅର୍ଥ ଇତ୍ୟାଦି ବିଭାଗରେ କୁଶଳୀ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରିବା ଯଥାର୍ଥ ମନେହୁଏ।

ଲକ୍ଷ୍ୟ କରାଯାଇଛି ଯେ, ଅନେକ କ୍ଷେତ୍ରରେ ଯେଉଁ ମହତ ଉଦ୍ଦେଶ୍ୟ ସକାଶେ କମିଶନ ବସାଯାଇଥାଏ ତାହା ନିଯୁକ୍ତିଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଫଳାଫଳ ବିଷମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ହେଉଛି ଗୋଧ୍ରା ରେଳ ଅଗ୍ନିକାଣ୍ଡ। ୨୭ ଫେବୃଆରୀ ୨୦୦୨ରେ ସାବରମତି ଏକ୍ସପ୍ରେସ ଟ୍ରେନର ଗୋଟିଏ ଡବାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ (କରସେବକ) ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନରେ ଭାଗ ନେଇ ଗୁଜରାଟର ନିଜ ବାସସ୍ଥାନକୁ ଫେରୁଥିଲା ବେଳେ ଡବାରେ ଅଗ୍ନିକାଣ୍ଡ ଘଟି ସେମାନେ ଜୀବନ୍ତ ଦଗ୍ଧ ହେଲେ, ଅନ୍ୟ କେତେକେ ଆହତ ହେଲେ। ତେବେ ପ୍ରଶ୍ନ ଉଠିଲା ଏହି ଆକସ୍ମିକ ଅଘଟଣ ପଛରେ କାରଣ କ'ଣ? ଜନସାଧାରଣଙ୍କ ମନରେ ବାଦାନୁବାଦ



ଦେଖାଦେଲା। ଦଳେ କହିଥିଲେ ଯେ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ କେତେଜଣ ମତ ଦେଲେ ଯେ, ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଅଭିସନ୍ଧି ନଥିଲା। ପ୍ରସଙ୍ଗଟି ଗୁରୁତର ଆକାର ଧାରଣ କଲା, ଯେତେବେଳେ ଏହା ସାମ୍ପ୍ରଦାୟିକ ରୂପ ନେଲା।

ଏତାଦୃଶ ସଂକଟବେଳେ ସତ୍ୟାନୁସନ୍ଧାନ ପାଇଁ ମାର୍ଚ୍ଚ ୨୦୦୨ରେ ପ୍ରଥମେ ଗୁଜରାଟ ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି କେ.ଜି. ସାହା କମିଶନର ଦାୟିତ୍ୱ ବହନ କଲେ। କିନ୍ତୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯିବାରୁ ସୁପ୍ରିମକୋର୍ଟର ସେବାନିବୃତ୍ତ ବିଚାରପତି ଜି.ଟି. ନାନାବତୀ ଏହାର ଚେୟାରମ୍ୟାନ ହେଲେ। ଜଷ୍ଟିସ ନାନାବତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ଜଷ୍ଟିସ ଅକ୍ଷୟ ମେହେଟ୍ଟା ପୂରଣ କଲେ। ୨୦୦୮ରେ ନାନାବତୀ ମେହେଟ୍ଟା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ଏହି ଅଗ୍ନିକାଣ୍ଡକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ବିବେଚନା କରାଗଲା। କିନ୍ତୁ ଏହି ଅଘଟଣର ତଦନ୍ତ ଅନ୍ୟ ଏକ ଦିଗରୁ କରାଯାଇଥିଲା। ୨୦୦୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର ବଦଳି ୟୁପିଏ ସରକାର ଅଧିଷ୍ଠିତ ହେଲା। ରେଳ ବିଭାଗ ଦ୍ୱାରା ଏହାର ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ଜଷ୍ଟିସ ୟୁସି ବାନାର୍ଜୀଙ୍କୁ ନିଯୁକ୍ତ କରାଗଲା। ଏହି କମିଶନର ଅନ୍ତରୀଣ ରିପୋର୍ଟ ଅନୁସାରେ ଅଗ୍ନିକାଣ୍ଡ କୋଚ ଭିତରୁ ସୂତ୍ରପାତ ହୋଇଥିଲା, ବାହାରୁ ନୁହେଁ। ଏହା ଏକ ଦୁର୍ଘଟଣା। ଏହି ପ୍ରକାରେ ଦୁଇଟି କମିଶନ ସମ୍ପୂର୍ଣ୍ଣ ଓଲଟା ମତ ଦେଲେ। ଫଳରେ ଲୋକଙ୍କ ମନରେ ସମ୍ଭ୍ରମ ଜାତ ହେଲା ଯେ, କମିଶନର ନିଷ୍କର୍ଷ ମାନ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ତଦନ୍ତ ରିପୋର୍ଟ ବିଷୟରେ ଅବତାରଣା କରାଯାଇପାରେ। ୨୮ ଜାନୁୟାରୀ ୧୯୮୬ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେପ୍ କେନାଭେରାଲ ସମୁଦ୍ର ତଟରୁ ସ୍ପେସ୍ ସଟଲ ଚାଲେଞ୍ଜର ଉତ୍‌କ୍ଷେପଣ କରାଯାଇଥିଲା। କିନ୍ତୁ ମାତ୍ର ୭୩ ସେକେଣ୍ଡ ପରେ ୪୬,୦୦୦ ଫୁଟ ଉପରୁ ଯାନରେ ବିସ୍ଫୋରଣ ଘଟି ସମୁଦ୍ର ବକ୍ଷକୁ ଖସିପଡ଼ିଲା। ସମସ୍ତ ସାତଜଣ ମହାକାଶଯାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟିଲା। ତନ୍ମଧ୍ୟରେ ଥିଲେ ବୋଷ୍ଟନରେ ୧୯୪୮ରେ ଜନ୍ମିତ ଶିକ୍ଷୟିତ୍ରୀ ସେବେନ କ୍ରିଷ୍ଟା, ମଇକ ଆଲିଫ। ତାଙ୍କର ଭୂମିକା ଥିଲା ଅନ୍ତରୀକ୍ଷରୁ ଶ୍ରେଣୀକକ୍ଷ। ପ୍ରୋଗ୍ରାମ ଅନୁସାରେ ପାଠ ପଢ଼ାଇବା। ଏହାଦ୍ୱାରା ମହାକାଶ ବିଜ୍ଞାନ ସମ୍ବନ୍ଧରେ ଜନସାଧାରଣ ବିଶେଷ ଭାବେ ଛାତ୍ର ସମାଜରେ ଆଗ୍ରହ ସୃଷ୍ଟି କରିବା। ଅବଶ୍ୟ ଏତଦବ୍ୟତୀତ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଧୂମକେତୁ ଅଧ୍ୟୟନ ଏବଂ କୃତ୍ରିମ ଉପଗ୍ରହ ସ୍ଥାପନ। ଯୁକ୍ତରାଷ୍ଟ୍ର ମହକାଶ ଅଭିଯାନରେ ଏତାଦୃଶ ଦୁର୍ଘଟଣା ହେଉଛି ପ୍ରଥମ। କହିବାବାହୁଲ୍ୟ ଯେ ୧୯୭୮ ହିସାବନୁଯାୟୀ ଏହାର ନିର୍ମାଣ ପାଇଁ ୧.୭ ବିଲିୟନ( ଏକ ବିଲିୟନ ହେଉଛି ୧୦,୦୦୦ ଲକ୍ଷ) ଆମେରିକୀୟ ଡଲାର ବିନିଯୋଗ ହୋଇଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ନାସା ତରଫରୁ ତଦନ୍ତ କମିଶନ ବସାଗଲା। ଏହା ଚରାଜେରସ କମିଶନ ଭାବେ ନାମିତ ହେଲା। ନୋବେଲ ବିଜେତା ରିଚାର୍ଡ ଫାଇନ୍‌ମ୍ୟାନ (୧୯୧୮ ରୁ ୧୯୮୮) ଏହାର ସଦସ୍ୟ ଥିଲେ। ନାସାର ଉଚ୍ଚ ମର୍ଯ୍ୟାଦା ରକ୍ଷା କରିବାକୁ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଚେଷ୍ଟା କଲେ। କିନ୍ତୁ ଫାଇନ୍‌ମ୍ୟାନ ମିଳିତଭାବେ ସତ୍ୟ ପ୍ରକାଶ କରିବାକୁ ଚାହିଁଲେ। ତାଙ୍କ କଟୁ ମନ୍ତବ୍ୟ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅନ୍ୟମାନଙ୍କୁ ସେ ବାଧ୍ୟ କଲେ। କିନ୍ତୁ ତାହା ଗ୍ରହଣ ନ କରିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ନାସାର ତ୍ରୁଟିକୁ ପ୍ରକାଶ କଲେ। ସେ ଜଣାଇଲେ ଯେ ଦୀର୍ଘଦିନ ଧରି ଇଞ୍ଜିନିୟରମାନେ ସେହି ଯାନରେ ବ୍ୟବହୃତ ରବର ଓ ରିଙ୍ଗ ଏବର ମୁଡ଼ିପରି ଗୋଲାକାର। ସେ ବିପରୀତରେ ମତ ଦେଉଥିଲେ କାରଣ ତାହା ଅନ୍ତରୀକ୍ଷରେ ନିମ୍ନ ତାପମାତ୍ରା ଯୋଗୁ କଠିନ ହୋଇ ଫାଟିଯାଇପାରେ କିମ୍ବା ରନ୍ଧ୍ର ଜାତ ହୋଇପାରେ। ଫଳରେ ଉତ୍ତପ୍ତ ଦହନଶୀଳ ଗ୍ୟାସ ଛିଦ୍ରବାଟେ କ୍ଷରଣ ହୋଇ ଗ୍ୟାସ ଟାଙ୍କିକୁ ଜଳାଇବ। ଏଣୁ ବିସ୍ଫୋରଣ ଘଟିବ।

ୱୟାରିଙ୍ଗ ଖୁବ୍ ଶସ୍ତା। ପାଇପ ମିସ୍ତ୍ରି ଦୁଇଟି ପାଇପକୁ ଦ୍ରୁତ ଭାବେ ସଂଯୋଗ କରିବାକୁ ଏହା ବ୍ୟବହାର କରିଥାନ୍ତି। କିନ୍ତୁ ନାସା-କର୍ତ୍ତୃପକ୍ଷ ଏହାର ଭୂମିକା ପ୍ରତି ହେୟଜ୍ଞାନ କରି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଗଲା। ଅବଶ୍ୟ ଫାଇନମେନଙ୍କ ମତକୁ ପରେ ଗ୍ରହଣ କରାଗଲା। ପ୍ରକାଶଥାଉକି ସେତେବେଳେ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମରଣ ଥିଲା ଅଳ୍ପ ଦୂରରେ। ବିଭିନ୍ନ ଯାଞ୍ଚ ଆୟୋଗର ସଦସ୍ୟମାନେ ଫାଇନମ୍ୟାନଙ୍କ ପରି ନିରପେକ୍ଷ, ନିର୍ଭୀକ, ସାଧୁ ହୁଅନ୍ତେ କି! ଦୁଃଖର ବିଷୟ ଯେ, ଉଦ୍ଦେଶ୍ୟପ୍ରଣୋଦିତ ନିଯୁକ୍ତିଦାତା ଯେଉଁ ଯାଞ୍ଚ ଆୟୋଗ ଗଠନ କରିଥାନ୍ତି, ତାଙ୍କୁ ସୁହାଇବା ପରି ରିପୋର୍ଟ ପ୍ରସ୍ତୁତ କରାଯାଏ; ତାହା ସାଧାରଣରେ ଅଗ୍ରହଣୀୟ ହୋଇଥାଏ। ପରିଣାମବଶତଃ ଖୋଦ ଯାଞ୍ଚ ଆୟୋଗ ବର୍ତ୍ତମାନ ବଦନାମ ତାଲିକାଭୁକ୍ତ ହୋଇଗଲାଣି।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ଉତ୍ତରପ୍ରଦେଶର ସୋତ ନଦୀ ଗଙ୍ଗାର ଏକ ଉପନଦୀ। ଏହା ସମ୍ଭଲ ଜିଲାର ଜୀବନ ରେଖା। ଏହି ନଦୀ ସମ୍ଭଲର ୫ଟି ବ୍ଲକ୍‌ର ୭୧ଟି ଗ୍ରାମପଞ୍ଚାୟତ ଦେଇ ୧୧୦ କି.ମି. ପ୍ରବାହିତ ହେଉଥିଲା। ସମୟ ସ୍ରୋତରେ ଜବରଦଖଲ ଯୋଗୁ ଏହାର ଧାରା ଅଟକି ଯାଇଥିଲା। ହେଲେ ୨୦୨୨ରେ ମନୀଷ ବଂଶଲ ସମ୍ଭଲର ଜିଲାପାଳ ଭାବେ ଯୋଗ ଦେବା ପରେ ସେହି ବର୍ଷ ଡିସେମ୍ବରରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଲା, ଜୁନ୍ ୨୦୨୩ ମଧ୍ୟରେ ମାତ୍ର ୬ ମାସରେ ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିପାରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶ୍ରମଶକ୍ତିକୁ ଆଧାରକରି ସୋତ ନଦୀ ପୁନରୁଦ୍ଧାର ସମ୍ଭବ ହୋଇଛି। ଏବେ ନଦୀ ଅବବାହିକା ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧିପାଇବା ସହ ସବୁ ପଞ୍ଚାୟତର ଲୋକ ଜଳସେଚନର ସୁବିଧା ପାଇପାରୁଛନ୍ତି। ଏହା ବ୍ୟତୀତ ମୃତ୍ତିକା ରକ୍ଷା ରୋକିବା ସକାଶେ ୧୦,୦୦୦ ବାଉଁଶ ଚାରା ନଦୀକଡ଼ରେ ଲଗାଯାଇଛି।



# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ

ଅନନ୍ତ ଚରଣ ସ୍ୱାଇଁ

ଅଦ୍ଭୁତ ଏ ଦୁନିଆ। ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ। ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ। ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା। ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର , ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦିଆୟ ଭଲ, ତେବେଏହିଅଭାବ କାହିଁକି?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡ଼ିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚମଧ୍ୟ ବଢ଼ିଚାଲେ। ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ। ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ। ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ। ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ। ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ। ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ।

ତୃତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା



ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ। ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ। ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।

ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ।

ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ।

ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ

ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ତ୍ରୁଟିପୂର୍ଣ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଜାନୁଆରୀ ୧୯୭୭

- ଲୋକ ସଭା ସଦସ୍ୟ ମୋହନ ଧରିଆ ଏବଂ ରାଜ୍ୟସଭା ସଭ୍ୟ ଚନ୍ଦ୍ରଶେଖରଙ୍କୁ ଖଲାସ କରି ଦିଆଯାଇଛି।
- ଭାରତର ଅନ୍ୟତମ ଶିଳ୍ପ ସମ୍ରାଟ୍ ସେଠ ରାମକୃଷ୍ଣ ଡାଲମିୟା, ତାଙ୍କର ସାନଭାଇ ଶିଳ୍ପପତି ଜୟଦୟାଲ ଡାଲମିଆ ଏବଂ ଜାମାତା ଶିଳ୍ପପତି ଶାନ୍ତିପ୍ରସାଦ ଜୈନଙ୍କୁ ଚକ୍ରାନ୍ତ, ବିଶ୍ୱାସଭଙ୍ଗ ଓ ଠକେଇ ଅଭିଯୋଗରେ ୨ ବର୍ଷ ସଶ୍ରମ କାରାଦଣ୍ଡ।
- ଜାଏର୍‌ର ପୂର୍ବାଞ୍ଚଳସ୍ଥିତ ନାଉରାଗଙ୍ଗୋ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ଫଳରେ ପ୍ରାୟ ୨୦୦୦ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରୀନ୍ ଷ୍ଟିକର: ଧର୍ମକୁ ଆଖିଠାର

ମହାଶୟ,

ଇ-ଚାଲାଣ ଅଫ୍‌ଲାଇନ ଜରିଆରେ ପୈଠ ବ୍ୟବସ୍ଥା, ଜରିମାନା କୋହଳର ଆଶ୍ୱସ୍ତି ଏବଂ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା, ଜନସାଧାରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳକୁ କେତେଦିନ ଓ କିପରି ସୁସ୍ଥି ଦେଇପାରିବ ଭାବି ବସିଲେ ବୋଧେ ନିରାଶ ହେବାକୁ ପଡ଼ିବ। କେବେ ପ୍ରମାଣପତ୍ର ଓ ଗ୍ରୀନ୍ ଷ୍ଟିକର କ'ଣ 'ଗ୍ରୀନ୍ ଓଡ଼ିଶା, କ୍ଲିନ୍ ଓଡ଼ିଶାର ସ୍ଲୋଗାନକୁ ସମ୍ଭାବନାରେ ରୂପାନ୍ତରିତ କରିବାକୁ ସମର୍ଥ ? ପ୍ରମାଣପତ୍ର ପ୍ରାପ୍ତି ପରେ ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି କ'ଣ ଆଉ ବାୟୁମଣ୍ଡଳକୁ ଧୂଆଁ ଛାଡ଼ିବନି ? ପ୍ରକାଶ ଥାଉକି ସିଏନ୍‌ଜି ଏବଂ ବ୍ୟାଟେରିଚାଳିତ ଯାନ ପ୍ରତ୍ୟକ୍ଷରେ ବାୟୁମଣ୍ଡଳକୁ ଧୂଆଁ ଛାଡ଼ି ଦୂଷିତ ନ କଲେ ବି ଇ-ଯାନ ରିଜେକ୍ଟ (ପରିତ୍ୟକ୍ତ) ବ୍ୟାଟେରି ପରିବେଶ ପ୍ରତିକୂଳ। ଏ ପ୍ରେକ୍ଷାପଟରେ ସବୁ ଯାନ ପାଇଁ ନିୟମ ସମାନ ହେଉ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

## ଚିରନ୍ତନୀ

ଝରଇ ଅହରହ ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତା ପରେ କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗଞ୍ଜେଇ ସହ ବୋଲେରୋ ଜବତ, ଜଣେ ଗିରଫ

ଖଜୁରିପଡ଼ା(ବିଦୁର ବେହେରା): ଖଜୁରିପଡ଼ା ପୋଲିସ ଏକ ବୋଲେରୋ ସହ ଗଞ୍ଜେଇ ଜବତ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସୂଚନାଅନୁସାରେ ଅରା ପାଜୁ ଗ୍ରାମର କୃଷ୍ଣ ଚନ୍ଦ୍ର ଦାସ (ଓଡି ୩୫ ୬୭୫୦) ବୋଲେରୋ ଗାଡ଼ିରେ ରାଜଧାନୀ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଖବର ପାଇ ଖଜୁରିପଡ଼ା ପୋଲିସ ବଙ୍ଗଳା ସାହି ନିକଟରେ ଗାଡ଼ିକୁ ଅଟକାଇ ତନଖି କରିଥିଲା। ଗାଡ଼ିରୁ ୩୦ କିଲୋ ଗଞ୍ଜେଇ ଜବତ କରି କୃଷ୍ଣ ଚନ୍ଦ୍ର ଦାସଙ୍କୁ ଗଞ୍ଜେଇ ଚୋର ଚାଲାଣରେ ୧୦/୨୬ ମାମଲା ରୁଜୁ କରି ଗିରଫ କରିଛି। ବୋଲେରୋ ଗାଡ଼ିକୁ ଅଟକାଇ ରଖିଛି।



## ସଂକ୍ଷେପରେ

### ଲାଞ୍ଚ ମାମଲା, ରାଜସ୍ୱ କର୍ମଚାରୀଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ରାଜେଶ ଦାଶ ଫିରିଙ୍ଗିଆ ତହସିଲ ଅନ୍ତର୍ଗତ ବାଲନ୍ଦାପଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପୂର୍ବତନ ରାତ୍ର ଜଗୁଆଳି ଅଜୟ କୁମାର ମଲ୍ଲିକଙ୍କୁ ୮ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଜୟ ଏବେ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ୨୦୨୩ରେ ଅଜୟ ବାଲନ୍ଦାପଡା ଅଞ୍ଚଳର ଜଣେ ଚାଷୀଙ୍କ ଜମିର ଡିମାର୍କେସନ କରିବା ସହ ଚାଷୀ ଏବଂ ତାଙ୍କ ପରିବାରର ଅନ୍ୟ ଉତ୍ତରାଧିକାରୀମାନଙ୍କ ନାମରେ ଜମି ପଟ୍ଟା କରାଇବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୧୫/୨୩ରେ ଏକ ମାମଲା ରୁଜୁ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ପାରଳାଖେମୁଣ୍ଡି,୧୩।୧(ଗିରିଧାରୀ ପରିଚ୍ଛା) ପାରଳାଖେମୁଣ୍ଡି ସହରରେ ଜଣେ ୧୦ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ପାଇଲୁ ରବି (୩୫) ଗିରଫ ହୋଇଛନ୍ତି। ସହରର ଏକ ସାହିରେ ରହୁଥିବା ନାବାଳିକାଙ୍କ ପରିବାର ଲୋକେ ସୋମବାର କାମକୁ ଯାଇଥିଲେ। ନାବାଳିକା ଜଣକ ଏକୁଟିଆ ଥିବାର ସୁଯୋଗ ନେଇ ପାଇଲୁ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ପାଇଲୁ ତାଙ୍କ ପାଟି ବନ୍ଦ କରି ବଳାତ୍କାର କରିବାକୁ ଉଦ୍ୟମ କଲା ବେଳେ କୌଣସି ପ୍ରକାରେ ନାବାଳିକା ଜଣକ ତାଙ୍କ କବଳରୁ ଖସି ଆସିଥିଲେ। ବାହାରେ ନାବାଳିକା ଏକ କୁଅ ପାଖରେ ପଡ଼ିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ପାଇଲୁଙ୍କୁ ଘର ଭିତରେ ଅଟକାଇ ରଖି ଧରିଥିଲେ। ଏହି ଖବର ଶୁଣି ନାବାଳିକାଙ୍କ ମା' ବାପା ପହଞ୍ଚି ଝିଅଠାରୁ ସବୁ ଶୁଣି ପୋଲିସକୁ ଖବର ଦେଇଥିଲେ। ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ପାଇଲୁଙ୍କୁ ଗିରଫ କରିଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୬/୨୬ରେ ଏକ ମାମଲା ରୁଜୁ ହୋଇଛି।

### ଦମାଦୁଆ ସରପଞ୍ଚ ଅଯୋଗ୍ୟ ଘୋଷିତ

ମୋହନା, ୧୩।୧(ମନ୍ମଥ ମିଶ୍ର)

ଗତ ପଞ୍ଚାୟତ ନିର୍ବାଚନରେ ଭୁଲ୍ ତଥ୍ୟ ଦେଇ ସରପଞ୍ଚ ରୂପେ ନିର୍ବାଚିତ ହୋଇଥିବାରୁ ଏହାର ପ୍ରତିବାଦରେ ପ୍ରତିଦ୍ୱନ୍ଦ୍ୱୀ କୈଳାସି ମାଝୀ ୨୦୨୨ରେ ମୋହନା ସିଭିଲ ଜଜ୍ ଜୁନିୟର ଡିଭିଜନର ଆଶ୍ରୟ ନେଇଥିଲେ। ବିଚାରପତି ୬।୯।୨୦୨୪ରେ ଏହାର ଶୁଣାଣି କରି ସରପଞ୍ଚ ସରସତୀ ମଳିକଙ୍କୁ ସମସ୍ତ ଦାୟିତ୍ୱ ନାଏବ ସରପଞ୍ଚଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରପଞ୍ଚ ସରସ୍ୱତୀ ଏହି ରାୟରେ ଅସନ୍ତୋଷ ପ୍ରକାଶ କରି ଜିଲା ସିଭିଲ ଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜିଲା ସିଭିଲ ଜଜ୍ ମାମଲାର ବିଚାର କରି ଦମାଦୁଆ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ସାନି ନିର୍ବାଚନ କରାଯିବ ବୋଲି ରାୟ ଦେଇଥିଲେ। ଏଥିରେ ମଧ୍ୟ ସରସ୍ୱତୀ ଅସନ୍ତୋଷ ପ୍ରକାଶ କରି ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ଏହାର ବିଚାର କରି ସରସ୍ୱତୀ ମଳିକଙ୍କ ସରପଞ୍ଚ ପଦବୀକୁ ରଦ୍ଦ କରି ନାଏବ ସରପଞ୍ଚଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ରାୟ ଦେଇଛନ୍ତି। ଏ ସମ୍ପର୍କିତ ଚିଠି ପାଇବା ପରେ ଗଜପତି ଜିଲାପାଳ ସମ୍ପୃକ୍ତା ସରପଞ୍ଚ ସରସ୍ୱତୀଙ୍କୁ ଅବଗତ କରାଇବା ସହ ଏ ଦିଗରେ ପଦକ୍ଷେପ ନେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଆଣିବାକୁ ଜିଲାପାଳଙ୍କ ସହାୟତା

ପାରଳାଖେମୁଣ୍ଡି,୧୩।୧ (ଗିରିଧାରୀ ପରିଚ୍ଛା)

ବାହାର ରାଜ୍ୟରେ କାମ କରୁଥିବା ବେଳେ ମୃତ୍ୟୁବରଣ କରିଥିବା ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରାଇ ଆଣିବାକୁ ଗଜପତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସହାୟତା କରିଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଦେଇଛନ୍ତି। ଖବରରୁ ଜଣାପଡିଛି, ସେରଙ୍ଗ ଗ୍ରାମ ନବରଙ୍ଗ ସାହିର ଦିଗବିଜୟ ଲିମ୍ମା (୩୨) ପରିବାର ପୋଷଣ ପାଇଁ ତାମିଲନାଡୁର ମୁଦୁରାଇ ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ସେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସାଧୀନ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପରିବା ପରେ ମୃତଦେହ ଗାଁକୁ ଫେରାଇ ଆଣିବାକୁ ଅସମର୍ଥ ପରିବାର ଲୋକେ ଡ. ପଲ୍ଲଭ କୁମାର ଲିମ୍ମାଙ୍କ ସହ ଜିଲାପାଳଙ୍କ ନିକଟକୁ ଯାଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ପରିବାରକୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବା ଲାଗି ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ସଚିବାଳୟ ହସ୍ତକ୍ଷେପ ପରେ ହଟିଲା ବାସନ୍ଦ

## ୬ ମାସ ପରେ ଝରାପଦର ଗାଁରେ ଫେରିଲା ଶାନ୍ତି

ଗଞ୍ଜାମ,୧୩।୧(ଅନାଥ ତରାଇ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝରାପଦର ଗ୍ରାମରେ ଏକ ଦୀର୍ଘଦିନର ସାମାଜିକ ବାସନ୍ଦ ଘଟଣାର ସମାଧାନ ହୋଇଛି। ଏଚ୍.ସାବିତ୍ରୀ ରେଡ୍ଡୀ ଓ ତାଙ୍କ ଭାଇ ଏନ୍. ଅସନ୍ତା ରେଡ୍ଡୀଙ୍କ ପରିବାରକୁ ଗତ ୬ ମାସ ଧରି ଗ୍ରାମ କମିଟି ଦ୍ୱାରା ସାମାଜିକ ବାସନ୍ଦ କରାଯାଇଥିଲା। ଏହି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପରେ ଜିଲା ପ୍ରଶାସନ ଓ ପୋଲିସର ମିଳିତ ଉଦ୍ୟମରେ ବାସନ୍ଦ ଉଠାଯାଇଛି।

ସୂଚନା ମୁତାବକ, ଝରାପଦର ଗ୍ରାମର ଏଚ୍. ସାବିତ୍ରୀ ରେଡ୍ଡୀଙ୍କ ମାନସିକ ବିକୃତ ସ୍ୱାମୀଙ୍କ ସହ ଗ୍ରାମବାସୀଙ୍କର କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିପାଇଁ ଗ୍ରାମ କମିଟି ତାଙ୍କୁ ୧୫ ହଜାର ଟଙ୍କା ଜରିମାନା କରିଥିଲେ। ଜରିମାନା ଦେଇ ନ ପାରିବାରୁ ଗତ ଜୁଲାଇ ମାସରୁ ସାବିତ୍ରୀଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। କେବଳ


ସାବିତ୍ରୀ ରେଡ୍ଡୀ ଓ ଭାଇ ଏନ୍. ଅସନ୍ତା ରେଡ୍ଡୀ

ସେତିକି ନୁହେଁ, ସାବିତ୍ରୀଙ୍କ ସହ କଥା ହୋଇଥିବାରୁ ତାଙ୍କ ଭାଇ ଏନ୍.ଅସନ୍ତା ରେଡ୍ଡୀଙ୍କ ପରିବାରକୁ ମଧ୍ୟ ସାମାଜିକ ବାସନ୍ଦର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବାସନ୍ଦ ଯୋଗୁ ଏହି ୨ ପରିବାରକୁ ଗାଁ ଦୋକାନରୁ ସଉଦା ମିଳୁ ନ ଥିଲା କି ପିଲାମାନଙ୍କୁ ସ୍କୁଲରେ ପଢ଼ିବାକୁ ଦିଆଯାଉନଥିଲା। ସାବିତ୍ରୀ ଓ ତାଙ୍କ ଭାଇ ମୂଲ ଲାଗି ଚଳୁଥିବା ବେଳେ ସାବିତ୍ରୀ ଛତ୍ରପୁରର ବାସନାପଲ୍ଲୀରେ ଭଉଣୀ ଘରେ ରହୁଥିଲେ। ତାଙ୍କ ପୁଅ ଅନ୍ୟ ରାଜ୍ୟରେ ଦାଦନ ଖଟୁଥିଲା। ଏହି କଟକଣା ସେମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲା। ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ମଧ୍ୟ କୌଣସି ସୁଫଳ ନ ମିଳିବାରୁ, ସାବିତ୍ରୀ ଓକିଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ଗତ ଅକ୍ଟୋବର ୬ରେ ପତ୍ର ଲେଖିଥିଲେ। ରାଷ୍ଟ୍ରପତିଙ୍କ ସଚିବାଳୟରୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ରିପୋର୍ଟ ମଗାଯାଇଥିଲା। ଏହାପରେ ସୋମବାର ଛତ୍ରପୁର ଉପ-ଜିଲାପାଳ ଶିବାଶିଷ ବରାଳ, ଏସଡିପିଓ ଚନ୍ଦନ ଘଡାଇ ଓ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଗ୍ରାମରେ ପହଞ୍ଚି ଗ୍ରାମବାସୀ, କମିଟି ଓ ପ୍ରଭାବିତ ପରିବାରଙ୍କୁ ଏକାଠି କରି ଆଲୋଚନା କରିଥିଲେ। ସମସ୍ତଙ୍କ ସହମତିରେ ବାସନ୍ଦ ଉଠାଯାଇଛି ଏବଂ ଆଗାମୀ ଦିନରେ ଏଭଳି ଘଟଣା ନ ଘଟିବାକୁ ଗ୍ରାମ କମିଟିକୁ ଚେତାବନୀ ଦିଆଯାଇଥିଲା। ଏହି ଘଟଣା ମାନବାଧିକାରର ଉଲ୍ଲଂଘନ ବୋଲି ଆକ୍ଷାୟିତ ହୋଇଥିବା ବେଳେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦୀର୍ଘଦିନର ସମସ୍ୟାର ଅନ୍ତ ଘଟାଇଛି। ଏହି ସମାଧାନ ପରେ ସାବିତ୍ରୀ ରାଷ୍ଟ୍ରପତି ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

ବାଲିଗୁଡା,୧୩।୧ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ତପନ କୁମାର ବାରିକ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଗଞ୍ଜାମ ଜିଲା ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଡ.ସତୀଶ ନାୟକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ଭିତରେ ଶୃଙ୍ଖଳା, ସେବା ଓ ମଣିଷ ପଣିଆ ରହିବା ଆବଶ୍ୟକ ବୋଲି କହିଥିଲେ। ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନରେନ୍ଦ୍ର ଦିଗାଲ, ବନମାଳୀ ବେହେରା, ବିରୂପାକ୍ଷ ତ୍ରିପାଠୀ, ଯୁବ ରେଡ୍‌କ୍ରସ ସଂଯୋଜକ ରତନ ଦିଗାଲ, ଶିକ୍ଷକ ଖୁକେନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ




ରମ୍ଭା,୧୩।୧(ବନବାସୀ ସେଠୀ)

ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ସଭାପତିତ୍ୱ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ ବେହେରା, ମୁଖ୍ୟବକ୍ତା ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ସମ୍ମାନିତ ଅତିଥି ସମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ସିଆର୍‌ସିସି ରବୀନ୍ଦ୍ର ପଣ୍ଡା, ପାଲୁର ତାଲୁକା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ସୁବଳୟା ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା, ଜିଲା କୌଶଳୀ ସଯୋଜକ ପବିତ୍ରା ତ୍ରିପାଠୀ, କାଉନସିଲର ଡଲି ବେହେରା, ସ୍କୁଲ ଏସ୍‌ଏମ୍‌ସି ସଦସ୍ୟ ସନ୍ତୋଷ ବେହେରା, ପ୍ରମୋଦିନୀ ବେହେରା, ନିରୁପମା ବେହେରା, ଡମ୍ବରୁ ବେହେରା, ରାମେୟା ପାତ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ଓ ଶିକ୍ଷକ ଆଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗବନ୍ଧୁ ପ୍ରଧାନ, ବିକ୍ରମ ପଲାଇ, ପ୍ରଶାନ୍ତ ଜେନା, କ୍ରୀଡା ଶିକ୍ଷକ ଅଜିତ କୁମାର ବେହେରା, ଅନୀତା ଜେନା, ମାଳତୀ ସାହୁ, ଭୋକେଶନାଲ ଶିକ୍ଷକ ନିହାର ରଞ୍ଜନ ବେହେରା ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ।

# ଭାଜପାରେ ମିଶିଲେ ବ୍ଲକ୍ ବିଜେଡି ସଭାପତି, ଅଧ୍ୟକ୍ଷା, ସରପଞ୍ଚ

## ରାଇକିଆ ରାଜନୀତିରେ ନୂଆ ସମୀକରଣ

ରାଇକିଆ,୧୩।୧(ପ୍ରଦୀପ ବେହେରା)

ରାଇକିଆ ରାଜନୀତିରେ ମଙ୍ଗଳବାର ନୂଆ ସମୀକରଣ ଦେଖିବାକୁ ମିଳିଛି। ହରି ଓମ୍ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଆତ୍ମ ନିର୍ଭର ଭାରତ ସମୃଦ୍ଧ ସମାବେଶ କାର୍ଯ୍ୟକ୍ରମ ଅବସରରେ ମଙ୍ଗଳବାର ବ୍ଲକ୍ ବିଜେଡିକୁ ଦୀର୍ଘ ବର୍ଷ ହେଲା ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବଡ଼ ନେତୃବୃନ୍ଦ ଦଳ ତ୍ୟାଗ କରି ଭାଜପାରେ ଯୋଗ ଦେଇଛନ୍ତି। ଏମପି ସୁକାନ୍ତ ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ପଣ୍ଡିତ ବିଶି ମାଝୀଙ୍କ ଉପସ୍ଥିତିରେ ବ୍ଲକ୍ ଅଧ୍ୟକ୍ଷା, ସରପଞ୍ଚ, ୩ ଜଣ ସମିତି ସଭ୍ୟ ସଭ୍ୟା, ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଭାଜପାରେ ଯୋଗଦାନ କରିଛନ୍ତି। ଭାଜପା ବିଚାର ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଯେଉଁ ମାନେ ଦଳରେ ମିଶିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ର ବିକାଶରେ ସାମିଲ ହେବା ପାଇଁ ଜିଲା ଭାଜପା ସଭାପତି ଆହ୍ୱାନ ଜଣାଇଥିଲେ। ୧୫ ବର୍ଷ ସକ୍ରିୟ ରାଜନୀତିରେ ରହିବା ସହ ୨ଥର ସରପଞ୍ଚ, ଗୋଟିଏ ଥର ସମିତି ସଭ୍ୟା ଏବଂ ପୂର୍ବରୁ ବିଜେଡିର ବ୍ଲକ୍ ସଭାନେତ୍ରୀ ଦାୟିତ୍ୱ ତୁଲାଇଥିବା ବର୍ତ୍ତମାନର ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଥିବା ବେଳେ ନିକଟରେ ବ୍ଲକ୍ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରିନା ପ୍ରଧାନ ମଧ୍ୟ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଗୁମାମାହା ସରପଞ୍ଚ ମଧ୍ୟ ରହିଛନ୍ତି। ଅନ୍ୟପକ୍ଷରେ କ୍ରମାଗତ ୩ଥର ସଭାପତି ଭାବେ ମନୋନୀତ ହୋଇ ବ୍ଲକ୍ ବିଜେଡ଼ିର ନେତୃତ୍ୱ ନେଇ ଆସୁଥିବା ରାଜ ମୋହନ ଦିଗାଲ ମଧ୍ୟ ଭାଜପାରେ ଯୋଗଦେଇ ରାଇକିଆ ରାଜନୀତିକୁ ନୂଆ ମୋଡ଼ ଦେଇଛି। ଏଥିସହ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ହୃଷୀକେଶ ପାଢ଼ୀ, କରଡା ସମିତି ସଭ୍ୟା ସୁମିତ୍ରା ପାଣିଗ୍ରାହୀ, ସୁଗଡବଡି ସମିତି ସଭ୍ୟ ଜିକୁନ ସାହୁ, ଇନ୍ଦ୍ରଗଡ଼ ସମିତି ସଭ୍ୟା ଶାନ୍ତି ଲତା ମଲିକଙ୍କ ସମେତ ବିଭିନ୍ନ ଦଳରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପଦ୍ମ ଚରଣ ଦାସ, ମାନ ଗୋବିନ୍ଦ ପ୍ରଧାନଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।


ଭାଜପାରେ ସାମିଲ ହୋଇଥିବା ନେତା ।

## ମଦ ଜବତ, ୨ଗିରଫ

ଦିଗପହଣ୍ଡି,୧୩।୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ମଙ୍ଗଳବାର ମହୁରୀ କାଲୁଆ ନିକଟ କୁମ୍ଭଝରି ଗ୍ରାମରେ ଚଢାଉ କରି ପ୍ରଭାକର ମଲ୍ଲିକ ଓ କେ.ନୂଆଗାଁ ଥାନା ପୋଡ଼ାଖାଲ ଗ୍ରାମରେ ଚଢାଉ କରି ଗ୍ରାମର କୈଳାସ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପ୍ରଭାକରଙ୍କ ନିକଟରୁ ୨୫ ଲିଟର ଏବଂ କୈଳାସଙ୍କଠାରୁ ୧୦ ଲିଟର ଦେଶୀମଦ ଜବତ କରାଯାଇଛି। ଚଢାଉରେ ଅବକାରୀ ଥାନା ଏଏସ୍ଆଇ ମନୋଜ ସିଂ,ଏଏସଆଇ କହ୍ନେଇ ମିଁଦ୍ଧା ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ବେଳାଭୂମିରେ ସଫେଇ

ଗୋପାଳପୁର,୧୩।୧(ନବୀନରାଜ୍ ଆଚାରୀ)

ଗୋପାଳପୁର ବେଳାଭୂମିରେ ମଙ୍ଗଳବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ବନ ଉପଖଣ୍ଡ ବ୍ରହ୍ମପୁର ପକ୍ଷରୁ ସଫେଇ ସହ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଗୋପାଳପୁର ଏନ୍‌ଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ନାହାକଙ୍କ ନେତୃତ୍ୱରେ ଉଭୟ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ବେଳାଭୂମିରେ ସଫେଇ କରିବା ସହ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

## ଡିଜିପି ପଦକ ପାଇଲେ ଭେଜିପୁଟ ଫାଣ୍ଡି ଅଧିକାରୀ

ଖଲ୍ଲିକୋଟ,୧୩।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଡିଜିପି ପଦକ ପାଇଛନ୍ତି। ରାଜ୍ୟ ପୋଲିସ ବାହିନୀରେ ନିଷ୍ପାପର ସେବା ଓ କାର୍ଯ୍ୟ ଦକ୍ଷତା ପାଇଁ ପୋଲିସ ମହାନିର୍ଦ୍ଦେଶକ ତାଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ରବିବାର କଟକ ସ୍ଥିତ ଆର୍‌କେ ମେମୋରିଆଲ ହଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୋଲିସ ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭେଜିପୁଟ ଫାଣ୍ଡି ଓ ଆଇସି ଦେବାଶିଷ ମିଶ୍ର ରହିଛନ୍ତି। ଖଲିକୋଟ ଥାନା ଅଞ୍ଚଳରେ ଘଟୁଥିବା ଘଟଣା ଗୁଡ଼ିକୁ ଗୁରୁତର ସହ ନେବା ଏବଂ ଖୁବ କମ ଦିନରେ ସେଗୁଡିକ ସମାଧାନ କରିବା ଓ ଜଣେ ସଚୋଟ ଅଫିସର ଭାବେ ଦେବାଶିଷଙ୍କ ସୁନାମ ରହିଛି। ଏନେଇ ଖଲିକୋଟ ଥାନା ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।


**Gangadhar Meher University,**
**Amruta Vihar, Sambalpur, Odisha-768001**
**Invitation of Expression of Interest for engagement as PMC for Construction of different buildings at G.M University, Sambalpur**

**Advt. No. 121/GMU** **Date 13.01.2026**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website **www.gmuniversity.ac.in** for details. The last date of submission of EoI is 12.02.2026.

Sd/-
**Registrar**

**Gangadhar Meher University,**
**Amruta Vihar, Sambalpur, Odisha-768001**
Invitation of Expression of Interest (EoI) for Empanelment of Vendors for Supply of various items/services

**Advt. No. 125/GMU** **Date 13.01.2026**

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website **www.gmuniversity.ac.in** for details. The last date of submission of EoI is 22.01.2026.

Sd/-
Registrar

No. O-2035 **GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
**NATIONAL COMPETITIVE BIDDING THROUGH e-Procurement**
Identification No. Online Tender/24/RWDBNJ/2025-2026
Ltr. No. 114 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: **www.tendersodisha.gov.in**.
OIPR- Sd./- Executive Engineer, R.W. Division, Bhanjanagar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com
Letter No. 66 **2nd Corrigendum Notice** Date: 09.01.26

**2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.**
No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.
OIPR: Sd./- Chief Construction Engineer, Rural Works Circle, Kendrapara-Jajpur

**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଉର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।

ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ
ରାଇରଙ୍ଗପୁର ବନଖଣ୍ଡ

**SUMMONS FOR SETTLEMENT OF ISSUES**
(Order V Rule-1 & 5 of C.P.C.)
**IN THE COURT OF THE CIVIL JUDGE, SENIOR DIVISION, ASKA, GANJAM**
C.S. 69/2024
Between
Manorama Panda ... Plaintiff
And
Tapaspini Panda and another ... Defendants
To
Tapaspini Panda
D/o. Late Durgamadhab Panda
Resident of Vill/P.O.: Humuki,
P.S.: Kotinada, Dist.: Ganjam
At present residing under the care and custody of her huband Rajendra Kumar Panda
At: Irrigation Colony, P.O./P.S.: Jeypore, Dist.: Koraput, Odisha

WHEREAS the plaintiff above named has instituted a suit against you for the facts stated in the plaint you are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions, on the 28th day of January, 2026 at 10.30 A.M. in the forenoon, to answer the claim; and further you are hereby directed to file on that day written statement of your defence and to produce on the said day all documetns in your possession or power upon which you base your defence or claim for set-off or counter-claim and where you rely on any other document whether in you possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement.
Take notice, that in default of your appearance on the day before mentioned the suit will be heard and determined in your absence.
Given under my hand and seal of the Court this 12th day of January 2026.
Sd./- Advocate for Plaintiff
Sd./- Civil Judge (Sr. Divn.), Aska

**REQUIRED**
**Female Nurses (DMLT)**
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ । ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ । ଦରମା: **ଟ.14,000-15,000/-** । ରହିବା ଓ ଖାଇବା ସୁବିଧା ଦିଆଯିବ ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. **eT-M-BG-PURI-42-2026**
କାର୍ଯ୍ୟର ନାମ : 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।
ଟେଣ୍ଡର ମୂଲ୍ୟ : ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
କୋଚିଂ ଡିପୋ ଅଧିକାରୀ/ ପୁରୀ
PR-1004/Q/25-26

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା ।
ଆନୁମାନିକ ମୂଲ୍ୟ : ₹ 84,56,508/-, EMD : ₹1,69,100/-, ଶେଷ ହେବା ଅବଧି : 08 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.29.01.2026ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1002/Q/25-26

**PARADIP PORT AUTHORITY**
Tender No.ENG/CE/1523/NDC3/2024/375 Dt.08.01.2026
**DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS**
**INVITATION OF REQUEST FOR QUALIFICATION (RFQ)**
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.
Executive Engineer (C),
Project Implementation Office, PPA.
PPA/PR/64/2025-2026, dt.12/01/2026

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ **ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ** ନିମନ୍ତେ **୦୫ (ପାଞ୍ଚ)** ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬ । କାର୍ଯ୍ୟର ବର୍ଣ୍ଣନା: ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା । ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ । କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ । କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୦-୨୬ । କାର୍ଯ୍ୟର ବର୍ଣ୍ଣନା: ବାଙ୍କୁରା-ମାସାଗ୍ରାମ ସେକ୍ସନ ମଧ୍ୟରେ ବନ୍ଦ ଲେଭଲ କ୍ରସିଂ ବିଆର୍-୧୦୮ ଓ ବିଆର୍-୦୧ ନିକଟରେ ପ୍ରସ୍ତାବିତ ଏଲ୍‌ଏଚ୍‌ଏସ୍‌ଠାରେ ଡ୍ରେନେଜ୍ ସିଷ୍ଟମ୍‌ର ଉନ୍ନତୀକରଣ ଓ କଭର୍ ଶେଡ୍‌ର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୪,୨୨,୫୧,୬୭୫.୧୭ । କ୍ର.ସଂ.-୫, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୧-୨୬ । କାର୍ଯ୍ୟର ବର୍ଣ୍ଣନା: ଚନ୍ଦ୍ରକୋଣା ରୋଡ୍ ଷ୍ଟେଶନର ସର୍କୁଲେଟିଂ ଏରିଆ ସହିତ ବିଦ୍ୟମାନ ଆଇଲାଣ୍ଡ ପିଏଫ୍ ଏବଂ ପ୍ରସ୍ତାବିତ ପିଏଫ୍‌କୁ ଯୋଡ଼ିବା ପାଇଁ ଏକ ନୂତନ ଏଫ୍‌ଓବି (୩-ମିଟର ଚଉଡ଼ା)ର ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୫,୬୨,୩୮,୭୭୯.୧୦ । ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି **ତା୧୦।୦୨।୨୦୨୬ରିଖ ୧୫.୦୦ ଘଟିକା** (କ୍ର.ସଂ. ୧ ଓ ୫ ପାଇଁ ପ୍ରତ୍ୟେକ) । ଉପରୋକ୍ତ ଇ-ଟେଣ୍ଡରର ବିବରଣୀ **www.ireps.gov.in** ରେ ଦେଖାଯାଇପାରିବ । (PR-1054)

## ସଂକ୍ଷେପରେ

### ଅଟୋ ଓଲଟି ୫ ଗୁରୁତର

ପୁରୁଷୋତ୍ତମପୁର,୧୩।୧ (ସବିତା ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ରାସ୍ତାର ନୂଆପଲ୍ଲୀ ଛକ ନିକଟରେ ମଙ୍ଗଳବାର ଏକ ଅଟୋ ଓଲଟି ୫ଜଣ ମହିଳା ଶ୍ରମିକ ଗୁରୁତର ହୋଇଛନ୍ତି। ଦୁଆନପଲ୍ଲୀ ଗ୍ରାମର ଏହି ଶ୍ରମିକମାନେ ମୂଲ ଖଟିବା ପାଇଁ ଅଟୋ ଯୋଗେ ଗ୍ରାମରୁ ନୂଆପଲ୍ଲୀ ଆସୁଥିବା ବେଳେ ନୂଆପଲ୍ଲୀ ଛକ ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡମେଡିକାଲ ପଠାଯାଇଛି।

### ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଧରାକୋଟ,୧୩।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଡିଓ ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ଭାବେ ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଜିତ କୁମାର ପଣ୍ଡା, ଏଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ଡାକ୍ତର ସଚ୍ଚିଦାନନ୍ଦ ବିଶୋଇ, ଏସଏମସି ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ହେବା, ଚରିତ୍ର ଗଠନ, ପ୍ରତିଯୋଗିତା ମୂଳକ ଭାବରେ ଅଧ୍ୟୟନ ପାଇଁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଆନ୍ତଃ ଗ୍ରାମୀଣ କ୍ରିକେଟ୍ ଟୁର୍ନାମେଣ୍ଟ: କାଳିପଲ୍ଲି ବିଜୟୀ

ଛତ୍ରପୁର. ୧୩।୧(ଦିଲୀପ ସାମଲ)– ଗ୍ରାମାଞ୍ଚଳ ଯୁବପିଢ଼ିଙ୍କ ମଧ୍ୟରେ ଥିବା କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି ଆନ୍ତଃ ଗ୍ରାମୀଣ କ୍ରିକେଟ୍ ଟୁର୍ନାମେଣ୍ଟ। ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଯୁବକମାନଙ୍କୁ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମଙ୍ଗଳବାର ୧୨ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଆର୍ଯ୍ୟପଲ୍ଲୀ ଏବଂ କାଳିପଲ୍ଲି ମଧ୍ୟରେ ହୋଇଥିଲା। ଏଥିରେ କାଳିପଲି ଦଳ ୧୨ ଓଭରରେ ୧୫୩ ରନ କରିଥିଲା। ବଡ଼ ଆର୍ଯ୍ୟପଲି ୧୦ ଓଭରରେ ୯୫ ରନ୍ କରି ଅଲ୍ ଆଉଟ ହୋଇଯାଇଥିଲା। ଫଳରେ କାଳିପଲି ୫୮ରନରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚକୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋପାଳପୁର ବନ୍ଦରର ବ୍ୟବସାୟ ମୁଖ୍ୟ ଶ୍ରୀ ପ୍ରଶାନ୍ତ ପାତ୍ର, ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତବନ୍ଧୁ ଶତପଥୀ ଓ ସିଏସ୍‌ଆର୍ ମୁଖ୍ୟ ଦେବଦତ୍ତ ମିଶ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ଯୁବପିଢି, ଛାତ୍ରୀଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ୬ଟି ପଞ୍ଚାୟତରୁ ୮ଟି ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ଆସନ୍ତା ୧୬ ତାରିଖରେ ଫାଇନାଲ ମ୍ୟାଚ ହେବ।

# ପଡ଼ିରହିଛି ଗ୍ୟାସ୍‌ଚୁଲା, କାଠ ଜାଳି ହେଉଛି ରୋଷେଇ

ମୋହନା,୧୩।୧।(ମନ୍ମଥ ମିଶ୍ର)

## ବିପଦସଙ୍କୁଳ ରୋଷେଇ ଗୃହ



ବିଦ୍ୟାଳୟ ହେଉ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରରେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ସରକାର ନିୟମ କରିଛନ୍ତି। ମାତ୍ର ଖାଦ୍ୟ ପ୍ରସ୍ତୁତ ହେଉଥିବା ଗୃହ (ରୋଷେଇ ଘର) ଅବସ୍ଥା କେଉଁଠି କିପରି ଅଛି ତାହାର ତଦାରଖ କରୁନାହାନ୍ତି। ଗଜପତି ଜିଲାର ଅନେକ ବ୍ଲକରେ ଏପରି ବିପଦସଙ୍କୁଳ ରୋଷେଇ ଘର ରହିଛି ଯେଉଁଠି ରୋଷେଇ ପାଇଁ ନିଯୁକ୍ତ କର୍ମୀ ଓ ସହକର୍ମୀମାନେ ନିଜକୁ ନିରାପଦ ମଣୁନାହାନ୍ତି। ଅପରପକ୍ଷରେ ରୋଷେଇ ପାଇଁ ଗ୍ୟାସଚୁଲା ରହିଥିବା ବେଳେ କାଠ ଜାଳି ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଛି। ଜିଲାର ମୋହନା ବ୍ଲକର ବିଭିନ୍ନ ସ୍ଥାନରେ ଏପରି ଅନେକ ବିପଦସଙ୍କୁଳ ଅବସ୍ଥାରେ ରୋଷେଇ ଗୃହ ଓ କାଠଜାଳି ରୋଷଇ ହେଉଥିବା ଦେଖିବାକୁ ମିଳିଛି। ଅଧିକାଂଶ ବିଦ୍ୟାଳୟରେ ଗ୍ୟାସ ସିଲିଣ୍ଡର୍ ଓ ଚୁଲାପଡ଼ି ପଡ଼ି ନଷ୍ଟ ହେଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏସମ୍ପର୍କରେ ପଚାରିଲେ ସେମାନେ କହୁଛନ୍ତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାର ରୋଷେଇ କରି ଦେବା ପାଇଁ ଦାୟିତ୍ୱ ଦେଇଛନ୍ତି, ଆମର ସେଥିରେ କୌଣସି ଭୂମିକା ନାହିଁ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପଚାରିଲେ କହୁଛନ୍ତି, କାଠରେ ରୋଷେଇ କଲେ ଶସ୍ତା ପଡୁଛି। ପ୍ରଧାନ ଶିକ୍ଷକମାନେ ଗ୍ୟାସ ସିଲିଣ୍ଡର୍ ଆମକୁ ଭରି କରି ଦେଉ ନ ଥିବାରୁ ଆମେ ବ୍ୟବହାର କରିପାରୁନୁ ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ପ୍ରଦୂଷଣମୁକ୍ତ ପରିବେଶ ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନେଇ ଗ୍ୟାସଚୁଲା ଯୋଗାଇ ଦେଇଥିବା ବେଳେ ବିଦ୍ୟାଳୟଗୁଡିକୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଲାଗି କାଠଜାଳି ରୋଷେଇ କରି ପ୍ରଦୂଷଣ ବଢ଼ାଉଛନ୍ତି। ଏହା ଏବେ ଏକ ଚିନ୍ତାର ବିଷୟ ପାଲଟିଛି।

ଅନ୍ୟପକ୍ଷରେ ସରକାର ପ୍ରାଥମିକ ବିଦ୍ୟାଳୟକୁ ଜାଳେଣି ବାବଦକୁ ୭୬ ପଇସା ଦେଉଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏକ ଟଙ୍କା ଦେଉଛନ୍ତି। ଏତେ କମ ଟଙ୍କାରେ ରନ୍ଧନ ଗ୍ୟାସରେ ରୋଷେଇ କରି ଦେବା ସମ୍ଭବ ହୋଉ ନ ଥିବା କେତେକ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା କହିଛନ୍ତି। ଯଦି ସରକାର ଏ ଦିଗରେ ପଦକ୍ଷେପ ନେଇ ଜାଳେଣି ବାବଦକୁ କିଛି ଅର୍ଥରାଶି ଅଧିକ କରନ୍ତି ତେବେ କାଠରେ ରୋଷେଇ ନ କରି ଆମେ ଗ୍ୟାସରେ ରୋଷେଇ କରି ଯୋଗାଇ ଦେବୁ ବୋଲି ପ୍ରକାଶ କରିଛନ୍ତି।

## ବୋଲେରୋ-ଆମ୍ବୁଲାନ୍ସ ଧକ୍କା ; ମହିଳା ମୃତ, ୨ ଗୁରୁତର

ଦିଗପହଣ୍ଡି,୧୩।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ଉପକଣ୍ଠ ୩୨୬ ନଂ. ଜାତୀୟ ରାଜପଥ କପାମଣ୍ଡି ନିକଟରେ ବୋଲେରୋ ସହ ଆମ୍ବୁଲାନ୍ସ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା କାଶୀପୁର ଅଞ୍ଚଳର ଲଳିତା ନାୟକ(୪୫)। ଏଥିରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହେଲେ ଲଳିତାଙ୍କ ଭଉଣୀ କୁମାରୀ ନାୟକ(୩୦), ଭଣଜା ବୁନା ନାୟକ (୨୦)। ସୋମବାର ରାତି ପ୍ରାୟ ସାଢ଼େ ୨ ଟାରେ ଦୁର୍ଘଟଣା ଘଟିଛି। କଟକ ବଡ଼ ଡାକ୍ତରଖାନାରେ ଲଳିତାଙ୍କୁ ଚିକିତ୍ସା କରାଇ ପରିବାର ଲୋକେ ବୋଲେରୋରେ କାଶୀପୁର ଫେରୁଥିବା ବେଳେ ବିପରୀତ ଦିଗରୁ ଆମ୍ବୁଲାନ୍ସଟି ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ କର୍ମଚାରୀ ମାନଙ୍କ ସହାୟତାରେ ସମସ୍ତ ଆହାତ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। କୁମାରୀ ଏବଂ ବୁନାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମାମଲା ରୁଜୁ କରି ଲଳିତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏନେଇ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିର୍ଦ୍ଦେଶନାମା ରଦ୍ଦ ଦାବି

ଭଞ୍ଜନଗର,୧୩।୧(ବାବୁଲା ପ୍ରଧାନ)

ଓଡିଶା ବନ ଉନ୍ନୟନ ନିଗମରେ ଆଉଟ ସୋର୍ସିଂ ଆଳରେ ପୁନଃନିଯୁକ୍ତି ବଞ୍ଚେଇ ରଖିବା ପାଇଁ ନିଗମ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି। ଦୀର୍ଘଦିନ ଧରି ବନ ଉନ୍ନୟନ ନିଗମରେ ପୁନଃନିଯୁକ୍ତି ଆଳରେ ପ୍ରାୟ ୨୦୦ ଅବସରପ୍ରାପ୍ତ କର୍ମଚାରୀଙ୍କୁ ରଖାଯାଇଥିଲା । ଯାହା ଫଳରେ ନିଗମର ଆର୍ଥିକ କ୍ଷତି ହେବା ସହ ନିୟମିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା । ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘର ବିରୋଧ ଫଳରେ ପରିଚାଳନା କର୍ତ୍ତୃପକ୍ଷ ଗତ ୩୧ ତାରିଖଠାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବନ୍ଦ କରିଥିଲେ । ମାତ୍ର କେତେଜଣ ଅଫିସର୍ ଏବେ ବି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ଏହି ଧାରାକୁ ବଜାଇ ରଖିବା ପାଇଁ ଚେଷ୍ଟା ଚଳାଇଛନ୍ତି । ସେମାନଙ୍କ କ୍ଷମତା ନ ଥାଇ ମଧ୍ୟ ପୁନଃ ନିଯୁକ୍ତି ପାଇଁ ଆଦେଶ ଦେଉଛନ୍ତି । ବନ ଉନ୍ନୟନ ନିଗମର ଜଣେ ଅଧିକାରୀ ଇତିମଧ୍ୟରେ ତାଙ୍କର କ୍ଷମତା ନଥାଇ ମଧ୍ୟ ପୁନଃ ନିଯୁକ୍ତି ଦେଇଛନ୍ତି । ନିୟମ ଅନୁଯାୟୀ ବେତନଠାରୁ ମଧ୍ୟ ଅଧିକ ପାରିଶ୍ରମିକ ତାଙ୍କୁ ଦେଇଛନ୍ତି। ରାଜ୍ୟରେ ପୁନଃ ନିଯୁକ୍ତି ନିଗମ ପାଇଁ ବନ୍ଦ କରାଯାଇଥିବା ବେଳେ କେଉଁ ସ୍ୱାର୍ଥରେ ଗଞ୍ଜାମ ଜିଲାରେ ଆବଶ୍ୟକ କର୍ମଚାରୀ ଥାଇ ମଧ୍ୟ ପୁନଃ ନିଯୁକ୍ତି ପ୍ରଦାନ କରାଯାଉଛି ତାହାକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ଏହି ନିଯୁକ୍ତିକୁ ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ କେନ୍ଦ୍ରୀୟ କମିଟି ବିରୋଧ କରିବା ସହ ଉକ୍ତ ନିଯୁକ୍ତି ଆଦେଶକୁ ରଦ୍ଦ କରିବା ପାଇଁ ଦାବି କରିଛି । ନିଗମ କର୍ତ୍ତୃପକ୍ଷ ଏଥିରୁ ବିଚ୍ୟୁତ ନ ହେଲେ ସଂଘ ନିଗମ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବ ବୋଲି ନେତା ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ରାମଚନ୍ଦ୍ର ମର୍ଦ୍ଦରାଜ ଜନମାନସରେ ସ୍ମରଣୀୟ ହୋଇ ରହିବେ

ଛତ୍ରପୁର,୧୩।୧(ଦିଲୀପ ସାମଲ)

ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା ତଥା ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୬ତମ ଜୟନ୍ତୀ ଛତ୍ରପୁରଠାରେ ପାଳିତ ହୋଇଛି । ଅତିଥିମାନେ ରାଜା ରାମଚନ୍ଦ୍ରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରି ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଗଞ୍ଜାମ ଏବଂ ଓଡିଶା ପାଇଁ ଅବଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ, ୧୯୨୧ରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ୧୯୨୩ରେ ତତ୍କାଳୀନ ମାଡ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ

### ଜିଲାସ୍ତରୀୟ ଜୟନ୍ତୀ ପାଳିତ

ଅବହେଳିତ ଓଡିଶାବାସୀଙ୍କ ଉନ୍ନତିମୂଳକ କାର୍ଯ୍ୟରେ ମନୋନିବେଶ କଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ସେ ମନ ପ୍ରାଣ ଢାଳିଦେଇଥିଲେ। ମରୁଡ଼ି ମୁକାବିଲା, ଜଳସେଚନ ନିମନ୍ତେ ବନ୍ଧବାଡର ବ୍ୟବସ୍ଥା, ଗମନାଗମନ ନିମନ୍ତେ ସେ ଅନେକ ପୋଲ ନିର୍ମାଣ କରାଇଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ଥିଲା । ଖଲ୍ଲିକୋଟ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ନିଜ ନାମରେ ନାମିତ ନ କରି ଖଲ୍ଲିକୋଟ ନାମରେ ନାମିତ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିରୁ ରାଜାଙ୍କ ମହାନତା ସ୍ପଷ୍ଟ ହୁଏ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଏ ବିଶ୍ୱମ୍ଭର କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଭି ରାଜେନ୍ଦ୍ର ରାଜୁ ଯୋଗଦେଇ ମର୍ଦ୍ଦରାଜଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜଳିଗଲା ୩୫ ଭରଣ ଜମିର ଧାନ

ଗଞ୍ଜାମ,୧୩।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ମଲାଡ଼ ପଞ୍ଚାୟତ ବରୋଦା ଗ୍ରାମର ଖଳାରେ ମଙ୍ଗଳବାର ଅପରାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ଖଳାରେ ଅମଳ କରିବାକୁ ଗଦା କରାଯାଇଥିବା ୩୫ ଭରଣ ଜମିର ଧାନ ଜଳି ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଛତ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ପ୍ରାୟ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ସେତେବେଳକୁ ଗ୍ରାମର ଜମିଲା ରାଉତ, ମହେଶ୍ୱର ସ୍ୱାଇଁ, ନରସିଂହ ସ୍ୱାଇଁ, ନନ୍ଦିନୀ ରାଉତ, ଗଙ୍ଗା ପରିଡା, ଆଦିତ୍ୟ ରାଉତ, ଲୋକନାଥ ରେଢ୍ଡି, ଜମ୍ମୁ ମାହାନ୍ତିଙ୍କର ଧାନ ସବୁ ପୋଡି ପାଉଁଶ ହୋଇଛି। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ବରୋଦା ଗ୍ରାମ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀ ଏବଂ ପ୍ରକୃତ ଚାଷୀ ହୋଇଥିବା ହେତୁ ସେମାନଙ୍କୁ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସରପଞ୍ଚ ବେହେରା ଗଞ୍ଜାମ ତହସିଲଦାରଙ୍କୁ ଅବଗତ କରିଛନ୍ତି।

## ଚାଷ ବେଳେ ରୋଟାଭେଟର ଲଙ୍ଗଳରେ ପଶି ମୃତ୍ୟୁ ଘଟଣା
## ମୃତକଙ୍କ ପରିବାରକୁ ସହାୟତା

ଚିକିଟି,୧୩।୧(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ନୂଆପଡା ଗ୍ରାମର କେ. ଶୁକ୍ରୁ ଗତ ୧୧।୧।୨୬ରେ ନିଜ ବିଲରେ ରୋଟାଭେଟର ଲଙ୍ଗଳ ମାଧ୍ୟମରେ ଚାଷ କରୁଥିବା ବେଳେ ଅସାବଧାନତା ଯୋଗୁ ଲଙ୍ଗଳରେ ପଶିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। । ଏହି ଦୁଃଖଦ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ,ଶୁକ୍ରୁ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ଟ୍ରାକ୍ଟର ଡ୍ରାଇଭର ଚଳାଉଥିବା ବେଳେ ସେ ତାଙ୍କ ପାଖରେ ଥିଲେ। କୌଣସି କାରଣରୁ ଶୁକ୍ରୁ ରୋଟାଭେଟର ଲଙ୍ଗଳରେ ପଶି ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଯାବତ୍ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି।

## ପ୍ରଥମ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ




ଦାରିଙ୍ଗବାଡ଼ି, ୧୩।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ଭୃମରବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ରାଜକିରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଶିକ୍ଷକ ସୁମନ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ବିଡିଓ ପ୍ରୀତିରଞ୍ଜନ ରଥ ମୁଖ୍ୟ ଅତିଥି,ମୁଖ୍ୟବକ୍ତା ଭାବେ ବିଇଓ ମହେଶ୍ୱର ମାଝୀ, ଅନ୍ୟତମ ଅତିଥିରୂପେ ସରପଞ୍ଚ ନରୋତ୍ତମ ପ୍ରଧାନ, ସମିତିସଭ୍ୟା ମିତା ପ୍ରଧାନ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ପିଏମଶ୍ରୀ କମିଟି ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଭୀଷ୍ମ ଚରଣ ପୂଜାରୀ, ପୂର୍ବତନ ୨ ସରପଞ୍ଚ ତିଲମା ପ୍ରଧାନ ଏବଂ ଆକାଶ ପ୍ରଧାନ ଉପସ୍ଥିତ ଥିଲେ। ଏହି ଉତ୍ସବକୁ ବିଡିଓ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ସରକାର ଉଚ୍ଚ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଘୋଷଣା କରାଯିବା ପରେ ଏହା ପ୍ରଥମ ଉତ୍ସବ ପାଳନ କରାଯାଉଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଦ୍ୟାଳୟକୁ ସରକାର ପିଏମଶ୍ରୀ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶ୍ରେଣୀ କୋଠା ସମେତ ମୌଳିକ ସମସ୍ୟା ଲାଗି ରହିଛି। ସେହିପରି ଶୌଚାଳୟ, ପାଚେରି, ଭଳି ମୌଳିକ ସୁବିଧା ନ ଥିବା ଓ ତାକୁ ସରକାର ଶୀଘ୍ର ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ସମିତିସଭ୍ୟା ମିତା ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପୂଜାରୀ ଦାବି କରଥିଲେ। ବିଦ୍ୟାଳୟ ସମସ୍ୟା ଶୀଘ୍ର ସମାଧାନ ହେବ। ଏହି ପ୍ରକ୍ରିୟା ଜାରି ରହିଛି ବୋଲି ବିଡ଼ିଓ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକ ଜଳେନ୍ଦ୍ର ଦିଗାଲ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଦୀପକ ପ୍ରଧାନ, ସେବତୀ ପ୍ରଧାନ, ଶ୍ରୀନିବାସ ସ୍ୱାଇଁ, ସନାତନ ନାୟକ, କୃପା ସିନ୍ଧୁ ନାୟକ, ଗୋବିନ୍ଦ ମାଣିକ, ସୁରେନ୍ଦ୍ର ନାଗ, ତନ୍ମୟ ବିଷୋୟୀ, ଜ୍ଞାନ ଭୂଷଣ ନାୟକ, ଅମିତ ପାତ୍ର, ଅଞ୍ଜଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ

ମୋହନା,୧୩।୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଲୁହାଗୁଡ଼ି ଗ୍ରାମରେ ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସରେ ଏହି ରଥ ଶୁଭାରମ୍ଭ କରାଯାଇଛି। ଭାରତ ବିଶ୍ୱର ୪ର୍ଥ ଆର୍ଥିକ ଶକ୍ତି ଭାବେ ଉଭା ହୋଇଛି। କିଛି ବର୍ଷ ମଧ୍ୟରେ ଏହା ତୃତୀୟ ଆର୍ଥିକ ଶକ୍ତିରେ ପରିଣତ ହେବ। ନିଜସ୍ୱ କୌଶଳରେ ନିର୍ମିତ ଉତ୍ପାଦ ଦ୍ରବ୍ୟର ବହୁଳ ବ୍ୟବହାର ହେଲେ ଦେଶ ଆତ୍ମ ନିର୍ଭରଶୀଳ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଦେଶକୁ ବିଶ୍ୱର ପ୍ରଥମ ଆର୍ଥିକ ଶକ୍ତି କିରବାକୁ ହେଲେ ସ୍ୱଦେଶୀ ବସ୍ତୁର ନିର୍ମାଣ ଓ ବ୍ୟବହାର ହେଉଛି ସବୁଠୁ ବଡ଼ ମାର୍ଗ । ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସଂକଳ୍ପ ରଥ ପରିକ୍ରମା କରୁଛି। ସ୍ୱାଗତ ବେଳେ ମଞ୍ଚର ପୂର୍ବ ପ୍ରାନ୍ତ ସହ ସଂଯୋଜକ ପ୍ରସନ୍ନ ଛୋଟରାୟ, ଭାଜପା ଜିଲା ସଭାପତି ନବ କିଶୋର ଶବର ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ସଂକଳ୍ପ କରାଇଥିଲେ।

## ଗଜପତି ଏସ୍‌ପିଙ୍କ ସମେତ ୩ଜଣଙ୍କୁ ପଦକ

ପାରଳାଖେମୁଣ୍ଡି,୧୩।୧ (ଗିରିଧାରୀ ପରିଚ୍ଛା)

ପୋଲିସ ବାହିନୀରେ ନିଷ୍ଠାପର ସେବା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ରାଜ୍ୟର ୪୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ପଦକରେ ସମ୍ମାନିତ କରାଯାଇଛି। ଏଥିରେ ଗଜପତି ଜିଲା ଏସ୍‌ପିଙ୍କ ସମେତ ୩ ଜଣ ପୋଲିସ ଅଧିକାରୀ ସମ୍ମାନିତ ହୋଇଛନ୍ତି। ସୋମବାର କଟକସ୍ଥିତ ଆରକେ ପାଢ଼ୀ ମେମୋରିଆଲ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସଫଳ ଅଧିକାରୀମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଗଜପତି ଜିଲାରୁ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଓ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସବ୍‌ଇନ୍ସପେକ୍ଟର ସୁନୀଲ ସେଠୀ ଏହି ପଦକ ପାଇଛନ୍ତି।




ଡିଜିପି ପଦକ ଗ୍ରହଣ କରୁଛନ୍ତି ଗଜପତି ଏସ୍‌ପି

## ପ୍ରତିଯୋଗିତାର ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର

ଜି.ଉଦୟଗିରି,୧୩।୧ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ପାଳନ କରାଯାଇଛି। ବିଦ୍ୟାଳୟ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଆୟୋଜିତ ସଭାରେ ବିଦ୍ୟାଳୟ ସମ୍ପାଦକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଏସଡିପିଓ ବିଜୟ ବିଶି ଯୋଗ ଦେଇ ବିଦ୍ୟାର୍ଥୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଜୀବନ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଖବରଦାତା ଶିଶିର ପଟ୍ଟନାୟକ ଯୋଗ ଦେଇ ବିବେକାନନ୍ଦଙ୍କ ଚରିତ୍ରକୁ ପ୍ରେରଣା ଭାବେ ନିଜ ଜୀବନରେ ନେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବିଇଓ ମିହିରକାନ୍ତ ପ୍ରଧାନ, ବିଦ୍ୟାଳୟ ସଭାପତି ପତିତପାବନ ସାହୁ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଚାମ୍ପିୟନ୍ ଦୀପା ପ୍ରିୟଦର୍ଶିନୀ ପ୍ରଧାନ, ଅଭିଜିତ ପ୍ରଧାନ ଏବଂ ଏନ ସେଲିନାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ମୃତି ରଞ୍ଜନ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଆସିକା ଚିନିଶିଳ୍ପରେ ଆଖୁପେଡ଼ା ଲାଗି ପ୍ରସ୍ତୁତି ଜୋରଦାର

ଆସିକା,୧୩।୧(ସୁରେନ୍ଦ୍ର ନାଥ ସାହୁ)



ଆସିକା ସମବାୟ ଚିନିଶିଳ୍ପରେ ଚଳିତବର୍ଷର ଆଖୁପେଡ଼ା ଲାଗି ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତମାସ ତୃତୀୟ ସପ୍ତାହରେ କାରଖାନା ବଏଲରରେ ବିଧିବଦ୍ଧ ଅଗ୍ନି ସଂଯୋଗ ଓ ଶେଷ ସପ୍ତାହରେ ଆଖୁପେଡ଼ା ଆରମ୍ଭ ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି । ଅପରପକ୍ଷେ ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା ଓ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଚିନିଶିଳ୍ପର ପ୍ରସ୍ତୁତିକୁ ତଦାରଖ କରିଛନ୍ତି। ଚଳିତବର୍ଷ ଏହି କାରଖାନାକୁ ଆଖୁ ଦେବା ଲାଗି ଜିଲାର ବିଭିନ୍ନ ଅଞ୍ଚଳର ୧୫ଶହ ଚାଷୀ ୧୨ଶହ ଏକର ଜମିରେ ଆଖୁଚାଷ କରିଛନ୍ତି । ଏହି କ୍ରମରେ ଚଳିତ ବର୍ଷ ଲାଗି କାରଖାନା ପକ୍ଷରୁ ୨୫ହଜାର ମେଟ୍ରିକ ଟନ ଆଖୁ ପେଡିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବିଭିନ୍ନ ଗ୍ରାମାଞ୍ଚଳରେ ଆଖୁଚାଷୀଙ୍କୁ ନେଇ ରିତିମତ ବୈଠକ କରାଯିବା ସହ ଆଗାମି ଦିନରେ ଚାଷୀଙ୍କୁ ଅଧିକ ଦର ଦେବା ଲାଗି ମଧ୍ୟ ଘୋଷଣା କରାଯାଇଛି। ଆଖୁଚାଷୀଙ୍କୁ ଉନ୍ନତମାନର ବିହନ, ପୋକମରା ଔଷଧ, ସାର, ଜଳ ଯୋଗାଣ ବ୍ୟବସ୍ଥା, ବନ୍ୟପ୍ରାଣିଙ୍କ କବଳରୁ ରକ୍ଷା ଲାଗି ସୋଲାର ଫେନ୍ସିଂ ଏବଂ କମ ସୁଧହାରରେ ଋଣ ସହ ଆଖୁ ପରିବହନ ଲାଗି ମଧ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ଚଳିତ ବର୍ଷ ଆଖୁଚାଷିଙ୍କ ଦାବି ପ୍ରକାରେ ଟନ ପିଛା ୪ହଜାର ଟଙ୍କା ଦେବା ଲାଗି ଘୋଷଣା କରାଯାଇଥିଲା ବେଳେ ଆସନ୍ତା ବର୍ଷରୁ ଅଧିକ ୫ଶହ ଟଙ୍କା ପ୍ରୋତ୍ସାହନ ସହ ଟନ ପ୍ରତି ୪ହଜାର ୫ଶହ ଟଙ୍କା ଦେବା ଲାଗି ଆଗୁଆ ଦର ଘୋଷଣା କରାଯାଇଛି । ଏଭଳି ସ୍ଥିତିରେ ଆଖୁଚାଷ ପ୍ରତି ବିମୁଖତାକୁ ଦୂର କରି ଚାଷୀମାନଙ୍କୁ ସାମଗ୍ରିକ ପ୍ରୋତ୍ସାହନ ଓ ଆଗୁଆ ଦର ଘୋଷଣା କରି ଆଖୁ ଚାଷ ଲାଗି ଅଧିକ ଆକୃଷ୍ଟ କରିବାକୁ କାରଖାନା ପକ୍ଷରୁ ପ୍ରୟାସ ଜାରି ରହିଥିବା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ପଣ୍ଡା ସୂଚନା ଦେଇଛନ୍ତି ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

କବିସୂର୍ଯ୍ୟନଗର/ପାତ୍ରପୁର, ୧୩।୧ (କୃପାସିନ୍ଧୁ ସ୍ୱାଇଁ/ ଉମା ଚରଣ ନେପାକ)

କବିସୂର୍ଯ୍ୟନଗର ପିଏମ୍‌ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ପଚାରି ବୁଝିଥିଲେ । ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିକ୍ଷାବିତ ଶ୍ରୀହର୍ଷ ଖାଡେଙ୍ଗାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ, ଏବିଇଓ ମାଧବ ଚନ୍ଦ୍ର ମାଝୀ, ସିଆରସିସି ରବିନରାୟଣ ବେହେରା, ମୁଖ୍ୟବକ୍ତା ଭାବେ ବିଇଓ ଅଭିମନ୍ୟୁ ସାହୁ, ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ, ସଭାପତି ଖାଡେଙ୍ଗା, ଆସିକା ଏମ୍‌ପି ପ୍ରତିନିଧି ଯଜ୍ଞନାରାୟଣ ପଣ୍ଡା, ଦିବ୍ୟ ଜୀବନ ସଂଘ ସଭାପତି ବନମାଳୀ ଶତପଥୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜର ବିଶ୍ୱଭୂଷଣ ପାତ୍ର, ସିଦ୍ଧେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହରୁକ, ସ୍କୁଲ ପରିଚାଳନା ସଭାପତି ମାର୍କେଣ୍ଡ ନାହାକ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ସାହୁ ପିଏମଶ୍ରୀ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ସ୍ମରଣିକା 'ପ୍ରେରଣା' ଉନ୍ମୋଚନ ହୋଇଥିଲା । ବହୁ ଶିକ୍ଷାବିତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ବିଧାୟକ। ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ମଧୁର ସମ୍ପର୍କ ବୃଦ୍ଧି ହେଉଛି ଭବିଷ୍ୟତ ଗଠନର ମାର୍ଗଦର୍ଶକ ବୋଲି ବିଧାୟକ ତାଙ୍କ ଅଭିଭାଷଣରେ କହିଥିଲେ।

ସେହିପରି ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ପିଏମଶ୍ରୀ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାପୀଠ ଠାରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ରାଓ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଭରତ ପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣି ମଧୁସ୍ମିତା ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଏନ ତିରୁପତି, ସମିତି ସଭ୍ୟ ପ୍ରଶାନ୍ତ ସାହୁ, ପରିଚାଳନା ସଭାପତି ଏନ ସଦାନନ୍ଦ, କେ କ୍ରିଷ୍ଣା ରାଓ ଓ ଶିକ୍ଷାବିତ୍ ଦିବାକର ପଲାଇ ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ସାଗତ ସଙ୍ଗୀତ, ଓଡ଼ିଆ ଭାଷା ସାହିତ୍ୟ ସୃଜନୀ ଓ କ୍ରୀଡ଼ା କ୍ଷେତ୍ରକୁ ଭିତ୍ତି କରି ନୃତ୍ୟ ଓ ଯୋଗ ପ୍ରଦର୍ଶନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସିଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ପାଲା ଓ ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଥିଲା। ଏ ମୋହନ ରାଓ ମଞ୍ଚ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଅରୁଣ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଫ୍ରେଣ୍ଡସ୍ ୱେଲଫେୟାର କ୍ଲବର ଉପକରଣ ବଣ୍ଟନ



ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଫ୍ରେଣ୍ଡସ୍ ୱେଲଫେୟାର କ୍ଲବ ପକ୍ଷରୁ ସୋମବାର ବିବେକାନନ୍ଦ ଜୟନ୍ତୀ ଅବସରରେ ମକର ସଂକ୍ରାନ୍ତି ଅବସରରେ ଗରିବ ଲୋକଙ୍କୁ ଉପକରଣ ବଣ୍ଟନ କରାଯାଇଛି। ଅନେକ ପରିବାର ଉପକୃତ ହୋଇଛନ୍ତି। ଅନେକ ଗରିବ ପରିବାରଙ୍କୁ ରାସନ କିଟ୍ ପ୍ରଦାନ କରାଯାଇଥିଲା। ଖାଲି ସେତିକି ନୁହେଁ କ୍ଲବର ସାମାଜିକ ସେବା ଅନୁସାରେ ରକ୍ତଦାନ ଶିବିର ବି କରାଯାଇ ଅନେକ ଲୋକଙ୍କୁ ରକ୍ତଦାନ କରାଯାଉଛି। ଏହି କାର୍ଯ୍ୟକ୍ରମ ଜାରି ରହିଛି ବୋଲି କ୍ଲବର ସଭାପତି ଭି.ଭେଙ୍କଟ ରାଓ ପ୍ରକାଶ କରିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁରୁଷ ହକି ଦଳର ସମ୍ବଲପୁର ଗସ୍ତ

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପୁରୁଷ ହକି ଦଳ ସମ୍ବଲପୁର ଗସ୍ତ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବୁଧବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଚିନ୍ମୟ ପାତ୍ର, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ସନ୍ଦୀପ ନାୟକ, ଶୁଭମ ଗୌଡ଼, ସନ୍ତୋଷ ମହାରଣା, ଡି.ଜୟନ୍ତ କୁମାର,ଦୀପକ ମିଶ୍ର, ସାଗର ଦାଶ, ରାମ ନାରାୟଣ ବେହେରା, ଛତ୍ରପୁର ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମି ପି.କ୍ରିଷ୍ଣା ରାଓ,ସାଉଁଗଡ଼ ଜନ୍ତୁମାଳ କଲେଜର ଅଭିନାଶ ପାତ୍ର, ଭଞ୍ଜନଗର କେଏସୟୁବିର ସରୋଜ କାନ୍ତ ଗୌଡ଼, ତମନା ପଲେଇ, ବାଲିଗୁଡା ଆଦିବାସୀ କଲେଜର ଲକ୍ଷ୍ମୀ ଦିଗାଲ, ପ୍ରଭାକର ମଲ୍ଲିକ, ସିଧ୍ର ମଲ୍ଲିକ, ଗୁରୁଶ୍ରୀ ଏମ.କେ କଲେଜର ଦିଗ ବିଜୟ ପାତ୍ର ରହିଛନ୍ତି। ମ୍ୟାନେଜର ଭାବେ ଛତ୍ରପୁର ମହିଳା କଲେଜର ସନ୍ତୋଷ କୁମାର ବିଷୋୟୀ,କୋଚ ଭାବେ ଛତ୍ରପୁରର ସରୋଜ କୁମାର ପାଢ଼ୀ ଗସ୍ତ କରିଛନ୍ତି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା,ରାଜେଶ ମହାନ୍ତି, ଜଗନ୍ନାଥ ଚୌଧୁରୀ,ସୁନିତା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ୱାରେଣ୍ଟ ବଳରେ ଯୁବକ ଗିରଫ

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଗୋସାଣିନୂଆଗାଁ ପୋଲିସ ମଙ୍ଗଳବାର ୱାରେଣ୍ଟ ବଳରେ ଉକ୍ତ ଗାଁର ରଞ୍ଜିତ ନାୟକ(୩୯)ଙ୍କୁ ଗିରଫ କରିଛି। ଏଭଳି ଦୁଇଟି ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ବଳରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ୨୦୨୦ରେ ଏକ ଡକାୟତି ଯୋଜନା ମାମଲାରେ ଗିରଫ ହୋଇ ଜେଲ ଯାଇ ପରେ ଜାମିନରେ ଆସିଥିଲେ। ୨୦୨୩ରେ ଜଣେ ଯୁବତୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ତାଙ୍କୁ ଅସଦାଚାରଣ ମାମଲାରେ ଗିରଫ ହୋଇ ଜେଲ ଯାଇ ଜାମିନରେ ଆସିଥିଲେ। ଏହି ୨ ମାମଲା ବିଚାର ବେଳେ ରଞ୍ଜିତ କୋର୍ଟରେ ହାଜର ହୋଇନଥିଲେ।

## ନୂତନ କାର୍ଯ୍ୟାଦେଶ ଓ ବିଲ୍ ପ୍ରଦାନ ବିଳମ୍ବ ନେଇ ଅସନ୍ତୋଷ

ବ୍ରହ୍ମପୁର,୧୩।୧(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମର ୪୨ ୱାର୍ଡରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ମଙ୍ଗଳବାର ବିଏମସି ମେୟର ସଂଘମିତ୍ରା ଦଳେଇ ସମୀକ୍ଷା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ୱାର୍ଡ ଗୁଡିକର ବିକାଶମୂଳକ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ମେୟର ଉପସ୍ଥିତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯନ୍ତ୍ରୀମାନେ ଠିକ ସମୟରେ ବିଲ ପ୍ରଦାନ କରୁ ନ ଥିବା ନେଇ ମେୟର ଅସନ୍ତୋଷ ପ୍ରକାଶ କରିଥିଲେ। ବକେୟା ବିଲ ଗୁଡିକ ତୁରନ୍ତ ପ୍ରଦାନ କରିବାକୁ କହିଥିଲେ। ନୂତନ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ନେଇ ମେୟର କ୍ଷୋଭ ପ୍ରକାଶ କରିଥିଲେ। ଡେପୁଟି ମେୟର ବିବେକ ରେଡ଼ି, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି, ସୁଶାନ୍ତ ଡୁଙ୍ଗଡୁଙ୍ଗଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗକୁ ଡ୍ରପ୍ ଆଉଟ ଚିନ୍ତା

**୧୫୬୦୦ ଡ୍ରପ୍ ଆଉଟଙ୍କ ମଧ୍ୟରୁ ସ୍କୁଲ ଆସିଛନ୍ତି ୩୩୩୭**

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଅନେକ ସ୍କୁଲ ପିଲା ଅଧାରୁ ପାଠ ଛାଡି ଦେଉଥିବାରୁ ଏହାର କାରଣ ଖୋଜିବା ପାଇଁ ଶିକ୍ଷା ବିଭାଗର ଚିନ୍ତା ପଶିଯାଇଛି। ଯେଉଁମାନେ ସ୍କୁଲ ଆସୁନାହାନ୍ତି ସେମାନଙ୍କୁ ଖୋଜି ଆଣିବା ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ହେବା ପରେ ଶିକ୍ଷା ବିଭାଗ ତତ୍ପର ହୋଇଛି। ଗତବର୍ଷ ଭିତରେ ଯେତିକି ପିଲା ଡ୍ରପ ଆଉଟ ହୋଇଥିଲେ ସେମାନଙ୍କ ମଧ୍ୟରୁ ଏକ ପଞ୍ଚମାଂଶ ପିଲା ବର୍ତ୍ତମାନ ସ୍କୁଲରେ ଯୋଗଦେଇଥିବାରୁ ଶିକ୍ଷା ବିଭାଗ ପାଇଁ ଡ୍ରପ ଆଉଟ ଚିନ୍ତା ଅଧିକ ହୋଇଛି। ମିଳିଥିବା ସୂଚନା ଅନୁସାରେ ଜିଲାରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ଏହି ସ୍କୁଲଗୁଡିକରେ ୨୦୨୪-୨୫ ବର୍ଷ ସୁଦ୍ଧା ପ୍ରାୟ ୫ ଲକ୍ଷ ୮୬ ହଜାର ପିଲା ପଢୁଛନ୍ତି। ଏମାନଙ୍କ ଭିତରୁ ଅନେକ ପିଲା ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ି ଦେଉଛନ୍ତି। ଏଥିପାଇଁ ସରକାରଙ୍କ ତରଫରୁ ୨୦୧୬ରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଆରମ୍ଭ ହୋଇଛି। ଏଥି ସହ ଗତବର୍ଷ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ ହୋଇଛି। ଡ୍ରପ ଆଉଟ କମାଇବା ପାଇଁ ରାଜ୍ୟ ସରକାର ଅହରହ ଉଦ୍ୟମ କରୁଥିବାବେଳେ ଶିକ୍ଷା ବିଭାଗକୁ ଏମାନଙ୍କୁ ଖୋଜି ଆଣିବା ପାଇଁ ବଡ ଦାୟିତ୍ୱ ଦେଇଛନ୍ତି। ତେବେ ଗଞ୍ଜାମରେ ଡ୍ରପ ଆଉଟ ଚିତ୍ରକୁ ଅବଲୋକନ କଲେ ୨୦୨୫ ମେ ମାସରୁ ଆରମ୍ଭ ହୋଇଥିବା ଟ୍ରାକିଂ ଅଭିଯାନ ବେଳେ ପ୍ରାୟ ୧୫୬୦୦ ପିଲାଙ୍କୁ ଚିହ୍ନଟ କରାଯାଇଥିଲା, ଯେଉଁମାନେ କି ଅଧାରୁ ପାଠ ଛାଡ଼ି ଦେଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୩୩୭ ପିଲାଙ୍କୁ ବୁଝା ଶୁଝା କରି ସ୍କୁଲକୁ ଅଣାଯାଇଛି। ଏମାନଙ୍କ ମଧ୍ୟରେ ଅନେକ ପିଲା ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। ଡ୍ରପ ଆଉଟ ପିଲାଙ୍କୁ ଆଣିବା ପାଇଁ ସ୍ଥାନୀୟ ଶିକ୍ଷକ ଓ ସିଆରସିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ୨୩ଟି ରହିଛି। ସେଥିରୁ ବ୍ରହ୍ମପୁରରେ ଖଲ୍ଲିକୋଟ ହାଇହେର ସେକେଣ୍ଡରୀ ସ୍କୁଲ ରହିଛି। ସେଠାରେ ଯୁକ୍ତ ୨ ପଢ଼ିବା ଭଳି ବ୍ୟବସ୍ଥା ରହିଛି। ତେବେ ୫ରୁ ୧୮ ବର୍ଷ ଭିତରେ ପିଲାଙ୍କୁ ବୟସ ଭିତ୍ତିକ ଶ୍ରେଣୀରେ ପଢ଼ିବା ସୁଯୋଗ ଦିଆଯାଉଛି। ଯେଉଁମାନେ ଦ୍ୱାଦଶ ଶ୍ରେଣୀରେ ପଢ଼ିବେ ସେମାନେ ଦୂରଶିକ୍ଷା ଜରିଆରେ ପଢ଼ିପାରିବା ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଜୁନ ୫ରୁ ୧୫ ତାରିଖ ଭିତରେ ପ୍ରତି ବ୍ଲକରେ ଶିକ୍ଷକ ଓ ସିଆରସିମାନଙ୍କୁ ନେଇ ମେଗା କ୍ୟାମ୍ପ କରାଯାଉଛି। ଜିଲାରେ ୨୯୨ ସିଆରସିଙ୍କୁ ଯେଉଁମାନେ ସ୍କୁଲ ଛାଡିଛନ୍ତି ସ୍ଥାନୀୟ ଶିକ୍ଷକଙ୍କ ଜରିଆରେ ଖୋଜି ଆଣିବାକୁ କୁହାଯାଇଛି। ପ୍ରତି ମାସରେ ଏନେଇ ଶିକ୍ଷା ବିଭାଗ ପକ୍ଷରୁ ବୈଠକ ପରେ ବୈଠକ କରାଯାଉଛି। ବର୍ଷରେ ଦୁଇଟି ପର୍ଯ୍ୟାୟରେ ସେମାନଙ୍କୁ ସ୍କୁଲରେ ଜଏନ କରାଯାଉଛି। ସରକାର ଡ୍ରପ ଆଉଟ ହାର କମାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ସାଇକେଲଠାରୁ ଆରମ୍ଭ କରି ପୋଷାକ ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଛି। ତଥାପି ଛାତ୍ରୀଛାତ୍ରମାନେ ଅଧାରୁ ପାଠ ଛାଡୁଛନ୍ତି। ସବୁ କିଛି ମାଗଣା ମିଳୁଥିବା ସ୍ଥଳେ ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଛୋଟ ବୟସରୁ ପିଲାଙ୍କୁ ସେମାନଙ୍କ ଅଭିଭାବକ ରୋଜଗାର ବାଟରେ ବିନିଯୋଗ କରୁଛନ୍ତି। ଫଳରେ ଏହି ହାର ବଢୁଥିବା ଅନୁମାନ କରାଯାଉଛି ବୋଲି କେତେକ ଶିକ୍ଷାବିତ ମତ ଦେଉଛନ୍ତି। ତେଣୁ ବର୍ତ୍ତମାନ ଯେଉଁମାନଙ୍କୁ ସ୍କୁଲକୁ ଅଣାଯାଉଛି ସେମାନେ ବି ମାଗଣା ପଢ଼ିବା ବ୍ୟବସ୍ଥା ରହିଛି। କିନ୍ତୁ ଯେଉଁମାନଙ୍କୁ ୧୮ ବର୍ଷରୁ ଅଧିକ ହୋଇଯାଉଛି ସେମାନଙ୍କୁ ଅର୍ଥ ଦେବାକୁ ପଡୁଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏସ୍.ଧନଞ୍ଜୟଙ୍କୁ ପଚାରିବାରେ ସେ କହିଲେ ଯେ, ଡ୍ରପ ଆଉଟ ପାଇଁ ଜିଲାରେ ଚେଷ୍ଟା ଜାରି ରହିଛି। ଶିକ୍ଷକ ଓ ସିଆରସିମାନଙ୍କୁ ନେଇ ବୈଠକ ପରେ ବୈଠକ କରାଯାଉଛି। ସ୍ଥାନୀୟ ଶିକ୍ଷକଙ୍କ ଜରିଆରେ ସିଆରସିଙ୍କ ମାଧ୍ୟମରେ ପିଲାଙ୍କୁ ଖୋଜି ଆଣିବା କାର୍ଯ୍ୟ ଜାରି ରହିଛି। ପୁଣି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୮ ତାରିଖରେ ସପ୍ତାହରେ କେଉଁ ପିଲା ପାଠ ଛାଡ଼ି ରହିଯାଇଛନ୍ତି ସେମାନଙ୍କୁ ଖୋଜି ଆଣିବା ପାଇଁ ଚିଠି ଆସିବା ପରେ ତାକୁ ବି ଗୁରୁତ୍ୱ ଦେଇ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

## ଉପ ଜିଲାପାଳଙ୍କୁ ଆଧାର ଅପରେଟରଙ୍କ ସ୍ମାରକପତ୍ର



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଧାର ଅପରେଟର।

ବ୍ରହ୍ମପୁର,୧୩।୧(ଅଶୋକ କୁମାର ସାହୁ) ବ୍ରହ୍ମପୁର ଓ ଗଞ୍ଜାମ ଜିଲାରେ କାର୍ଯ୍ୟରତ ଆଧାର ଅପରେଟରମାନେ ନିଯୁକ୍ତି ପାଇଥିବା ଏକ କମ୍ପାନୀ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅପରେଟରମାନେ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ସମସ୍ତଙ୍କୁ ପୁଣି ନିଯୁକ୍ତି କରାଯାଉ ସେମାନଙ୍କ ବକେୟା ଦରମା ଦିଆଯାଉ। ଏନେଇ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଆଧାର କିଟ ନାମରେ ହେଉଥିବା ଅତିରିକ୍ତ ଆଦାୟ ଉପରେ ତଦନ୍ତ କରି ଆର୍ଥିକ ଠକେଇ ସମ୍ପୂର୍ଣ୍ଣ ବନ୍ଦ କରାଯାଉ, ସରକାରୀ ମାନ୍ୟତାପ୍ରାପ୍ତ, ସ୍ଥାୟୀ ଦରମା ପ୍ରଣାଳୀ ଲାଗୁ କରାଯାଉ, ସମସ୍ତ ଆଧାର ଅପରେଟରଙ୍କ ପାଇଁ ନ୍ୟୁନତମ ମଜୁରୀ ଆଇନର କଠୋର ପାଳନ ସୁନିଶ୍ଚିତ କରାଯାଉ, ଶ୍ରମ ଆଇନ ଅନୁଯାୟୀ ଇପିଏଫ ଓ ଇଏସଆଇ ସୁବିଧା ତୁରନ୍ତ ଲାଗୁ କରାଯାଉ ଏବଂ ଅଭିଯୋଗ ଉଠାଇବାକୁ ନେଇ ଆଧାର ଅପରେଟରଙ୍କ ଉପରେ ଭୟଦେଖା, ପ୍ରତିଶୋଧମୂଳକ କାରଣଦର୍ଶାଓ ନୋଟିସ ବନ୍ଦ କରାଯାଉ ବୋଲି ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ଅପରେଟର ସଂଘର ସଭାପତି ଜ୍ଞାନ ରଞ୍ଜନ ସାହୁ, ସମ୍ପାଦକ ସନ୍ତୋଷ ସାହୁ, ଉପସଭାପତି ଶାଗର କୁମାର ସାହୁ, ସଦସ୍ୟ ନିରାକାର ରଥ, ବଂଶୀଧର ସାହୁ ଓ କାହ୍ନୁ ଚରଣ କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବାପା, ସାବତ ମା'ଙ୍କୁ ୧୦ ବର୍ଷ ଜେଲ

**ଶିଶୁକନ୍ୟାଙ୍କୁ ହତ୍ୟା ମାମଲା**

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୩ ବିବସ୍ୱତ ଗୌତମ ମଙ୍ଗଳବାର ଏକ ଶିଶୁକନ୍ୟା ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ହତ୍ୟାରେ ସମ୍ପୃକ୍ତ ଶିଶୁକନ୍ୟାଙ୍କ ବାପା ଓ ସାବତ ମା'ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀମାନେ ହେଲେ ଏ. ଦିବାକର(୩୬) ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଏସ୍. ତପେୟା (୩୨)।

୨୦୧୫ରେ ଦିଗପହଣ୍ଡିର କେ.ଭୀମଙ୍କ ଝିଅ କେ. ଶଶୀ ତେନ୍ତୁଳିଆ ସାହିର ଏ. ଦିବାକରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ୨୦୨୦ରେ ଶଶୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତପେୟାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସାବତ ମା' ତପେୟା ଘରେ ଥିବା ୬ବର୍ଷର ଶିଶୁକନ୍ୟା ଏ. ତପସ୍ୱାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ବାପା ମଧ୍ୟ ସାମିଲ ରହିଥିଲେ। ୨୦୨୨ ଫେବୃଆରୀ ୨୮ରେ ଘର ଭିତରେ ତପସ୍ୱୀଙ୍କ ମୃତଦେହ ପଡ଼ିଥିବା ତାଙ୍କ ଅଜା କେ.ଭୀମ ଶୁଣିବା ପରେ ଝିଅ ଘରକୁ ଯାଇ ଜ୍ୱାଇଁଙ୍କୁ ଘଟଣା ବିଷୟରେ ପଚାରିଥିଲେ। ହେଲେ ସେ କୌଣସି ଠିକ ଉତ୍ତର ଦେଇ ନ ଥିଲେ। ନାତୁଣୀଙ୍କୁ ଦିବାକର ଓ ତପେୟା ପିଟି ହତ୍ୟା କରିଥିବା ନେଇ ଭୀମ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୨/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରୁ ରକ୍ତ ଲାଗିଥିବା ବାଡ଼ି ଜବତ କରିବା ସହ ଦିବାକର ଓ ତପେୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ଦୀପ୍ତି ରଞ୍ଜନ ବେହେରା ଉକ୍ତ ଦମ୍ପତିଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ମାମଲାର ବିଚାର ବେଳେ ୨୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ଏପିପି ରଜତ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

## ବ୍ଲାକ୍ ସ୍ପଟ୍ ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ, ଏସ୍ପି

ଛତ୍ରପୁର,୧୩।୧(ଦିଲୀପ ସାମଲ) ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବ୍ୟାପକ ସଚେତନତା ସତ୍ତ୍ୱେ ଦୁର୍ଘଟଣାରେ ମୃତ୍ୟୁ ହାର କମୁନାହିଁ। ଜିଲାରେ ଯେଉଁ ୧୦ଟି ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଛି, ସେହି ସ୍ଥାନକୁ ଚିହ୍ନଟ କରାଯାଇ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଛତ୍ରପୁର କଲେଜ ଛକ ନିକଟରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ମଙ୍ଗଳବାର ଜିଲାପାଳ ଭି.କିର୍ତ୍ତି ଭାସନ, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ,ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ ସେଠାରେ ପହଞ୍ଚି ଦୁର୍ଘଟଣା କିପରି ହ୍ରାସ ହେବ ସେ ନେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । କଲେଜ ଛକରେ ଛତ୍ରପୁର ଆଇଟିଆଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ୧୬ଟି ବ୍ୟାରିକେଡ ଲଗାଯାଇଛି। ଏହାସହ ୨ ପାର୍ଶ୍ୱରେ ପୋଲିସ ମୁତୟନ ରହୁଛନ୍ତି । ଉକ୍ତ ସ୍ଥାନରେ ହେଲମେଟ ଯାଞ୍ଚ କଡାକଡି କରିବାକୁ କୁହାଯାଇଛି । ଜିଲାରେ ପ୍ରଥମେ ଦୁର୍ଘଟଣାପ୍ରବଣ ସ୍ଥାନ ଛତ୍ରପୁର କଲେଜ ଛକ, ଡିଆରଡିଏ,



ପୁକୁଡିବନ୍ଧ ଛକ ଓ ଲାଞ୍ଜିପଲ୍ଲୀ ଛକରେ ସ୍ମାର୍ଟ ଟ୍ରାଫିକ ଲାଇଟ ମ୍ୟାନେଜମେଣ୍ଟ ସିଷ୍ଟମ ରହିବ। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନ ଚିହ୍ନଟ ହୋଇ ଏହି ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା । ଟ୍ରଫିକ କଂଟ୍ରୋଲ ପାଇଁ ୫୦ଟି ଟ୍ରାଫିକ ଓାୱଡେନ ମଧ୍ୟ ନିୟୋଜିତ ହେବ । ଜିଲାରେ ୨୫ଟି ସ୍ଥାନକୁ ଚିହ୍ନଟ ହୋଇ ଆଇଏମଏସ କ୍ୟାମେରା ଲଗିବ, ୭ଟି ସ୍ଥାନରେ ଲଗିଯିବା ସହ କାର୍ଯ୍ୟକ୍ଷମ ରହିଛି ଏବଂ ବଳକା ୧୮ଟି ସ୍ଥାନରେ ଖୁବଶ୍ରୀଘ ଲାଗି ତାହାକାର୍ଯ୍ୟକ୍ଷମ ହେବ । ଯାହାଫଳରେ ଯେଉଁମାନେ ଟ୍ରାଫିକ ନିୟମ ମାନିବେ ନାହିଁ ସେମାନଙ୍କ ଗାଡିର ଅଟୋମେଟିକ ଚଲାଣ କଟିବ ବୋଲି ଆରଟିଓ ଇଂ.ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି । ଜିଲାରେ ୧୧ଟି ଥାନା ଅଞ୍ଚଳର ଯେଉଁ ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଛି ସେହି ସ୍ଥାନରେ କଡାକଡି ଯାଞ୍ଚ କରାଯିବ । ସମସ୍ତେ ସଡକ ସୁରକ୍ଷା ନିୟମ ମାନିଲେ ଦୁର୍ଘଟଣା ହ୍ରାସ ହେବ ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ) ନାବାଳିକା ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସାରଙ୍ଗଗଡ ଥାନା ଅଞ୍ଚଳର ପପୁନା ଖଣ୍ଡଗିରି। ୨୦୨୪ ଡିସେମ୍ବରରେ ସାରଙ୍ଗଗଡ ଅଞ୍ଚଳର ନାବାଳିକା ଜଣକ ରାତିରେ ଘରେ ଶୋଇଥିଲେ। ସକାଳୁ ସେ ଘରେ ନ ଥିବା ପରିବାର ଲୋକେ ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଝିଅକୁ ନ ପାଇବାରୁ ଥାନାରେ ଏତଲା ଦିଆ ଯାଇଥିଲା। ପୋଲିସ ନଂ.୧୫୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପପୁନା ନାବାଳିକାଙ୍କୁ ନେଇ ବେଙ୍ଗାଲୁରୁରେ ରଖିଥିବା ଜଣାପଡିଥିଲା। ଏତଲା ହେବା ଜାଣିପାରି ସେ ପୀଡିତାଙ୍କୁ ଆଣି ଗାଁରେ ଛାଡି ଚାଲି ଯାଇଥିଲେ। ନାବାଳିକା ଜଣକ ଅଭିଯୁକ୍ତଙ୍କ ଘରକୁ ଯାଇ ଏ ବିଷୟ ଜଣାଇଲେ। ମା' ପୀଡିତାଙ୍କୁ ନେଇ ଥାନାରେ ପହଞ୍ଚାଇଥିଲେ। ପପୁନା ବାରମ୍ବାର ବଳାତ୍କାର କରିଥିବା ପୀଡିତା ପୋଲିସ ଆଗରେ ପ୍ରକାଶ କରିଥିଲେ। ମାମଲାର ଶୁଣାଣୀ କରି ବିଚାରପତି ୨୭ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ ପରିଚାଳନା କରୁଥିଲେ।

## ଶ୍ରୀକୃଷ୍ଣ ସାହୁ ନୋଡାଲ ଉଚ୍ଚବିଦ୍ୟାଳୟରେ ପିଏମ୍ଶ୍ରୀ ଉତ୍ସବ

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ନିମଖଣ୍ଡି ଶ୍ରୀକୃଷ୍ଣ ସାହୁ ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନମନ୍ତ୍ରୀଶ୍ରୀ ମହୋତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁକୁମାର ଦାଶଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରିବହନ ମନ୍ତ୍ରୀଙ୍କ କୁକୁଡାଖଣ୍ଡିବ୍ଲକ ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବର ଗୁରୁତ୍ୱ କହିଥିଲେ। ମୁଖ୍ୟବକ୍ତା ଆଞ୍ଚଳିକ ଶିକ୍ଷା ଯୁଗ୍ମନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ଆତ୍ମନିର୍ଭରଶୀଳତା ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ଇଂ. ରଞ୍ଜନକୁମାର ପରିଡ଼ା ଶିଳ୍ପତାଲିମ ବିଷୟରେ ବୁଝାଇଥିଲେ। ସମ୍ମାନନୀୟ ଅତିଥି କୁକୁଡାଖଣ୍ଡି ବିଇଓ ସନ୍ତୋଷକୁମାର ମହାପାତ୍ର ଶିକ୍ଷା ମାଧ୍ୟମରେ ନୂତନ ଭବିଷ୍ୟତ ଗଠନ ଦିଗରେ ମନୋନିବେଶ କରିବାକୁ କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ମନ୍ତ୍ରୀଙ୍କର କୁକୁଡାଖଣ୍ଡି ବ୍ଲକ ପ୍ରତିନିଧି ପି. ସୂର୍ଯ୍ୟମଣି ପାତ୍ର, ସ୍ଥାନୀୟ ସରପଞ୍ଚ ଶଶି ବେହେରା, ସମିତିସଭ୍ୟା ବିଷ୍ଣୁ ବେହେରା ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।

## ବିଜୟ କୁମାର ପାତ୍ରଙ୍କୁ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର



ବ୍ରହ୍ମପୁର,୧୩।୧(ସ୍ମୃତି ରଞ୍ଜନ ମହାଲିକ) ଜିଲା ମଂଚ କଳାକାର ସମ୍ମିଳନୀ ପକ୍ଷରୁ ୯ମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ବିଜୟ କୁମାର ପାତ୍ରଙ୍କୁ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ କରାଯାଇଛି। ଭଞ୍ଜନଗର ଲୁଦୁଲୁଦି ଗୁରୁନାଥ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକଟି ପରିବେଶଣ ହୋଇଥିଲା। ଏହାକୁ ବିଜୟ କୁମାର ପାତ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହି ନାଟକଟି ଦର୍ଶକଙ୍କ ନିକଟରେ ବେଶ ଆଦୃତ ହୋଇଥିଲା।

## ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଅଷ୍ଟାଦଶ ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଲାଞ୍ଜିପଲ୍ଲୀ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲର ଅଷ୍ଟାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଯୋଗଦେଇ ଦେଶର ଭବିଷ୍ୟତ ଗଠନରେ ଶିଶୁଙ୍କ ଭୂମିକା ଓ ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଶା ସରକାରଙ୍କ ଯୋଜନା ଉପରେ କହିଥିଲେ। ସମ୍ମାନନୀୟ ଅତିଥି ଏବିଭିପି ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଯୋଗଦେଇ ଆଜିର ସମାଜରେ ଛାତ୍ରୀଛାତ୍ରଙ୍କ ଅବସ୍ଥା ଓ ଏବିଭିପିର ଭୂମିକା ଉପରେ କହିଥିଲେ। ମୁଖ୍ୟବକ୍ତା ଓଡ଼ିଶା ଲେଖକ ମଂଚରେ ସମ୍ପାଦକ ଲକ୍ଷ୍ମଣ ପଣ୍ଡା ଶିଶୁର ବିକାଶରେ ଅଭିଭାବକଙ୍କ ଭୂମିକା ଉପରେ କହିଥିଲେ । ସଭାପତି ଡ଼ଃ ପ୍ରମୋଦ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ ଅତିଥି ପରିଚୟ ଦେଇ ସ୍କୁଲର ପ୍ରଗତି ବିଷୟରେ କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟ ନାରାୟଣ ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷକ ପି. ଭେଙ୍କଟେଶ୍ୱରାଲୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା କେଦାରନାଥ ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ପାଇଁ ଭାରତରେ ଥିବା ନିୟମ ଉପରେ ଆଲୋଚନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରମାକାନ୍ତ ରଥ,ପ୍ରଶାନ୍ତ ମାଥାନ,ରଶ୍ମି ରଂଜନ ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ସଭାପତି ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଶିଶୁଙ୍କ ଶିକ୍ଷା ପ୍ରଗତିରେ ଓଡ଼ିଶା ସରକାରଙ୍କ ଶିକ୍ଷା ଯୋଜନା ଉପରେ କହିଥିଲେ। ସମ୍ମାନନୀୟ ଅତିଥି ଜିଲା ଭାଜପା ସଭାପତି ସରୋଜ ସାବତ ଦେଶର ଭବିଷ୍ୟତ ନାଗରିକଙ୍କ କର୍ତ୍ତବ୍ୟ ଉପରେ କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଅଧିବକ୍ତା ନାରାୟଣ ପଣ୍ଡା ଶିଶୁ ଶିକ୍ଷା ସମସ୍ୟାର ନ୍ୟାୟିକ ଦିଗ ଉପରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ୪ ଜଣଙ୍କ ନାମରେ ମାମଲା ରୁଜୁ

**ଅଣଛାତ୍ର ଆକ୍ରମଣରେ ଛାତ୍ର ଗୁରୁତର ଘଟଣା**

ଗୋପାଳପୁର,୧୩।୧ (ନବୀନରାଜ୍ ଆଚାରୀ) ରଙ୍ଗେଇଲୁଣ୍ଡା ବ୍ଲକ ଫୁଲଟା ଗ୍ରାମସ୍ଥିତ ମା'ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନ ବିରତି ସମୟରେ ଅଣଛାତ୍ରମାନେ ପଶି ଆତଙ୍କ ଖେଳାଇବା ଘଟଣାରେ ନିମଖଣ୍ଡି ଥାନାରେ ପ୍ରଧାନ ଶିକ୍ଷୟତ୍ରୀ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ. ୯/୨୬ରେ ୪ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ପୋଲିସ ବିଦ୍ୟାଳୟରେ ପହଞ୍ଚି କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରି ଶିକ୍ଷୟତ୍ରୀ, ଶିକ୍ଷକ ଓ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲା। କେତେ ଜଣ ଅଣଛାତ୍ର ମଧ୍ୟାହ୍ନ ବିରତି ବେଳେ ବିଦ୍ୟାଳୟରେ ପ୍ରବେଶ କରି ୨ଜଣ ଛାତ୍ର ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ୮ମ ଶ୍ରେଣୀର ରାମକୃଷ୍ଣ ପ୍ରଧାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଘଟଣା ପରେ ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଜିଲା ଶିକ୍ଷାଧିକାରୀ ଏଥିରେ ହସ୍ତକ୍ଷେପ କରି କିଭଳି ବିଦ୍ୟାଳୟରେ ଭଲ ବାତାବରଣ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିଛନ୍ତି। ଆକ୍ରମଣରେ ଗୁରୁତର ଛାତ୍ର ଓମ୍ ଓ ରାମକୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରେ ବ୍ରହ୍ମପୁର ବଡ଼ ମେଡିକାଲରୁ ଘରକୁ ଫେରଛନ୍ତି। ଓମଙ୍କ ସହ ଆକ୍ରମଣ କରିଥିବା ଅଣଛାତ୍ରଙ୍କ ସହିତ କୌଣସି କଥାକୁ ନେଇ ଯୁକ୍ତିତର୍କ ଓ ବିବାଦ ରହିଥିଲା। ଏହାକୁ ନେଇ ସମ୍ପୃକ୍ତ ଅଣଛାତ୍ରମାନେ ଏଭଳି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## କୃଷ୍ଣସାର, ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶୋଭାଯାତ୍ରା



ବୁଗୁଡା,୧୩।୧(କାଳିଚରଣ ଦାଶ) ବୁଗୁଡ଼ା ବନ ବିଭାଗ ପକ୍ଷରୁ କୃଷ୍ଣସାର ମୃଗ ଓ ଅନ୍ୟାନ୍ୟ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶୋଭଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ରାଲିରେ ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ଟ୍ରି ଫାଉଣ୍ଡେଶନ୍ ସଂସ୍ଥା ସଦସ୍ୟ ତପନ କୁମାର ତ୍ରିପାଠୀଙ୍କ ସମେତ ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି, ଏନ୍‌ସିସି ଶିକ୍ଷକ ପ୍ରଶାନ୍ତ ଗୌଡ, ଏନ୍‌ସିସି ଓ ସ୍କାଉଟ୍ ଛାତ୍ର, ବନପାଳ କ୍ଷୀରୋଦ ଗୌଡ଼, ସୁକାନ୍ତ ପଟ୍ଟନାୟକ, ସୁନିତା ପାତ୍ର, ଅର୍ଜ୍ଜୁନ ଜାନି, ଅରବିନ୍ଦ ନାୟକ ଏବଂ ଅନ୍ୟ ବନ ବିଭାଗ କର୍ମଚାରୀମାନେ କରିଥିଲେ।

## ଯୁବ ଦିବସ ପାଳିତ

ଆସିକା,୧୩।୧(ସୁରେନ୍ଦ୍ର ନାଥ ସାହୁ) ଆସିକା ବିଜ୍ଞାନ କଲେଜ, ନିରଞ୍ଜନ ସରକାରୀ ମହିଳା କଲେଜ ଓ କେନ୍ଦୁପଦରସ୍ଥିତ ଏନବିସି କଲେଜରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସିକା ବିଜ୍ଞାନ କଲେଜରେ ପ୍ରଶାସନିକ ଅଧିକାରୀ ଡ. ଅଭୟକେଶରୀ ପରିଚ୍ଛା ପଟ୍ଟନାୟକ, ଅଧ୍ୟାପକ ରାଜେଶ କୁମାର ସାହୁ, ଧନଞ୍ଜୟ ମହାପାତ୍ରଙ୍କ୍ ଉପସ୍ଥିତ ଥିଲେ। ନିରଞ୍ଜନ ସରକାରୀ ମହିଳା କଲେଜରେ ଅଧ୍ୟକ୍ଷ ଡ. ସରୋଜ କୁମାର ଜେନା, ଅଧ୍ୟାପିକା ଲିଲା ଲିଲିୟନ, ଡ. ଜୟପ୍ରଦା ମହାପାତ୍ର, ଏବିଡିଓ ସୁଶାନ୍ତ କୁମାର ବେହେରା, ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଏନବିସି କଲେଜରେ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ବିଶେଶ୍ୱର ମହାପାତ୍ର, ଡ. କୁନାସୁନା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଲ୍ୟବିବାହ ଦଣ୍ଡନୀୟ ଅପରାଧ

ଭଞ୍ଜନଗର,୧୩।୧(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ବ୍ରହ୍ମପୁର) ସହଯୋଗରେ ଭଞ୍ଜନଗର ତାଲୁକ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ନାଲସା ଆଶା ଯୋଜନା ୨୦୨୫ ଅଧୀନରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ ନ୍ୟାୟାଧୀଶ ଶେଖ ମହମ୍ମଦ କଏସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଆଇନ ସେବା ପ୍ରାଧୀକରଣ ସେକ୍ରେଟାରୀ ବ୍ୟୋମକେଶ ନାୟକ, ସିନିୟର ସିଭିଲ ଜଜ ଦେବାଶିଷ ବିଶୋଇ, ଉପ-ବିଭାଗୀୟ ନ୍ୟାୟିକ ମ୍ୟାଜିଷ୍ଟ୍ରେଟ ସୌମ୍ୟରଞ୍ଜନ ପୃଷ୍ଟି, ନ୍ୟାୟିକ ମ୍ୟାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଭିୟେନା ନାୟକ, ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରଧାନ ଟୁଲିଆମା ପ୍ରମୁଖ ଯୋଗଦେଇ ଆଇନ ଉପରେ କହିଥିଲେ।

କାର୍ଯ୍ୟକ୍ରମରେ ଶିଶୁ ବିବାହ ନିଷେଧ ଆଇନ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇ ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ ବୋଲି ବକ୍ତାମାନେ କହିଥିଲେ। ୧୮ ବର୍ଷରୁ କମ ବୟସର ଝିଅ ଓ ୨୧ ବର୍ଷରୁ କମ ବୟସର ପୁଅଙ୍କ ବିବାହ ଆଇନତଃ ଅପରାଧ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ କାରାଦଣ୍ଡ ଓ ଅର୍ଥଦଣ୍ଡର ଶିକାର ହୋଇପାରନ୍ତି। ଶିଶୁ ବିବାହ ଶିଶୁମାନଙ୍କ ଶିକ୍ଷା, ସୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ଗୁରୁତର କୁପ୍ରଭାବ ପକାଏ। ଏଥିପ୍ରତି ସଚେତନ ହେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଇନ ସହାୟତା ସମିତି ସଦସ୍ୟ ଡ଼. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ ମାଗଣା ଆଇନ ସହାୟତା, ମହିଳା ଓ ଶିଶୁ ଅଧିକାର, ଏବଂ ଶିଶୁ ବିବାହ ରୋକିବା ପାଇଁ ସମାଜର ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ କହିଥିଲେ।

# ୨୦୩୦ ସୁଦ୍ଧା ୧୦ କାର୍ ଲଞ୍ଚ୍ କରିବ ହୋଣ୍ଡା

## ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଫ୍ଲାଗଶିପ ଗ୍ରେଡ୍ ଏକ ଅଧିକ ସ୍ପୋର୍ଟି ଓ ସ୍ୱତନ୍ତ୍ର ଲୁକ୍‌ରେ ଏଲିଭେଟ୍‌ର ମଜଭୁତ ଡିଜାଇନ, ଉତ୍ସାହଜନକ ଆଇ-ଭିଟିଇସି ପ୍ରଦର୍ଶନ ଓ ଆଡ୍‌ଭାନ୍ସଡ ହୋଣ୍ଡା ସେନ୍ସିଂ ସେଫ୍ଟି ଫିଚରଗୁଡ଼ିକୁ ଏକତ୍ରିତ କରିଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ ଓ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ବିବେକ ସିଂହ ବିସ୍ତୃତ ସୂଚନା ଦେଇଛନ୍ତି। କୁନାଲ କହିଛନ୍ତି, ଭୁବନେଶ୍ୱର ଭଳି ବଜାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ହୋଣ୍ଡା ସିଟି, ହୋଣ୍ଡା ଏଲିଭେଟ୍ ଓ ହୋଣ୍ଡା ଆମେଜ ସମେତ ଆମର ସମସ୍ତ ମଡେଲକୁ ଓଡ଼ିଶାରେ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ନୂଆ ଏଲିଭେଟ୍ ଏଡିଭି ଏଡିଶନ ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ ଅବସରରେ କୁନାଲ ବେହେଲ ଓ ବିବେକ ସିଂହ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

୨୦୩୦ ସୁଦ୍ଧା ୭ଟି ଏସ୍‌ୟୁଭି ସମେତ ୧୦ଟି ଲଞ୍ଚ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଚ୍‌ସିଆଇଏଲ୍‌ର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ ଯାନ ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ୨୦୨୬-୨୭ ଆର୍ଥିକ ବର୍ଷର ୨ୟ ଭାଗରେ ଶୁଭାରମ୍ଭ କରାଯିବ । ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ। ହୋଣ୍ଡାର 'ମେକ୍ ଇନ୍ ଇଣ୍ଡିଆ' ଲକ୍ଷ୍ୟକୁ ସୁଦୃଢ଼କରି ହୋଣ୍ଡା ୦ (ଆଲ୍‌ଫା)କୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବ ଏବଂ ଅନ୍ୟ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ରପ୍ତାନି କରାଯିବ। ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ସଂସ୍କରଣର ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମ୍‌ଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା (ଏକ୍ସ ଶୋ'ରୁମ୍) ରହିଥିବାବେଳେ ଡୁଆଲ-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଆଣ୍ଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ। ଏଲିଭେଟ୍ ଏଡିଭିରେ ଉଭୟ ଏକ୍ସଟେରିୟର ଓ ଇଣ୍ଟେରିୟର ପରିବର୍ତ୍ତନ କରାଯାଇଛି। ଏକ୍ସଟେରିୟର ଡିଜାଇନ ବୋଲ୍ଡ ଏକ୍ସକ୍ଲୁସିଭ ଅପ୍‌ଗ୍ରେଡ୍ ହାସଲ କରିଛି।

## ବଢୁଛି ବିଏମ୍‌ଡବ୍ଲ୍ୟୁ ଚାହିଦା

### ରେକର୍ଡ ସଂଖ୍ୟକ ବିକ୍ରି

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ରେକର୍ଡ କରିଛି। କମ୍ପାନୀ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ବିଏମ୍‌ଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭରି କରିଛି। ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ୫,୮୪୧ ମୋଟରସାଇକେଲ ଡେଲିଭର କରିଛି। ତ୍ରୈମାସିକ ୪(ଅକ୍ଟୋବର- ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା ୧୭% ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି, ଇଣ୍ଟରନାଲ କମ୍ବସନ ଇଞ୍ଜିନ ହେଉ କିମ୍ବା ଇଲେକ୍ଟ୍ରିକ ଭେହିକଲ, ଏସ୍‌ଏଭି କିମ୍ବା ସେଡାନ କିମ୍ବା ଲଙ୍ଗ୍ ହୁଇଲବେସ୍ ମଡେଲ ସେଗମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧିପାଉଛି। ସୂଚନା ଥାଉକି, ୨୦୨୫ ମସିହାରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ଆଗ୍ରେସିଭ ପ୍ରଡକ୍ଟ ଅଫେନ୍ସିଭ ଆରମ୍ଭକରି ୨୦ଟି ନୂତନ ଉତ୍ପାଦ ଲଞ୍ଚ କରିଥିଲା।

## ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ


ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରାଙ୍କ ସମେତ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ), ଗୃହ ମନ୍ତ୍ରଣାଳୟର ଅନୁସନ୍ଧାନ ଅଧିକାରୀ ଓମ୍‌ପ୍ରକାଶ ପ୍ରସାଦ ରାଜଭାଷା ସହ ଜଡ଼ିତ ଆଇଟି ଉପକରଣର ବ୍ୟବହାର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ମଉ ମିତ୍ରା ଉପସ୍ଥିତ ରହି ବ୍ୟାଙ୍କ ଅଫ୍ ଇଣ୍ଡିଆ, ପ୍ରଧାନ କାର୍ଯ୍ୟାଳୟକୁ ସମ୍ବୋଧିତ କରିଥିଲେ ଏବଂ କେନ୍ଦୁଝର ଅଞ୍ଚଳ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ବେହେରା ହିନ୍ଦୀ କେବଳ ଆମର ରାଜଭାଷା ନୁହେଁ ବରଂ ଭାରତର ସାଂସ୍କୃତିକ ଏକତା ଏବଂ ପରିଚୟ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି କହିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତାକରି କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ସହ ଗୁରୁଙ୍କ ପାଖରେ ସମର୍ପଣ ଭାବ ଦ୍ୱାରା ଚରିତ୍ର ଗଠନ ସହ ରାଷ୍ଟ୍ରଗଠନ ସମ୍ଭବ। ମୁଖ୍ୟବକ୍ତା ଭାବେ ଭାରତୀୟ ଦର୍ଶନଶାସ୍ତ୍ର ସମାଜର ବରିଷ୍ଠ ସଦସ୍ୟ ତଥା ଏକାମ୍ର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବିଶିଷ୍ଟ ବକ୍ତା ଡ. ନିରଞ୍ଜନ ପାଢ଼ୀ ମଣିଷ ଭିତରେ ଈଶ୍ୱର ସତ୍ତାକୁ ଉପଲବ୍ଧ କରିବା, ନିଜେ ନିଜର ପରିଚୟ ସୃଷ୍ଟିକରିବା, ମାନବତାବାଦକୁ ବଜାୟ ରଖିବା ପାଇଁ କହିଥିଲେ। ନିଜର ଧୀମତ୍ତାକୁ ପରିମାର୍ଜିତ କରି ବିବେକହୀନ ହେବା ପରିବର୍ତ୍ତେ ଈଶ୍ୱର ପୂଜାକୁ ପଛକରି ମାନବ ସେବାରେ ସମର୍ପଣ ଭାବ ରଖିପାରିଲେ ଭାରତ ବିଶ୍ୱଗୁରୁ ହେବା ସହ ୟୁଥ୍ ଫର୍ ଇଣ୍ଡିଆ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବଡଲୋକ ହେବା ପଛରେ ନ ଗୋଡାଇ ଭଲ ଲୋକ ହେବାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।




# ନ୍ୟୁ ସେଲ୍ଟସ ଅନାବରଣ କଲା ତୃପ୍ତି କିଆ

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

କିଆ ମୋଟର୍ସର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟସ ଭୁବନେଶ୍ୱରସ୍ଥିତ ତୃପ୍ତି କିଆରେ ଅନାବରଣ କରାଯାଇଛି। ନୂଆ ସେଲ୍ଟସ ୮ଟି ଭେରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନର ବିକଳ୍ପ ଦିଆଯାଇଛି। ଏହି ମଡେଲ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର ସିଟ୍ ସହିତ ମେମୋରି ଫଙ୍କସନ, ଏଲଇଡିଡିଆର୍‌ଏଲ୍. ସହିତ ୱେଲ୍‌କମ୍ ଫଙ୍କସନ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ମୂଳ ଭାରିଆଣ୍ଟରୁ ହିଁ ଅଟୋମେଟିକ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ ଭଳି ସୁବିଧା ରହିଛି। ଅନାବରଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବରେ ଯୋଗଦେଇଥିବାବେଳେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି, ନ୍ୟୁ ସେଲ୍ଟସର ଡିଜାଇନ, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସ୍‌ୟୁଭି ହେବ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରୁଦ୍ରନାରାୟଣ ସାମନ୍ତରାୟ ଏବଂ ଜେନେରାଲ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।




## ଅପରାଧ

# ୬ ଅଭିଯୁକ୍ତଙ୍କ ଜାମିନ ରାୟ ସଂରକ୍ଷିତ

### ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୩।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଛି। ବ୍ରହ୍ମପୁରସ୍ଥିତ ଏସ୍‌ଡିଜେଏମ୍ କୁମାର ସ୍ପନ୍ଦନ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଏବଂ ଶିଶୁପାଳ କୁମାର ପାଶ୍ୱାନଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି। ରାୟ ସଂରକ୍ଷିତ ରହିଥିବା ବେଳେ ଆସନ୍ତା ୧୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି। ୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ରହିଛନ୍ତି।

## ଭଡ଼ାଘରେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

ବେତନଟୀ, ୧୩।୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନରେ ରହୁଥିବା କେସିପୁର ପୋଲିସ ଫାଣ୍ଡିରେ ଜଣେ କନଷ୍ଟେବଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜୀବ କୁମାର ଭୂୟାଁ, ତାଙ୍କ ଘର ରାସଗୋବିନ୍ଦପୁର ଥାନା ପାଇକସାହି ଗ୍ରାମରେ। ସେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ କନଷ୍ଟେବଲ ଥିଲେ। ଫାଣ୍ଡିଠାରୁ ୧୦୦ମିଟର ଦୂର ଏକ ଭଡ଼ା ଘରେ ଏକାକୀ ରହୁଥିଲେ। ଏହି ଭଡ଼ା ଘର କବାଟ ଭିତରପଟୁ ବନ୍ଦ ଥିଲା। ତାଙ୍କୁ ଡାକିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଶୁଣିବାରୁ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣା ସୋମବାର ରାତିରେ ଘଟିଥିବା ସନ୍ଦେହ କରାଯାଉଛି। ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତ କରିଥିଲେ। ଏହି ସମୟରେ ମୃତ କନଷ୍ଟେବଲଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ଉପସ୍ଥିତ ଥିଲେ। ବେତନଟୀ ପୋଲିସ ଶବ ଜବତ ପରେ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦୨୬) ରୁଜୁ କରିଛି। ପୋଲିସର ତଦନ୍ତ ଚାଲୁ ରହିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

# ୫ ପରୀକ୍ଷାର୍ଥୀଙ୍କୁ ସିବିଆଇ ଜେରା

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତାର ତଦନ୍ତକୁ ଅଧିକ ତ୍ୱରାନିତ କରିଛି। ମଙ୍ଗଳବାର ସିବିଆଇ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଓପିଆର୍‌ବି ଏବଂ ସିଲିକନ୍ ଟେକ୍ ଲାବ୍‌ର ଗୁପ୍ତ ସମ୍ପର୍କ ବିଷୟରେ ଜାଣିବା ପାଇଁ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଥିଲା। ଏହି ୫ ଜଣଙ୍କୁ ହାଜର ହେବାକୁ ସିବିସିଆଇବି ପକ୍ଷରୁ ସମନ ହୋଇଥିଲା। ୩ଜଣ ପରୀକ୍ଷାର୍ଥୀଙ୍କ ସହ ଆଉ ଦୁଇଜଣ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ସିବିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ପ୍ରଥମେ ପୋଲିସ ତଦନ୍ତ କରି ୧୧୭ ଜଣଙ୍କୁ ଗିରଫ କରିଥିଲା। ହେଲେ ମାମଲା ଅତି ସଙ୍ଗୀନ ଥିବାରୁ ଏହାକୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ ରାଜ୍ୟ ସରକାର। ସିବିଆଇ ଘଟଣାର ତଦନ୍ତ କରି ଆଉ କିଛି ଅଭିଯୁକ୍ତଙ୍କୁ ବାନ୍ଧିଥିଲା। ଦୀର୍ଘ ଦିନର ତଦନ୍ତ ପରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଯେଉଁଥିରେ ୧୬ଜଣଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିବା ସିବିଆଇ ଦର୍ଶାଇଛି। ଏହି ଚାର୍ଜଶିଟ୍‌ରେ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ସୌମ୍ୟା ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା , ବିରଞ୍ଚି ନାୟକ, ନୀତିଶ କୁମାର ସମେତ ଅନେକ ରହିଛନ୍ତି। ତେବେ ଚାର୍ଜଶିଟ୍ ଦାଖଲ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଜାଲିଆତି ମାମଲାରେ ବଡ଼ ଗେମ କରିଥିଲେ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଦେଇଥିଲା। ଏନେଇ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ କରି ନ ଥିଲା।

## ଅଳଙ୍କାର ଦୋକାନରୁ ୫୦ ଲକ୍ଷ ଟଙ୍କାର ଗହଣା ଲୁଟ

ଡେରାବିଶ,୧୩।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଆଲସିଂ ପଞ୍ଚାୟତର ଠାକୁରହାଟ ବଜାରସ୍ଥିତ ବାସୁଦେବ ଅଳଙ୍କାର ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ ଲୁହା ଶଟର କାଟି ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଚାନ୍ଦି ଅଳଙ୍କାର ଲୁଟି ନେଇଛନ୍ତି। ଗୁଆଲସିଂ ଗ୍ରାମର ଦୀପ୍ତିରଞ୍ଜନ ସାହୁ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତି ୮ଟାରେ ସେ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରିବା ସହ ଶଟରରେ ତାଲା ପକାଇ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସିସିଟିଭି କ୍ୟାମେରା ସଂଯୁକ୍ତ ହୋଇଥିବା ତାଙ୍କ ମୋବାଇଲରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ଅଳଙ୍କାର ଲୁଟ କରୁଥିବା ଦେଖିଥିଲେ। ତତ୍‌କ୍ଷଣାତ ସେ ଦୋକାନକୁ ଆସି ଦେଖନ୍ତି ତ ଭିତରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବସ୍ତାରେ ମୂଲ୍ୟବାନ୍ ଅଳଙ୍କାର ପୂରାଉଛନ୍ତି। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟ ହୋଇଥିବା ଅଳଙ୍କାର ମଧ୍ୟରେ ୧୨ କେଜି ଓଜନର ଚାନ୍ଦି ଅଳଙ୍କାର ଓ ପ୍ରାୟ ୨୨୦ ଗ୍ରାମ ସୁନା ଅଳଙ୍କାର ରହିଥିଲା। ଏଥିସହ ଅନ୍ୟ ବହୁ ମୂଲ୍ୟବାନ ସୁନା ଓ ରୁପା ଜିନିଷ ସାମିଲ ରହିଛି। ତେବେ ତରତର ହୋଇ ପଳାଇଥିବା ଦୁର୍ବୃତ୍ତମାନେ ତାଙ୍କ ଏକ ବାଇକ୍, ଗ୍ୟାସ୍ ସିଲିଣ୍ଡର, କଟର ଏବଂ ହେଲ୍‌ମେଟ ଛାଡି ଯାଇଥିଲେ ବୋଲି ବ୍ୟବସାୟୀ ଦୀପ୍ତିରଞ୍ଜନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଇନ୍ସପେକ୍ଟର ବିଶ୍ୱ ଭୂଷଣ ସାହାଣୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଜୋର୍‌ଦାର କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୦/୨୬ରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

# ଆଶିଷଙ୍କ ପରେ ଦିଲ୍ଲୀପଙ୍କ ସମ୍ପତ୍ତି ଅଚଳ କଲା ପୋଲିସ

ଫୁଲବାଣୀ, ୧୩।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପ୍ରଥମେ ଖଜୁରିପଡା ବ୍ଲକ ତିଲକପଡାର ଆଶିଷ ଦିଗାଲଙ୍କ ସମ୍ପତ୍ତିକୁ ପୋଲିସ ଅଚଳ କରିଥିଲା। ଏବେ ପୁଣି ଜଣେ ଗଞ୍ଜେଇ ଚାଲାଣକାରୀ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଗଉଡ଼ସାହି ଆଠଗଡପାଟଣାର ଦିଲ୍ଲୀପ ଗୌଡ଼ଙ୍କ ସମ୍ପତ୍ତି ଜବତ କରାଯାଇଛି । ଉକ୍ତ ଘଟଣାରେ ଉଭୟଙ୍କଠାରୁ ପୋଲିସ ନଗଦ ୬ ଲକ୍ଷ ୫୭ ହଜାର ୬୪୦ ଟଙ୍କା, ୩୮ ଲକ୍ଷ ୭୨ ହଜାର ୨୮୯ ଟଙ୍କାର ସୁନା ଅଳଙ୍କାର, ୧ କୋଟି ୪ ଲକ୍ଷ ୩୦ ହଜାର ୨୫୭ ଟଙ୍କା ମୂଲ୍ୟର କାର, ଟ୍ରକ ଆଦି ଜବତ କରିଛି। ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଫୁଲବାଣୀ ସଦର ଥାନା ରୁଜାଙ୍ଗି ନେଡ଼ିସାହିର ଜତି ଜ୍ୟୋତିଷ ବେହେରା, ଟିକାବାଲି ଥାନା ଲାଇନପଡା ପିପଲାସାହିର ମିଥୁନ ନାୟକ ଓ ଆଶିଷ କୁମାର ଦିଗାଲ। ଏମାନଙ୍କ ନାମରେ ସଦର ଥାନାରେ ୧୪୭/୨୫ରେ ମାମଲା ରୁଜୁ ହୋଇଛି । ସେହିପରି ଗିରଫ ଅନ୍ୟମାନେ ହେଲେ ଗଞ୍ଜାମର ମୁଖ୍ୟ ଗଞ୍ଜେଇ ଚାଲାଣକାରୀ ଦିଲ୍ଲୀପ, ବାଲିଗୁଡ଼ା ଥାନା ସୁନାପାଙ୍ଗା, ବନ୍ଧସାହିର ଡି.ଏନ୍ ଦୀନେଶ, ଗୁଡିମରାସାହିର ଦୀପକ ଓରଫ ସମୀର ଦିଗାଲ, ପଟାମାହାର ସୁନିଲ ମଲ୍ଲିକ, ଚମ୍ପାସାହିର ମହେନ୍ଦ୍ର ମଲ୍ଲିକ ଓ ଗୁଜରାଟ ସୁରଟର ଚୁମ୍ପଡ ଆର ଓଝା । ଚୁମ୍ପଡଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଏ ନେଇ ବାଲିଗୁଡା ଥାନାରେ ୧୦୪/୨୫ରେ ମାମଲା ରୁଜୁ ହୋଇଛି ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

### ମୋଟ ୮.୨୦ କୋଟି ଟଙ୍କାର ସମ୍ପତ୍ତି ଠାବ

ଆଶିଷଙ୍କ ମୋଟ ସମ୍ପତ୍ତି ୪ କୋଟି ୫୯ ଲକ୍ଷ ୬୭ ହଜାର ୯୫୫ ଟଙ୍କା ହୋଇଥିବା ବେଳେ ଦିଲ୍ଲୀପଙ୍କ ସମ୍ପତ୍ତି ୩ କୋଟି ୬୦ ଲକ୍ଷ ୯୧ ହଜାର ୬୮ ଟଙ୍କା। ଉଭୟଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୮ କୋଟି ୨୦ ଲକ୍ଷ ୫୯ ହଜାର ୩୩ ଟଙ୍କା। ଅଚଳ କରାଯାଇଥିବା ସମ୍ପତ୍ତିକୁ ସେମାନେ ବ୍ୟବହାର କରିପାରିବେ ମାତ୍ର କିଣାବିକା କରିପାରିବେ ନାହିଁ। ବ୍ୟାଙ୍କ ଆକାଉଣ୍ଟରେ କୌଣସି ଟଙ୍କା ଉଠାଣ କି ଟ୍ରାନ୍ସଫର କରିପାରିବେ ନାହିଁ । ସେହିପରି ଜବତ ହୋଇଥିବା କାର, ଟ୍ରକ ଥାନାରେ ରହିବ । ଜବତ ଟଙ୍କା ଏବଂ ସୁନା ଗହଣା କୋର୍ଟ ଜିମାରେ ପ୍ରଦାନ କରାଯିବ। ଏମାନଙ୍କ ବିରୋଧରେ ଚାଲିଥିବା ମାମଲାର ତଦନ୍ତ ଶେଷ ହୋଇନି। ସେମାନଙ୍କର ଆହୁରି ସମ୍ପତ୍ତି ଠାବ ହୋଇପାରେ । ଯେଉଁମାନେ ବେଆଇନ ଗଞ୍ଜେଇ କାରବାର କରି ସମ୍ପତ୍ତି ଠୁଳ କରିଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ବିଶି ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଏଏସ୍‌ପି ରମେନ୍ଦ୍ର ପ୍ରସାଦ, ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଡିଏସ୍‌ପି ମାନସ ରଞ୍ଜନ ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଶିଷଙ୍କ ଉପରେ ତଥ୍ୟଭିତ୍ତିକ ଖବର ଗତ ୯ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଠିକାଦାରଙ୍କ ଗୋଦାମ ପୋଡ଼ିଲେ, ଜାଳିଦେଲେ ୩ ଗାଡ଼ି

ଭବାନୀପାଟଣା/ ରୁପ୍ରାରୋଡ, ୧୩।୧ (ଉତ୍ତମ କୁମାର ଦାଶ/ ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ ଅଗ୍ରୱାଲଙ୍କ ଗୋଦାମକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଜାଳିଦେଇଛନ୍ତି। ନିଆଁରେ ଗୋଦାମ ପରିସରରେ ଥିବା ୩ ଗାଡ଼ି ଓ ସାମଗ୍ରୀ ପୋଡିଯାଇଛି। ଏହାସହ ସେଠାରେ ମାଓବାଦୀଙ୍କ ନାମରେ କେତେକ ଧମକପୂର୍ଣ୍ଣ ପୋଷ୍ଟର ଦେଖିବାକୁ ମିଳିଛି। ହିନ୍ଦୀରେ ଲେଖା ଥିବା ପୋଷ୍ଟରଗୁଡ଼ିକରେ ୩୫ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଛି। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଉଲ୍ଲେଖ କରାଯାଇଛି। ଏହା ମାଓବାଦୀଙ୍କ କାଣ୍ଡ ନା ଅନ୍ୟ କେହି ଭିଆଇଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ଭବାନୀପାଟଣାରୁ ଆସିଥିବା ସନ୍ଧାନୀ କୁକୁର ଗୋଦାମରୁ ବାହାରି ଛତାମହୁଲ ଜଙ୍ଗଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ସାଇଣ୍ଟିଫିକ୍ ଟିମ୍ ଓ କେସିଙ୍ଗା ଏସ୍‌ଡିପିଓଙ୍କ ସମେତ ପୋଲିସ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୭ତାରିଖରେ ଦିନେଶ ଅଗ୍ରୱାଲଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ଏହି ଘଟଣାର ତଦନ୍ତ କରି ନର୍ଲା ପୋଲିସ ତାଙ୍କ ପୁଅ ଅଙ୍କୁଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୋଟିଏ ମାସ ପୂର୍ବରୁ ହାଇକୋର୍ଟ ଅଙ୍କୁଶଙ୍କୁ ଜାମିନରେ ଛାଡିଥିଲେ। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଘଟଣାସ୍ଥଳରେ ଲାଗିଥିବା ପୋଷ୍ଟରର ଭାଷା ଓ ଲେଖିବା ଶୈଳୀରୁ ଏହା ମାଓବାଦୀଙ୍କ କାମ ନୁହେଁ, ନକଲି ମାଓବାଦୀ ପୋଷ୍ଟର ବୋଲି ଜଣାପଡୁଛି। ସେହିପରି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ନର୍ଲା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ରୁପ୍ରାରୋଡରେ ମାଓବାଦୀ ପୋଷ୍ଟର ମିଳିବା ଓ ଠିକାଦାରଙ୍କ ଗୋଦାମ ପୋଡ଼ି ଦିଆଯାଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।


ଗୋଦାମ ପରିସରରେ ଥିବା ଗାଡ଼ିଗୁଡିକ ପୋଡିଯାଇଛି।

### ମିଳିଲା ମାଓବାଦୀ ନାମରେ ଧମକପୂର୍ଣ୍ଣ ପୋଷ୍ଟର

# ଶର୍ଟ ସର୍କିଟ: ଝାରସୁଗୁଡ଼ା ରେଳଷ୍ଟେଶନରେ ନିଆଁ

ଝାରସୁଗୁଡ଼ା,୧୩।୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମୁଖ୍ୟ ରେଲୱେ ଷ୍ଟେଶନରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହେବା ଯୋଗୁ ରେଳଷ୍ଟେଶନରେ ନିଆଁ ଲାଗିଯାଇଥିଲା। ଏଥିରେ କୌଣସି ଜୀବନ ହାନି ହୋଇ ନ ଥିବାବେଳେ ବହୁ ମୂଲ୍ୟବାନ ସାମଗ୍ରୀ ସହିତ କାଗଜପତ୍ର ପୋଡ଼ି ଯାଇଥିବା ଜଣାପଡ଼ିଛି। ପୂର୍ବାହ୍ନ ୧୧ଟାରେ ଝାରସୁଗୁଡ଼ା ମୁଖ୍ୟ ରେଲଷ୍ଟେଶନ ପ୍ଲାଟଫର୍ମ ନମ୍ବର ୧ରେ ଏବଂ ରେଳଷ୍ଟେଶନସ୍ଥିତ ଟେଲିକମ ସେକ୍ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଫଳରେ ପ୍ଲାଟଫର୍ମ ବାହାରେ ଓ ଭିତରେ ଧୂଆଁମୟ ହୋଇଯାଇଥିଲା। ଏହାଦ୍ୱାରା ଉପସ୍ଥିତ ଯାତ୍ରୀ ଓ କର୍ମଚାରୀମାନେ ଭୟଭୀତ ହୋଇ ପାଟି କରିଥିଲେ। ପ୍ରଥମେ ରେଲୱେ ପୋଲିସ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ପ୍ଲାଟଫର୍ମରୁ ଖାଲି କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସଙ୍କ ସହ ମିଶି ପ୍ରାୟ ୩ ଘଣ୍ଟା ଧରି ନିଆଁକୁ ଆୟତ୍ତ କରିଥିଲେ। ଜିଲ୍ଲା ଅଗ୍ନିଶମ ଅଧିକାରୀ ଅରୁଣ ଚଟ୍ଟୋଙ୍କ କହିବା ଅନୁଯାୟୀ, ରେଲୱେ ଷ୍ଟେଶନର ଟେଲିକମ ସେକ୍ସନରୁ ହିଁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିଲା। ଏ ନେଇ ଝାରସୁଗୁଡ଼ା ରେଳ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ଘଟି ନ ଥିବା ବେଳେ କିଛି କାଗଜପତ୍ର ଏବଂ ତାର ପୋଡ଼ି ଯାଇଛି ବୋଲି କହିଛନ୍ତି। ତେବେ ରେଲୱେ ଷ୍ଟେଶନରେ ନିଆଁ ଲାଗିବାରୁ ରେଳ ଚଳାଚଳ ଓ ରେଲୱେ ବିଭାଗର ବିଭିନ୍ନ କାର୍ଯ୍ୟ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା।



ଅଗ୍ନିକାଣ୍ଡ ଯୋଗୁ ଝାରସୁଗୁଡ଼ା ରେଳଷ୍ଟେଶନ ଧୂଆଁମୟ ହୋଇଯାଇଛି।

# ଧାନମଣ୍ଡି ଅବ୍ୟବସ୍ଥା: ନବରଙ୍ଗପୁରରେ ୧୨ ଘଣ୍ଟିଆ ବନ୍ଦ


ନବରଙ୍ଗପୁର ୨୬ ନଂ. ଜାତୀୟ ରାଜପଥରେ ବିଜେଡି ନେତା, କର୍ମୀ ଓ ଚାଷୀଙ୍କ ସହ ଲୋକେ ଧାରଣାରେ ବସିଛନ୍ତି।

ନବରଙ୍ଗପୁର,୧୩।୧ (ସଦାଶିବ ପ୍ରହରାଜ)

ମଣ୍ଡିରେ ଧାନ କ୍ରୟ ଆରମ୍ଭରୁ ଅବ୍ୟବସ୍ଥା। ଚାଷୀଙ୍କୁ ଟୋକନ ପ୍ରଦାନରେ ଅହେତୁକ ବିଳମ୍ବ ସାଙ୍ଗକୁ କଟ୍ନି ଛଟ୍ନି ବାହାନାରେ ଶୋଷଣ। ସାମାନ୍ୟ ବିଳମ୍ବରେ ଧାନମଣ୍ଡିରେ ପହଞ୍ଚିଲେ ଫେରସ୍ତ ସହ ସାଧାରଣ ମୌଳିକ ସୁବିଧା ଯୋଗାଇଦେବାରେ ସରକାର ବିଫଳ। ସାଟେଲାଇଟ୍ ଜମି ସର୍ଭେରେ ତ୍ରୁଟି ଯୋଗୁ ବହୁ ଚାଷୀ ଧାନ ବିକ୍ରି ସୁଯୋଗରୁ ବଞ୍ଚିତ ହେଉଥିବା ଏଭଳି ଅଭିଯୋଗକରି ବିଜେଡି ରାସ୍ତାକୁ ଓହ୍ଲାଇଛି। ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ପୂର୍ବତନ ଏମ୍ପି ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲାର ୭ ବ୍ଲକ୍‌ରେ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ସମୟରେ ଜିଲ୍ଲାରେ ଚକ ଅଖ ବନ୍ଦ ଥିଲା। ଶତାଧିକ ବିଜେଡି ନେତା ଓ କର୍ମୀଙ୍କ ସମେତ ହଜାର ହଜାର ଚାଷୀ ଆନ୍ଦୋଳନକୁ ସମର୍ଥନକରି ଏଥିରେ ସାମିଲ ହୋଇଥିଲେ। କିନ୍ତୁ ଅତ୍ୟାବଶ୍ୟକ ପରିବହନ ବ୍ୟବସ୍ଥା ଚାଲିଥିଲା। ସେହିଭଳି ଦୋକାନ, ବଜାର ଓ ସାପ୍ତାହିକ ହାଟକୁ ବନ୍ଦରୁ ବାଦ୍ ଦିଆଯାଇଥିବା କାରଣରୁ ବଜାରରେ କାରବାର ସ୍ୱାଭାବିକ ଥିଲା। ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ପରିସଭୁକ୍ତ କରାଯାଇ ନ ଥିବାରୁ ସେସବୁ ସ୍ୱାଭାବିକ ଭାବେ ଖୋଲା ରହିଥିଲା।

ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ରନ୍ଧାରୀ, ପୂର୍ବତନ ଏମ୍ପି ମାଝୀଙ୍କ ସମେତ ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ବିଧାୟିକା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ଓ ନବୀନ ନାୟକ, ବର୍ଦ୍ଧିନାରାୟଣ ସିଂ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ପୌରାଧ୍ୟକ୍ଷା ସୌମ୍ୟା ମହାପାତ୍ର, ଅବିଭକ୍ତ କୋରାପୁଟ ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଭୀମ ହରିଜନ ଓ ସରୋଜ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଓ ଶତାଧିକ ଦଳୀୟ ନେତା ଓ କର୍ମୀ ୨୬ ନମ୍ବର ଜାତୀୟ ରାଜପଥର ମାଝୀଗୁଡ଼ା, ଚାଉଁରିଆଗୁଡ଼ା ଓ ମା' ଭଣ୍ଡାରଘରଣୀ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିଲେ। ସେହିଭଳି ଅପରାହ୍ନ ୧ଟାରେ ଦଳୀୟ ନେତା ଓ କର୍ମୀ ବିରାଟ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭାଜପା ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଲିଖିତ ଭାବେ ଆନ୍ଦୋଳନକାରୀଙ୍କୁ ଜଣାଇଲେ, ସୋସାଇଟିକୁ ମିଲ୍ ମାଲିକମାନେ ଅଖାବସ୍ତା ଯୋଗାଇ ଦେବେ। ଚାଷୀମାନେ ଅଖା ନେବେ ଓ ଏଫ୍ଏକ୍ୟୁ ଧାନ ଦେଲେ କଟ୍ନିଛଟ୍ନି ହେବ ନାହିଁ। ପ୍ରତିଦିନ ୪ ହଜାର କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବ। ଏଥିସହ ଚାଷୀଙ୍କୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କଡ଼ାକଡ଼ି କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି। ମହିଳା, ଯୁବ, ଛାତ୍ର ଓ କୃଷକ ସଙ୍ଗଠନ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ବିଜେଡି ନେତା ଉତ୍ତମ ତ୍ରିପାଠୀ, ସୁମିତ ପାଲ, ଦିଲୁ ପଣ୍ଡା, ସୀମାଞ୍ଚଳ ପାଢ଼ୀ, ସଞ୍ଜୟ ନାୟକ, ନଗର ସଭାପତି ପ୍ରମୋଦ ରଥ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦୟାନିଧି ବିଷୋୟୀ, ପ୍ରଣତୀ ତ୍ରିପାଠୀ, କାମିନୀ ପାଢ଼ୀ, ନୀଳମାଧବ ପାତ୍ର ପ୍ରମୁଖ ସାମିଲଥିଲେ।

# ହାତୀ ଶାବକ ମୃତଦେହ ଠାବ

ବଣାଇଁ,୧୩।୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବନଖଣ୍ଡ ଭର୍ତ୍ତା ବନାଞ୍ଚଳ ଅନ୍ତର୍ଗତ କେଲୋ ସଂରକ୍ଷିତ ଜଙ୍ଗଲରେ ସୋମବାର ଅପରାହ୍ନରେ ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ବଣାଇଁ ଡିଏଫ୍ଓ ଦାୟିତ୍ୱରେ ଥିବା ଦେଓଗଡ଼ ଡିଏଫ୍ଓ ରଶ୍ମୀ ଜିଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ବନ ଅଧିକାରୀ, ଗୁରୁଣ୍ଡିଆ ପ୍ରାଣୀଧନ ଚିକିତ୍ସକ ଓ ପାରା ଉଦ୍ଧାରକାରୀ ଦଳ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଜନ୍ମ ସମୟରେ ହାତୀ ଶାବକଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହର ବିଭିନ୍ନ ଅଂଶର ନମୁନା ସଂଗ୍ରହକରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଛି।


ମୃତ ହାତୀ ଶାବକ


## GOVERNMENT OF ODISHA No.B-944
## e-Procurement Notice, ANGUL (R&B) DIVISION
### Bid Identification No.59 of 2025-26
e-mail ID- angulrbdivision@yahoo.co.in

1. Number of Works : 01 (One) number of Building work
2. Approximate estimated cost : 99.58 Lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.13.01.2026 at 10.00 A.M.**
5. Last date / Time for receipt of bid in the portal : **Dt.19.01.2026 up to 5.00 P.M.**
6. Date of opening Bid : **Dt. 20.01.2026 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in.

OIPR- **Sd./- Superintending Engineer Angul (R&B) Division**

## OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION, ODISHA, TAMANDO, BHUBANESWAR-28
NO.115/DT. 09.01.2026
### TENDER CALL NOTICE
**No.TT-15** : Sealed tenders are invited from authorised suppliers/dealers and registered firms having valid PAN, GST Registration and GST Clearance Certificate for supply of sports uniforms for use of the students of Government College of Physical Education, Tamando, Bhubaneswar for the academic session 2025-2027.
Further, the Government College of Physical Education, Tamando, Bhubaneswar invites bids from reputed firms/ agencies through Request for Proposal (RFP) for "Supply of Uniforms for Government College of Physical Education, Tamando, Bhubaneswar, Odisha."
The detailed tender/RFP document may be downloaded only from the official college website **https://gcpebhubaneswar.in** during the period from 13.01.2026 to 06.02.2026.
Interested firms/parties / agencies are advised to carefully study the RFP document before submitting their bids.
Important Dates & Information
- Place of Submission & Opening: Office of the Principal, Government College of Physical Education, Tamando, Bhubaneswar - 751028
- Last Date & Time of Submission: 06.02.2026 by 05:00 P.M. (All documents related to the Tender / RFP, including the sealed tender, must be sent **only through Speed Post** to the above-mentioned address)
- The Earnest Money Deposit (EMD) amount shall be submitted **only throuh Demand Draft (DD)** drawn in favour of **"Principal, Government College of Physical Education, Bhubaneswar"** payable at Bhubaneswar.
- Date & Time of Opening of Tender: 07.02.2026 at 11:30 A.M at the Office of the Principal, Government College of Physical Education, Tamando, Bhubaneswar 751028.

The undersigned reserves the right to accept or reject any or all tenders fully or partly without assigning any reason thereof.

OIPR- **Sd./- Principal GCPE, Tamando, Bhubaneswar**

## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
## Office of the Jaleswar Municipality, Jaleswar
Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com
No. 144 Date : 12.01.2026
### Short Quotation Call Notice
**No.C-2066** : Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of **(1) 3.3 KW capacity Elec. Vehicle Charging Station (2) 4.4 KW Panel Capacity solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage (3) Electri Semi High Mas Light / equipment** as specification mentioned (list & Terms & Condition can be seen at Office). Available of documents from **13.01.2026 to 21.01.2026** up to 01.00 P.M. (in office hours). The quotation should reach to the undersigned on or before **22.01.2026 at 03.00 P.M.** through Speed Post/Registered Post/Courier/by hand. The Quotation will be opened on dt **22.01.2026 at 04.00 P.M.** in the presence of the Quotationer or their authorized representatives.
The undersigned reserves all rights to reject any or all quotations without assigning any reason thereof.

OIPR - **Sd./- Executive Officer Jaleswar Municipality**

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.-NUAPADA, ODISHA
E-mail : eeroads.khr@rediffmail.com
Letter No.142 Date : 07.01.2026
1st Corrigendum to
Bid Identification No. SER&BKHR - 19/2025-26
**B-964** : The following changes are being made for E-Procurement Notice - 19, Bid Identification No.SER&BKHR - 19/2025-26 vide letter no.31 dated 02.01.2026 in the above Tender Call Notice.
1. The Date & time of availability of bid documents in the portal from 10.00 hours of 13.01.2026 to 17.00 Hours of 27.01.2026 has extended from 10.00 hours of 28.01.2026 to 17.00 Hours of 12.02.2026.,
2. The date & time of opening of bid documents in the portal from 11.00 hours on 28.01.2026 has extended to 11.00 AM on date 13.02.2026 respectively.
3. All other terms and conditions remain unchanged.

OIPR- **Sd./- Superintending Engineer Khariar (R&B) Division**

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-2990
No.-CHEP/TW-332/186 Date: 12.01.2026
### TENDER CALL NOTICE NO.-CHEP-52/2025-26
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Distributors meeting Eligibility Criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply, Testing & Commissioning of Numerical Feeder Protection Relays in 33KV Feeders of CHEP, Chiplima | Rs.7,080/- (Rs.6,000/- + GST @18%) | 10,500/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.16.01.2026 up to 12:30 PM of dtd.29.01.2026.**

OIPR- **Sd/- C & P Head, CHEP, Chiplima**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK
ee_rwbdk2@yahoo.co.in
"e" Procurement Notice for Road Works
Identification Online Tender025/RWD/BDK-II/2025-26, Dtd.06.01.2026
**No.O-1997:**1. Name of the Work : Road Works as per Annexure, 2. Total Number of Works: 1 No., 3. Approximate Estimated Cost: Rs.55.08 Lakhs. 4. Class of Contractor: "B" Class. 5. Period of Completion:As per Annexure, 6. Type of Tender: Double Cover. 7.Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 25 | 12.01.26 At 11.00 P.M. | 19.01.26 upto 5.00 P.M. | 19.01.26 upto 3.00 P.M. | 20.01.26 at 11.00 AM | Will be intimated later |

8. **Further details can be seen from the e-Procurement portal "https://www.tendersorissa.gov.in"**
9. Any other changes/ Corrigendum may be seen only in website www.tendersorissa.gov.in

OIPR- **Sd./- Superintending Engineer, R.W.Division-II, Bhadrak**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR
Phone No.06671-224074, e-mail: eerwkhariar@gmail.com
e-Procurement Notice
BID IDENTIFICATION NO.RWKHR-07/2025-26 (Online)
**No.O-2002:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Name of the Work: Roads & Building Works. 2. Total No. of Works: 7 Nos. 3. Estimated Cost: 3.26 to 55.48 Lakhs. 4. Period of Completion: 1 (One) Calendar & 2 (Two) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division, Khariar | RWKHR- 07/ 2025-26 (Online) | 13.01.2026 At 10.00 AM | 27.01.2026 Upto 5.00 PM | 27.01.2026 Upto 11.00 AM | 28.01.2026 at 11.00 AM | 31.01.2026 at 11.00 AM |

Further details can be seen from the website www.tendersodisha.gov.in.

OIPR- **Sd./- Superintending Engineer, Rural Works Division, Khariar**

## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–14
No.RR- ଇ–ମେଲ: directorateofculture@gmail.com
### ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ
୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ । ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକା, ସାହିତ୍ୟିକଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥରାଶି ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ଏହି ସମ୍ମାନ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।
୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକା/ସାହିତ୍ୟିକଙ୍କ ସାମଗ୍ରିକ ସାହିତ୍ୟକୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ ।
(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ । ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ଉକ୍ତ ଅନୁଷ୍ଠାନକୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ ।
୩. ଏଥିପାଇଁ ସାହିତ୍ୟିକା/ସାହିତ୍ୟିକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ ।
୪. ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।
୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।
୬. ଏହି ସମ୍ମାନ ପାଇଁ ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ ଜରିଆରେ ପ୍ରସ୍ତାବ ଆହ୍ୱାନ କରାଯିବ । ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ପ୍ରସ୍ତାବ ଦାଖଲ କରିପାରିବେ । ଏକ ତିନିଜଣିଆ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତାବଗୁଡ଼ିକୁ ତନଖି କରାଯିବା ପରେ ଯୋଗ୍ୟତାଭିତ୍ତିରେ ସର୍ବସମ୍ମତିକ୍ରମେ କିମ୍ବା ସଂଖ୍ୟାଧିକ ସଦସ୍ୟଙ୍କ ମତାମତ ଅନୁଯାୟୀ ଏହି ସମ୍ମାନ ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ ।
୭. ସାହିତ୍ୟିକ/ସାହିତ୍ୟିକାଙ୍କ ନିମନ୍ତେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ସାମଗ୍ରିକ ସାହିତ୍ୟ କୃତି, ବୟସ, ଖ୍ୟାତି, ଯୋଗ୍ୟତା ଏବଂ ସାହିତ୍ୟ କ୍ଷେତ୍ରରେ ବରିଷ୍ଠତା ଓ ଓଡ଼ିଆ ସାହିତ୍ୟ ପାଇଁ ଅବଦାନକୁ ବିଚାରକୁ ନେଇ ଚୟନ ପ୍ରକ୍ରିୟା ସମାହିତ ହେବ । ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ନିଷ୍ଠାପର ଓ ନିରନ୍ତର ସାରସ୍ୱତ କାର୍ଯ୍ୟଧାରାକୁ ବିଚାର ପରିସରଭୁକ୍ତ କରାଯିବ । ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କିତ ସାହିତ୍ୟିକ କାର୍ଯ୍ୟଧାରାକୁ ଗୁରୁତ୍ୱ ପ୍ରଦାନ କରାଯିବ ।
୮. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ ।
୯. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ।
୧୦. ଯେଉଁ ବର୍ଷ ଏ ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ହେବେ ନାହିଁ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।
୧୧. ନିଜେ ଆବେଦନକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଆବେଦକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନଫର୍ମ ସଠିକ ଭାବେ ପୂରଣ କରି ତା.୨୭/୦୧/୨୦୨୬ ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର–୭୫୧୦୧୪ରେ ଦାଖଲ କରିପାରିବେ । ଲଫାପା ଉପରେ କେଉଁ ବର୍ଷର ସମ୍ମାନ ପାଇଁ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଅନୁରୋଧ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବନାହିଁ ।
୧୨. ଆବେଦନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Web-site: https://culture.odisha.gov.in ରେ ମଧ୍ୟ ଉପଲବ୍ଧ ଅଟେ ।

OIPR- **ସ୍ୱା./–ନିର୍ଦ୍ଦେଶକ ତଥା ଶାସନ ସଚିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

## OFFICE OF THE CHIEF ENGINEER, MEGALIFT, BHUBANESWAR
Plot No. : A-8/2, 1st Floor, Bhoi Nagar, Bhubaneswar - 751022 (Odisha)
ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବୃହତ୍ ଉଠା ଜଳସେଚନ, ଭୁବନେଶ୍ୱର
ପ୍ଲଟ ନଂ : ଏ–୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର – ୭୫୧୦୨୨ (ଓଡ଼ିଶା)
E-mail : cemlpwr.od@gmail.com ☎ - 91-0674-2567252
-91-0674-2567258
No. 286/Dated. 09.01.2026
### Tender Cancellation Notice
Bid Identification No.5ML/2025-26
**No.A-1265** : The tender for the work "Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having Command area between 500 Ha. to 2000 Ha. in Cluster No.XXXVIII in the district of Keonjhar & Mayurbhanj including its distribution network, up to 1 Ha Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fifteen years "invited vide Bid Identification No. 5ML/2025-26 is hereby cancelled due to administrative reasons.

OIPR- **Sd./- Chief Engineer, Megalift Bhubaneswar**

## OFFICE OF THE DIVISIONAL FOREST OFFICER: PURI (WL) DIVISION
Phone No.06752-228281 (Office) Email:dfo.puriwl@odisha.gov.in
Notice No.01/4F/BMC/12/2025, Dated 05th January, 2026
No.MM-476:
### NOTICE
CANCELLATION OF EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA
The Notice No.02/2025-26 dt.06.12.2025 inviting the EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA is hereby cancelled due to administrative reasons.

OIPR- **Sd./- Divisional Forest Officer Puri (WL) Division, Puri**

## District Mineral Foundation Trust
Angul, Odisha, PIN-759122
Tele : 06764-230745 / E-mail : dmfangul@gmail.com
Notice No.-82 Date : 12.01.2026
### Corrigendum Notice
**Ref.: EoI No.1099/DMFT dated 20.12.2025.**
**No:CAD-2993** : The details of the corrigendum / revision made in the terms & conditions of the EoI for **"Empanelment of Central/ State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notice from the website: www.angul.odisha.gov.in. The last date for receipt of the bid document is 10.02.2026 (05.30 P.M.). Documents are to be submitted through Speed Post/ Registered Post (India Post) only.

OIPR- **Sd./- Collector & Chairperson - cum- Managing Trustee, DMFT, Angul**

## OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN- 764059
E-mail-muncipalityngpr@gmail.com
No. 136 Date. 12.01.2026
### Quotation Call Notice
**No.C-2071** : Sealed Quotations are invited from the intending Agency / Firm/ Suppliers /Manufactures having MSME certificate/GSTN clearance certificate, PAN Card & dealership Certificate etc. for Supply of Water Pump Set having reputed brand /company for Nabarangpur Municipality. The quotation is to be received by the undersigned on or before 5.00 P.M on dated 22.01.2026 through registered post/ speed post / hand delivery At- Nabarangpur Municipality, Po/ PS-Nabarangpur, Dist- Nabarangpur and PIN-764059 within the working hour from 10.00 A.M to 5.00 P.M(dated. 15.01.2026 to 22.01.2026). The rate should be inclusive of all taxes. The quotation will be opened on dt.27.01.2026 at 11.00 A.M in the office premises in presence of the Bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotation may contact to the Nabarangpur Municipality Office within the official working hour (Mobile No.8249255900). Details may accessed and quotation details can be downloaded from the website : https://www.nawarangpurm.in/ and https://www.nabarangpur.odisha.gov.in/en/tender.

OIPR- **Sd./- Executive Officer, Nabarangpur Municipality**

## OFFICE OF THE MUNICIPAL COUNCIL, BHADRAK
No.C-2054
Tel. No.06784-251519 (O) & No.06784-251221
e-mail : bhadrakm.hud@od.gov.in & eobdkmunicipality@gmail.com
No.67 Dt.09.01.2026
### QUOTATION CALL NOTICE
1. Name of the work : Supply of Animal Rescue Vehicle with Hydraulic Lifting facility to Bhdrak Mnunicipality
2. Date of sale/download of bid document : From 03.30 P.M. of dtd.13.01.2026 up to 1.00 P.M. of dt.28.01.2026
3. Last date & time of receipt of bid documents : Up to 4.00 P.M. of dt.29.01.2026
4. Date and time of opening of bid documents : At 4.00 P.M. of dt.30.01.2026
5. Mode of deposit towards cost of : Rs.6000.00 (In shape of DD in favour of the Executive Officer, Bhadrak Municipality to be drawn at Bhdrak should be attached with Bid document)
6. Mode of deposit towards EMD : Rs.25,000.00 (In shape of Fixed Deposit Receipt pledged in favour of the Executive Officer, Bhdrak Municipality should be attached with Bid document)
7. Name and address of the Officer Inviting quotation : Executive Officer, Bhadrak Municipality

Further details can be had from the website of Bhadrak District Website www.Bhadrak.odisha.gov.in & website of Bhdrak Municipality www.bhadrakmunicipality.nic.in from 03.30 PM of dtd.12.01.2026 up to 1.00 P.M. of dt.28.01.2026

OIPR- **Sd./- Executive Officer Bhadrak Municipality**

## OFFICE OF THE MUNICIPAL COUNCIL, TALCHER
DIST :- ANGUL
Phone No.- (06760) 240259 E-Mail ID: e.o.talcher@gmail.com
No. 166 / Date.12.01.2026
### QUOTATION FOR AUCTION CALL NOTICE
**No.C-2069** : The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Municipality Old Vehicle & other scrapped items under Talcher Municipality"**. The prescribed auction schedule can be obtained from the Cash Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash in favour of the Executive Officer, Talcher Municipality from date **13.01.2026** to date **22.01.2026** up to **04.00 PM.** during office hour except holidays.
The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **27.01.2026** up to **01.30 PM.** and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.
All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

OIPR- **Sd./- Executive Officer Talcher Municipality**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଦ୍‌ରେ ଅଟଳ ବାଂଲାଦେଶ

**ନୂଆଦିଲ୍ଲୀ,୧୩।୧**

ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ପରେ ଆରମ୍ଭ ହୋଇଥିବା ବିବାଦ କାରଣରୁ ଦୁଇ ପଡ଼ୋଶୀ ଦେଶର ପାରସ୍ପାରିକ ସମ୍ପର୍କରେ ତିକ୍ତତା ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ପକ୍ଷରୁ ଭାରତରେ

## ଭେନ୍ୟୁ ପରିବର୍ତ୍ତନ ବିବାଦ

ସୁରକ୍ଷାକୁ ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ବାଂଲାଦେଶ ଦଳ ଭାରତ ଟ୍ରାଭେଲ କରିବାକୁ ରାଜି ନ ଥିବା ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପ୍ରକାଶ କରିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ଆଇସିସି ଓ ବିସିବି ମଧ୍ୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ବୈଠକ ବସିଥିଲା।

ଏହି ଭିଡିଓ କନ୍‌ଫରେନ୍ସରେ ବିସିବି ପକ୍ଷରୁ ସଭାପତି ଅମିନୁଲ ଇସ୍ଲାମ, ଉପସଭାପତି ଶେଖାୱତ୍ ହୋସେନ ଓ ଫାରୁକି ଅହମଦ, କ୍ରିକେଟ ଅପରେସନ୍ସ କମିଟିର ଚେୟାରମ୍ୟାନ ଓ ଡାଇରେକ୍ଟର ନଜମୁଲ ଆବେଦିନ ଓ ସିଇଓ ନିଜମ ଉଦ୍ଦିନ ଚୌଧୁରୀ ସାମିଲ ଥିଲେ। ଆଲୋଚନା ବେଳେ ସୁରକ୍ଷାଗତ କାରଣରୁ ଭାରତ ଟ୍ରାଭେଲ କରିବା ସମ୍ପର୍କରେ ନିଜର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବନାହିଁ ବିସିବି ଦୋହରାଇଥିଲା। ଏଥିସହିତ ବାଂଲାଦେଶର ମ୍ୟାଚ୍‌କୁ ଭାରତ ବାହାରକୁ ନେବା ପାଇଁ ଆଇସିସି ନିକଟରେ ପୁଣିଥରେ ଅନୁରୋଧ କରିଥିଲା। ହେଲେ ଟୁର୍ନାମେଣ୍ଟ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଥିବାରୁ ବିସିବିକୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଆଇସିସି ପକ୍ଷରୁ କୁହାଯାଇଥିଲା। ଶେଷରେ ଉଭୟ ପକ୍ଷ ସମ୍ଭାବ୍ୟ ସମାଧାନ ଲାଗି ଆଲୋଚନା ଜାରି ରଖିବାକୁ ରାଜି ହୋଇଥିବା ନେଇ ବିସିବି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିସିବି ଉପସଭାପତି ଶେଖାୱତ୍ କହିଛନ୍ତି, ଭେନ୍ୟୁ ସ୍ଥାନାନ୍ତରକୁ ନେଇ ହୋଇଥିବା ନିଷ୍ପତ୍ତିରେ ଆମେ ଅଟଳ ରହିଛୁ। ଆମେ ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବୁ ନାହିଁ। ଆମେ ଭାରତ ଯାଉନାହୁଁ। ଆମେ ଆମ ପକ୍ଷ ରଖିସାରିଛୁ ଏବଂ ସେମାନେ ବିକଳ୍ପ ଖୋଜୁଛନ୍ତି। ଏବେ ବି ଆଲୋଚନା ଲାଗି ବାଟ ଖୋଲାରହିଛି। ଆମେ ଏକ ସକାରାତ୍ମକ ଫଳାଫଳ ଲାଗି ଆଶାବାଦୀ। ଟୁର୍ନାମେଣ୍ଟକୁ ଅଧିକ ସମୟ ନାହିଁ। ଏଣୁ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ।

# ଭାରତ ବିପକ୍ଷ ସିରିଜ୍ ପରେ ଅବସର ନେବେ ହିଲି

**ସିଡ୍‌ନୀ, ୧୩।୧(ପି.ଟି.)**

ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସା ହିଲି ମାର୍ଚ୍ଚରେ ଭାରତ ବିପକ୍ଷ ଘରୋଇ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ଏହି ୩୫ ବର୍ଷୀୟା କ୍ରିକେଟର ଶେଷଥର ପାଇଁ ପର୍ଥଠାରେ ଏକମାତ୍ର ମହିଳା ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁକେରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବାରୁ ସେ ଭାରତ ବିପକ୍ଷ ଟି୨୦ରେ ଖେଳିବେ ନାହିଁ।



କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୬ରୁ ୨୧ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଗଜପତି, ଢେଙ୍କାନାଳ, ମାଲକାନଗିରି, ମୟୂରଭଞ୍ଜ ବିଜୟୀ

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଗଜପତି, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ମାଲକାନଗିରି ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଗଜପତି ୧୩ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୪୨.୧ ଓଭରରେ ୨୬୫ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜେମ୍ସ ଲିମା ୮୦ ଓ ତନିଶ ମଲିକ ୫୬ ରନ କରିଥିଲେ। ବିପକ୍ଷ ଦଳର ଶ୍ରେୟାଂଶ ପୂଜାରୀ ୩ ଓ ଯୁବରାଜ ସିଂ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୩.୨ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ୱାସିଲ ଖାନ୍ ୯୭ ରନ କରିଥିଲେ। ଗଜପତି ପକ୍ଷରୁ କୋଲି ଭିଗେଶ ଓ ଜେମ୍ସ ଲିମା ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜେମ୍ସ ଲିମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୁରାଙ୍ଗ ଶାସନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ

## ଆନ୍ତଃ ଜିଲା ସ୍କୁଲ କ୍ରିକେଟ

ବରଗଡ଼ ବିପକ୍ଷରେ ଢେଙ୍କାନାଳ ୪ଉଇକେଟରେ ବିଜୟ ଲାଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୩୫ ଓଭରରେ ୧୧୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶିତେସ ବନ୍‌ଜାରା ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର କ୍ରୁଶାନ୍ତ ବେହେରା ୫ ଓ ସୁରଜ ତରାଇ ୪ଉଇକେଟ ଅକ୍ତିଆର କରିଥିଲେ। ଢେଙ୍କାନାଳ ୨୭.୫ ଓଭରରେ ୬ ଉଇକେଟ ବିନିମୟରେ ୧୧୯ ରନ କରି ମ୍ୟାଚ ଜିତିନେଇଥିଲା। ଟପ୍ ସ୍କୋରର ଯଶରାଜ ପଟ୍ଟନାୟକ ୩୩ ରନ କରିଥିଲେ। ସେହିପରି ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୮୧ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଶୁଭାଦିତ୍ୟ ପଣ୍ଡାଙ୍କ ଅପରାଜିତ ୮୯ରନ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୭ଉଇକେଟ ବିନିମୟରେ ୧୯୧ ରନ କରିଥିଲା। ଜବାବରେ ସମ୍ବଲପୁର 'ଏ' ୨୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ କରିଥିଲେ। ଏଥିରେ ଶୁଭାଦିତ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୂଳାପଡ଼ିଆ (ଟାଉନ କ୍ଲବ)ଠାରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ବିପକ୍ଷରେ ପୁରୀ ୮ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩୪ ଓଭରରେ ୧୨୬ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ ପୁରୀ ୧୭.୫ ଓଭରରେ ୨ ଉଇକେଟ ବିନିମୟରେ ୧୨୭ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ସୋଆ କ୍ରିକେଟ ଗ୍ରାଉଣ୍ଡରେ ମାଲକାନଗିରି ୨୫ ରନରେ କିଟ୍‌କୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ୩୨.୪ ଓଭରରେ ୧୧୦ରନ କରି ଅଲଆଉଟ ହୋଯାଇଥିଲା। ଜବାବରେ କିଟ୍ ୩୫.୫ ଓଭରରେ ମାତ୍ର ୮୫ ରନ କରି ଅଲଆଉଟ ହୋଇଯାଇଥିଲା। ଗତିରାଉତ ପାଟଣାଠାରେ ଖେଳାଯାଇଥିବା ମ୍ୟାଚରେ ଦେଓଗଡ଼ ବିପକ୍ଷରେ ମୟୂରଭଞ୍ଜ ୮୨ରନରେ ବିଜୟ ହାସଲ କରିଛି। ମୟୂରଭଞ୍ଜ ୩୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ ଦେଓଗଡ଼ ୩୧.୩ ଓଭରରେ ୧୧୩ରନ କରି ଅଲଆଉଟ ହୋଇଯାଇଥିଲା।

# ମିଲୋସ ରାଓନିକ୍‌ଙ୍କ ଅବସର

**ଓଟାୱା, ୧୩।୧(ଏପି)**



ପୂର୍ବତନ ୱିମ୍ବଲଡନ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ନେଇଛନ୍ତି। ରାଓନିକ୍ କାନାଡାର ପ୍ରଥମ ଖେଳାଳି ଭାବେ ୨୦୧୬ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ରୋଜର ଫେଡେରରଙ୍କୁ ୬-୩, ୬-୭, ୪-୬, ୭-୫, ୬-୩ରେ ହରାଇ ଦେଇଥିଲେ। ଫାଇନାଲରେ ସେ ଆଣ୍ଡି ମୁରେଙ୍କଠାରୁ ପରାଜିତ ହୋଇଥିଲେ। ସେହିବର୍ଷ ସେ ଆହୁରି ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିବର୍ଷ ସେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍‍ୟାଙ୍କିଙ୍ଗ୍‌କୁ ଉନ୍ନୀତ ହୋଇପାରିଥିଲେ। ଲମ୍ବା ସର୍ଭିସ୍ କରିପାରୁଥିବା ରାଓନିକ୍ ତାଙ୍କ ସମର୍ଥକଙ୍କ ନିକଟରେ 'ମିଜାଇଲ' ନାମରେ ପରିଚିତ ଥିଲେ। ୨୦୧୧ରେ ପ୍ରଫେସନାଲ ଖେଳାଳି ଭାବେ ପରିଣତ ହେବାପରେ ୮ ଏଟିପି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ।

# ବଧିର ଦିନିକିଆ ଟ୍ରାଇ ସିରିଜ୍: ଓଡ଼ିଶା ରନରଅପ୍



ରନରଅପ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

ଓଡ଼ିଶା ଡିଫ୍ କ୍ରିକେଟ୍ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅନୁଗୋଳର ଓଏଫ୍‌ଆର୍‌ସି ଷ୍ଟାଡିୟମରେ ଦିନିକିଆ ଟ୍ରାଇ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଅଂଶଗ୍ରହଣ କରିଥିବା ତୃତୀୟ ଦଳ ହେଲା ଆନ୍ଧ୍ରପ୍ରଦେଶ। ୪୦ ଓଭରବିଶିଷ୍ଟ ଫାଇନାଲରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଓଡ଼ିଶା ଦଳ ୩୨ ଓଭରରେ ୧୬୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦୀପକ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍, ସିରିଜ୍ ଓ ଶ୍ରେଷ୍ଠ ବୋଲର ଏବଂ ଗଜରାଜ ସ୍ୱାମୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଏସ୍‌ଏସ୍‌ଓ(ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର) ତ୍ରିଭିଶେଷ ଦଳବେହେରା ମୁଖ୍ୟ ଅତିଥି, ଜିନ୍ଦଲ ଫାଉଣ୍ଡେଶନ ଜିଏମ୍ ସିଏସ୍‌ଆର ଜୟନ୍ତ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ଆଶୁତୋଷ ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିସିଏ ସାଧାରଣ ସମ୍ପାଦକ ତଥା ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଉପସଭାପତି ସାଗରକାନ୍ତ ସେନାପତି, ସିଇଓ ଶର୍ମିଳା ସୁବ୍ରମଣ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ସିରିଜ୍ ଅନୁଷ୍ଠିତ ହୋଇଥିଲା।


# Classified Everyday

0674-2580101, 9692975378



MATRIMONIAL

GROOM WANTED

ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074





All types of physiotherapy and massage. Contact: 9556924059/ 7656969134. D-3075

## LOST

Extract of GD No. 021 dated 11.01.2026 of Sunabeda Police Station, I, Geeta Tripathy (50), wife of Pranaya Tripathy, resident of Kakigan Road, P.S.- Sunabeda, District- Koraput declare that my sale deed relating to Kakigan Mauza, Plot Nos. 1359/1517/1483, Khata Nos. 130/1373, is not traceable. Matter is entered in GD for future reference. D-3096

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Bhubaneswar, Date- 08.01.2026, I, Soumyaranjan Barik, At- Bariksahi, P.O.- Dharmadaspur, VTC- Gunupur, Sub District- Mahanga, Dist.- Cuttack, PIN- 754204, Odisha, India declare that I have changed the name of my daughter from PUJA BARIK to PRITIMANJARI BARIK. Henceforth, she shall be known as PRITIMANJARI BARIK for all purposes.
Soumyaranjan Barik
D-3097

I, Pranati Rout, W/o. Late Suresh Kumar Rout, At/P.O.- Kanapura, P.S.- Kamakhyanagar, Dist.- Dhenkanal solemnly declare that by the affidavit before the Executive Magistrate, Dhenkanal, my surname has been changed from Pranati Samal to Pranati Rout. Henceforth, I shall be known as PRANATI ROUT for official & all other purposes. D-3098

I hitherto known as Sunita Bhanja, D/o. Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunitha Bhanjdeo. D-3099

I hitherto known as Sunil Kumar Bhanja, S/o Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunil K Bhanjdeo. D-3100

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai, 71 yrs, S/o.- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak do hereby solemnly declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I declare that Narayan Ghadai and Narayan Chandra Ghadai is one and same person. D-3101

By virtue of an affidavit sworn before in the Court of Executive Magistrate, Pipili, dated- 26.11.2025 I, Digbijaya Behera, S/o.- Dibakar Behera, At/P.O.- Laxminarayanpur, P.S.- Pipili, Dist.- Puri, Odisha- 752104 declare that I have changed my name from Digbijay Behera to Digbijaya Behera. Henceforth, I shall be known as Digbijaya Behera for all purposes.
Digbijaya Behera
D-3102

## LEGAL NOTICE

IN THE COURT OF THE JUDGE, FAMILY COURT, BALANGIR
C.P. (MAT) NO.10 OF 2025
Rajkishor Pani ......Petitioner
VERSUS
Geetanjali Pani .....Respondent
NOTICE UNDER ORDER 5 RULE 20(1) OF CPC
To
Geetanjali Pani, W/o. Rajkishor Pani, D/o. Prasanna Kumar Mishra, aged about 39 years, Occupation: Private Teacher, resident of Indra Nagar, Balangir Town, P.O.- Balangir, P.S./Civil Judgeship & Dist.- Balangir, PIN- 767001 (Odisha), At Present residing at Village Bagbahali, P.O.- Khari, P.S.- Tarva, Civil Judgeship & Dist.- Subarnapur (Odisha).

Take notice that the petitioner Rajkishor Pani has filed a proceeding under section 13 of Hindu Marriage Act against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 27.01.2026 and in default of your appearance on the day as mentioned, the proceeding will be heard and determined in your absence.

Given under my hand and the seal of court this 23rd day of December 2025.
By order
Sd/- Judge Family Court, Balangir
D-3095

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ. ଡା. ନଟବର ନାୟକ
(ହୋମିଓପ୍ୟାଥି)
ଜଗତ୍‌ସିଂହପୁର
ଆବିର୍ଭାବ- ୦୪।୧୧।୧୯୩୭
ତିରୋଧାନ- ୦୫।୦୨।୨୦୨୪
ଆପଣ ଏକାଧାରାରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥି ଚିକିତ୍ସାରେ ମାନବ ସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥି ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ବନ୍ଧୁ ଓ ପରିବାରବର୍ଗ
D- 3103

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଅଭିରାମ ନାୟକ
ରାଧାରମଣ କଲୋନି, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ- ୧୨।୦୮।୧୯୬୩
ତିରୋଧାନ- ୨୧।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇ ରହିବ। ଚଳିତ ମାଘ ମାସ ତା.୧୪।୦୧।୨୦୨୬ ବୁଧବାର ମକର ସଂକ୍ରାନ୍ତି ଦିନ ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ଅକ୍ଷୟ କୁମାର ନାୟକ, ସଞ୍ଜୁ, ମାମାଲି, ମଳୟ, ସ୍ତ୍ରୀ- ରଞ୍ଜିତା, ପୁତ୍ର- ଆକାଶ, କପିଳା ଓ ଆତ୍ମୀୟସ୍ୱଜନ।
D- 3102

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ଇଣ୍ଡିଆ ଓପନ କଣ୍ଡିଶନକୁ ବ୍ଲିଚଫିଲ୍ଡଙ୍କ ସମାଲୋଚନା

**ନୂଆଦିଲ୍ଲୀ,୧୩।୧**

ଗତ ବର୍ଷ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନର ପ୍ଲେଇଂ କଣ୍ଡିଶନକୁ ନେଇ ବିବାଦ ସୃଷ୍ଟି କରିଥିବା ଡେନମାର୍କ ଶଟଲର ମିଆ ବ୍ଲିଚଫିଲ୍ଡ ପୁଣି ଥରେ ପରିବେଶକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏପରିକି ଭେନ୍ୟୁରେ ପରିବର୍ତ୍ତନ ସତ୍ତ୍ୱେ ଖେଳାଳିଙ୍କ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଉଛି। ଆସନ୍ତା ଅଗଷ୍ଟରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ଭେନ୍ୟୁ ପରିବର୍ତ୍ତନ କରାଯାଇଛି।


ଅନ୍ୟ ହଲଠାରୁ ମ୍ୟାଚ୍ ଖେଳାଯାଉଥିବା ହଲ ଖୁବ ଭଲ ହେବ ବୋଲି ଆଶା ରଖିଥିଲି। କିନ୍ତୁ ଖେଳାଳିଙ୍କ ପ୍ଲେଇଂ କଣ୍ଡିସନରେ ବିଶେଷ ପରିବର୍ତ୍ତନ ଆସି ନାହିଁ। ମୋ ମତରେ ଏଠାକାର ପରିବେଶ ସମସ୍ତ ଖେଳାଳିଙ୍କ ପାଇଁ ଅସ୍ୱାସ୍ଥ୍ୟକର। ସମସ୍ତ ଖେଳାଳି ଏଠାରେ ଦୁଇଟି ପ୍ୟାଣ୍ଟ, ୱିଣ୍ଟର ଜ୍ୟାକେଟ, ଗ୍ଲୋଭ୍ସ ଓ ଟୋପି ସହ ୱାର୍ମଅପ କରୁଛନ୍ତି। ଅତ୍ୟଧିକ ଥଣ୍ଡା କାରଣରୁ ଖେଳାଳିଙ୍କ ଲାଗି ପ୍ରସ୍ତୁତି କରିବା କଷ୍ଟକର ହୋଇ ପଡ଼ିଛି ବୋଲି ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ବ୍ଲିଚଫିଲ୍ଡ କହିଛନ୍ତି।

# ପ୍ରଥମ ରାଉଣ୍ଡରେ ଭେନସ୍ ପରାଜିତ

**ହୋବାର୍ଟ (ଅଷ୍ଟ୍ରେଲିଆ), ୧୩।୧(ଏପି)**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଆରମ୍ଭ ହେବାକୁ ଏକ ସପ୍ତାହରୁ କମ୍ ସମୟ ଥିବା ବେଳେ ମଙ୍ଗଳବାର ହୋବାର୍ଟ ଇଣ୍ଟରନ୍ୟାଶନାଲରେ ଭେନସ୍ ୱିଲିୟମ୍ସ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି। ତାତ୍‌ଜାନା ମାରିଆ ତାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୪୫ ବର୍ଷୀୟା ଭେନସ୍‌ଙ୍କୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଲାଗି ଏକ ୱାଇଲ୍ଡ କାର୍ଡ ମିଳିଛି। ତାଙ୍କୁ ହୋବାର୍ଟରେ ଖେଳିବା ଲାଗି ମଧ୍ୟ ୱାଇଲ୍ଡ କାର୍ଡ ମିଳିଥିଲା, ଯେଉଁଠାରେ କି ସେ ମାରିଆଙ୍କ ବିପକ୍ଷ ମ୍ୟାଚ୍ ଦେଢ଼ଘଣ୍ଟାରେ ହାରିଯାଇଥିଲେ। ଭେନସ୍ ଗତ ସପ୍ତାହରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡଠାରେ ମଧ୍ୟ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଯାଇଥିଲେ।

## ରଜନୀଗନ୍ଧାର ଉନ୍ନତ କିସମ



ରଜନୀଗନ୍ଧା ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି ବ୍ୟାସ୍ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ମାଣ୍ଡିଆରେ ସାର ପ୍ରୟୋଗ...




ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

# ଗୋବନ୍ଧ୍ୟା ନିରାକରଣ



ଡା.ବୀରକିଶୋର ପରିଡ଼ା

"ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରି ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ।"



ସାଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା – ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା – ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମକରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି। ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣକରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଦ୍ୱିତୀୟ ଅବସ୍ଥା – ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରି ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ। ଏହାର କେତୋଟି ମୁଖ୍ୟ କାରଣ ହେଲା –

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା – ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି। କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବ୍ୟସ୍ଥା ଇତ୍ୟାଦି।

**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବ**

ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ। ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି। ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରିଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ। ଗୋପାଳକମାନେ ମନେ ରଖିବା ଉଚତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।

**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି। ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରି ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ। ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା:** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଞ୍ଚଳରେ...

### ସୋରିଷ

ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।





### ସୂର୍ଯ୍ୟମୁଖୀ

ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

### ଶାଗ

ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

### କୋବି

କୋବିଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ଏକ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।





### ତରଭୁଜ

ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

# ମାଛ ଯାଆଁଳ ଛାଡୁଥିଲେ...



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବହୁ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

# ପନିପରିବାରେ ରୋଗପୋକ ଦମନ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡୋକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି .ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



## ଧାନ ସଂରକ୍ଷଣ

ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ Bhubaneswar, Wednesday, January 14/ 2026

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ



ଭାରତୀୟ ଦଳର ଟ୍ରେନିଂ ଅବସରରେ ଅଧିନାୟକ ଶୁବମନ ଗିଲ୍।

**ରାଜକୋଟ,୧୩।୧(ପି.ଟି.)**

ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭଦୋଦରାରେ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଦଖଲ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ମାଇକେଲ ବ୍ରେସ୍‌ୱେଲଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଜବରଦସ୍ତ ଫର୍ମରେ ଥିବା ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ଏବେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ସିରିଜ୍‌ରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବର୍ତ୍ତମାନ ପଦାର୍ପଣ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ନାହିଁ। ସୁନ୍ଦରଙ୍କ ବଦଳରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିପାରେ। କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ବହୁମୁଖୀ ପ୍ରତିଭା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ସୁନ୍ଦରଙ୍କ ସ୍ଥାନରେ ଦଳ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଦଳରେ ସାମିଲ କରିବାକୁ ଚାହେଁ, ତେବେ ଧ୍ରୁବ ଜୁରେଲଙ୍କ ଭଳି ବିକଳ୍ପ ରହିଛନ୍ତି। ଏହା ବ୍ୟତୀତ ଦଳୀୟ କମ୍ବିନେଶନକୁ ନେଇ ବିଶେଷ କୌଣସି ସମସ୍ୟା ନାହିଁ।

ଭଦୋଦରାଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କୋହଲି ଅଳ୍ପକେ କ୍ୟାରିୟରର ୫୪ତମ ଦିନିକିଆ ଶତକ ହାତଛଡ଼ା କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ମିଡଲ ଅର୍ଡରର କୋଲାପ୍ସ କରିଥିଲା। ଶେଷଆଡ଼କୁ ଲୋକେଶ ରାହୁଲ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାଚ୍‌ରେ ଅଧିନାୟକ ଗିଲ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଉପଅଧିନାୟକ ଶ୍ରେୟସ ଆୟାର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ରୋହିତ ଏହି ମ୍ୟାଚ୍‌ରେ ଛୋଟିଆ ଇନିଂସ୍ ଖେଳିଥିଲେ ମଧ୍ୟ ସେ ଲୟରେ ନଜର ଆସିଥିଲେ। ଏଣୁ ମ୍ୟାଚ୍‌ରେ ରୋହିତ୍‌ଙ୍କଠାରୁ ମଧ୍ୟ ଭଲ ଇନିଂସ୍‌ର ଆଶା କରାଯାଉଛି। କିନ୍ତୁ ଭାରତୀୟ ବୋଲିଂ ବିଭାଗର ପ୍ରଦର୍ଶନରେ ଖୁବ୍ ସୁଧାରର ଆବଶ୍ୟକତା ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍ପିନରମାନେ ଦଳକୁ ଉଇକେଟ ପ୍ରଦାନ କରିବାରେ ସଂଘର୍ଷ କରିଥିଲେ। କେବଳ ଯୁବ ପେସରମାନେ ଦଳକୁ ଆବଶ୍ୟକ ସମୟରେ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। କୋଟ୍‌ଲା ପିଚ୍‌ରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅଳ୍ପକେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଲାଗି ଅନେକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଡେଭନ କନ୍‌ୱେ ଓ ହେନରୀ ନିକୋଲାସ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିବା ବେଳେ ନଂ-୪ ଡାର୍ଲି ମିଚେଲ ବିସ୍ଫୋରକ ୮୪ ରନ୍‌ର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୩୦୦ ରନ୍ ସ୍କୋର କରିପାରିଥିଲା। ମିଚେଲ ହେ ଓ କ୍ରିଷ୍ଟିଆନ କ୍ଲାର୍କ ଦଳକୁ ବିସ୍ଫୋରକ ଫିନିଶିଂ ପ୍ରଦାନ କରିଥିଲେ। ବୋଲିଂରେ କାଏଲ ଜେମିସନ ୪ ଉଇକେଟ ନେଇ ଏକଦା ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର (ଉପଅଧିନାୟକ), ଲୋକେଶ ରାହୁଲ (ଉଇକେଟ୍‌କିପର), ଧ୍ରୁବ ଜୁରେଲ/ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ରେକର୍ଡ ଅପେକ୍ଷାରେ ବିରାଟ କୋହଲି



**ରାଜକୋଟ,୧୩।୧:** ଫୁଲ୍ ଫର୍ମରେ ଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇପାରନ୍ତି। କୋହଲି ଗତ ୫ ମ୍ୟାଚ୍‌ରେ ୫ଥର ୫୦ରୁ ଅଧିକ ସ୍କୋର କରିଛନ୍ତି। ଏହି ଧାରା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। କୋହଲି ଏବେ ଲଗାତର ୫ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାଭିଡ୍, ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ସହ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରନ୍ତି, ତେବେ ସେ କେନ୍ ୱିଲିୟମସନ, ଶାଇ ହୋପ୍, ବାବର ଆଜାମ, ପଲ ଷ୍ଟିର୍ଲିଂ, ରସ୍ ଟେଲର ଓ କ୍ରିସ୍ ଗେଲ୍‌ଙ୍କ ସମକକ୍ଷ ହେବେ। ତେବେ ଲଗାତର ସର୍ବାଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବା ରେକର୍ଡ ପାକିସ୍ତାନର ଜାଭେଦ ମିଆଁଦାଦ୍(୯ଟି ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଲଗାତର ୭ ଅର୍ଦ୍ଧଶତକ ସହ ଇମାମ୍-ଉଲ୍-ହକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ସୌରାଷ୍ଟ୍ର-ପଞ୍ଜାବ, ବିଦର୍ଭ-କର୍ନାଟକ

**ବେଙ୍ଗାଲୁରୁ,୧୩।୧**

**ବିଜୟ ହଜାରେ ଟ୍ରଫି ସେମିଫାଇନାଲ**

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ପଞ୍ଜାବ ଓ ବିଦର୍ଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ହେବାକୁଥିବା ପ୍ରଥମ ସେମିଫାଇନାଲରେ କର୍ନାଟକ-ବିଦର୍ଭ ଓ ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲରେ ସୌରାଷ୍ଟ୍ର-ପଞ୍ଜାବ ପରସ୍ପରକୁ ଭେଟିବେ।

ମଙ୍ଗଳବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୩୦୦ ରନ୍ କରିଥିଲା। ଦଳ ପାଇଁ ଯଶ୍ ରାଥୋଡ୍ ୮୬, ଅର୍ଥବ ତାଇଡେ ୬୨ ଓ ଧ୍ରୁବ ଶୋରେ ୪୯ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅନୁଜ ରାୱତ୍ ୬୬ ରନ୍ କରିଥିବା ବେଳେ ବିଦର୍ଭ ପକ୍ଷରୁ ନଚିକେତ ଭୁଟେ ୪ ଓ ଅଧିନାୟକ ହର୍ଷ ଦୁବେ ୩ଟି ଉଇକେଟ ନେଇଥିଲେ। ସେହିପରି ୪ର୍ଥ କ୍ୱାର୍ଟର ଫାଇନାଲରେ ପଞ୍ଜାବ ୧୮୩ ରନ୍‌ର ବଡ଼ ବ୍ୟବଧାନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୫୦ ଓଭରରେ ୬ ଉଇକେଟ ହରାଇ ୩୪୫ ରନ୍ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା।

# ମହାବୀର ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

**ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍**

ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମା'ମଙ୍ଗଳା ଦଳକୁ ୩୩-୩୩(୬-୪)ରେ ହରାଇ ମହାବୀର ୱାରିୟର୍ସ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୁଶାନ୍ତ ରାଉତ ଓ ସାରଦା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିଙ୍କି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆଗାମୀ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ କବାଡ଼ି ଲିଗ୍ ଆୟୋଜନ କରାଯିବ ବୋଲି କ୍ଲବ୍ ସଭାପତି ସୁବାସ ପରିଡ଼ା ପ୍ରକାଶ କରିଛନ୍ତି।




ଚାମ୍ପିୟନ ମହାବୀର ୱାରିୟର୍ସ ଦଳର ଖେଳାଳିମାନେ ଅତିଥିଙ୍କ ସହ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ